

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୩ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 03 October 2024

Vol.No. 35 ■ No.265 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଘନଉଛି ତୃତୀୟ ବିଶ୍ୱଯୁଦ୍ଧ ଆଶଙ୍କା !

## ଲଢ଼େଇକୁ ନେଇ ଚିନ୍ତାରେ ଭାରତ



ନୂଆଦିଲ୍ଲୀ, ୨/୧୦ : ଇରାନ-ଇସ୍ରାଏଲ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ବିଶ୍ୱଯୁଦ୍ଧର ରୂପ ନେବା ନେଇ ଦେଖାଦେଇଛି ଆଶଙ୍କା । ଆମେରିକାର ଏଣ୍ଟ୍ରି ପରେ ଏବେ ନିଜ ସମର୍ଥନରେ ମୁସଲିମ୍ ଦେଶମାନଙ୍କୁ ଏକାଠି କରୁଛି ଇରାନ । ଏବେ ମିସାଇଲ ଓ ବୋମାମାଡ଼ କରି ନିଜ ନିଜ ଶକ୍ତି ପ୍ରଦର୍ଶନ କରିବେ ବିଭିନ୍ନ ଦେଶ । ଯଦି ଏବେଠୁ ଏହାର ସମାଧାନ ନ ହୁଏ ତେବେ ତୃତୀୟ ବିଶ୍ୱଯୁଦ୍ଧ ଦେଖିବେ ବିଶ୍ୱବାସୀ । ତେବେ ନଜର ପକାନ୍ତୁ କେଉଁ କେଉଁ ଦେଶ ମଧ୍ୟରେ ହେବ ଲଢ଼େଇ ? କାହା ସପକ୍ଷରେ ବାହାରିବେ କେଉଁ ଦେଶ ? ଇରାନ-ଇସ୍ରାଏଲ ମଧ୍ୟରେ ତିକ୍ତତାକୁ ନେଇ ଚିନ୍ତା ପ୍ରକାଶ କରିଛି ଭାରତ । ଇରାନର ଆକ୍ରମଣ ପରେ ବୈଦେଶୀକ ମନ୍ତ୍ରୀ ଏସ୍ ଜୟଶଙ୍କର ଗୁରୁତ୍ୱପୂର୍ଣ୍ଣର୍ ବୈଠକ ଡାକିଛନ୍ତି । ଅନ୍ତର୍ଜାତୀୟ ନିୟମ ପାଳନ ସହ ସାଧାରଣ ଲୋକଙ୍କୁ କ୍ଷତି ନପହଞ୍ଚାଇବାକୁ ସେ ଅପିଲ କରିଛନ୍ତି । ଉଭୟ ଦେଶମଧ୍ୟରେ ମହାଯୁଦ୍ଧ ଆଶଙ୍କା ଥିବାରୁ ଇସ୍ରାଏଲ ଓ ଇରାନରେ ରହୁଥିବା ଭାରତୀୟଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଭାରତ ସରକାରଙ୍କ ପକ୍ଷରୁ ୨୪ ଘଣ୍ଟିଆ ହେଲ୍ପଲାଇନ ନମ୍ବର ଜାରି ହୋଇଛି । ଆବଶ୍ୟକ ନଥିଲେ ବାହାରକୁ ନବାହାରିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି । ଲେବାନନକୁ ନେଇ ମୁହାଁମୁହିଁ ହୋଇଛନ୍ତି ବିଶ୍ୱର ଦୁଇ ମହାଶକ୍ତି । ସୈନ୍ୟ ଶକ୍ତିରେ ଇରାନ ୧୪ତମ ସ୍ଥାନରେ ଥିବା ବେଳେ ଇସ୍ରାଏଲ ୧୭ ତମ ସ୍ଥାନରେ ରହିଛି । ତେବେ ଉଭୟ ଦେଶ ସପକ୍ଷରେ ଆମେରିକା ସମେତ ଅନ୍ୟ ଦେଶମାନେ ଯୁଦ୍ଧକୁ ବାହାରିବାକୁ ପ୍ରସ୍ତୁତ ହେଉଥିବାରୁ ଏହା ମହାଯୁଦ୍ଧର ରୂପ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

ତେହେରାନ: ଇସ୍ରାଏଲର ଆକ୍ରୋଶ ସତ୍ତ୍ୱେ ଦୀର୍ଘ ଦିନ ଧରି ସଂଯମତା ଦେଖାଇଥିବା ଇରାନ ମଙ୍ଗଳବାର ରାତିରେ ୨୦୦ ପାଖାପାଖି କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲା । ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ କ୍ରୋଧିତ ହୋଇଛି ଏବଂ ଇରାନ ଉପରେ ପ୍ରତିଶୋଧ ନେବାକୁ ଧମକ ଦେଇଛି । ଏକ ବଡ଼ ସମ୍ଭାବନା ଅଛି ଯେ ବର୍ତ୍ତମାନ ଇସ୍ରାଏଲର ପରବର୍ତ୍ତୀ ଲକ୍ଷ୍ୟ ଇରାନର ଆଣବିକ ସ୍ଥଳ ହୋଇପାରେ । ଇସ୍ରାଏଲ୍ ଦ୍ୱାରା ଏହା ଏପରି ପଦକ୍ଷେପ ହେବ, ଯାହା କେବଳ ବିବାଦକୁ ଭୟଙ୍କର କରିବ ନାହିଁ ବରଂ ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ନେଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ମିରର ଡଟ୍ ୟୁକେର ରିପୋର୍ଟ ଅନୁଯାୟୀ, ଇରାନ ଇସ୍ରାଏଲର ଆଣବିକ ସ୍ଥାନ ଉପରେ ହୋଇଥିବା ଆକ୍ରମଣକୁ ଏକ ବିପଦ ଭାବରେ ଆଶଙ୍କା କରୁଛି । ଆଣବିକ ଅସ୍ତ୍ର ହାସଲ କରିବାର ଇରାନର ସ୍ୱପ୍ନ ବହୁତ ପୁରୁଣା । ଏଭଳି ପରିସ୍ଥିତିରେ ଇରାନ ଏଭଳି ଆକ୍ରମଣ ପରେ ପଛକୁ ଫେରିପାରିବ ନାହିଁ ।

▶▶ପୃଷ୍ଠା ୭

## ନବୀନଙ୍କ ୨୪ ବର୍ଷର ହିସାବ ମାଗିଲା ବିଜେପି




ଭୁବନେଶ୍ୱର, ୨/୧୦ (ନି.ପ୍ର): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ହିସାବ ମାଗିଲେ ବିଜେପି ସଭାପତି ମନମୋହନ ସାମଲ । ନବୀନବାବୁ ୨୪ ବର୍ଷର ହିସାବ ଦିଅନ୍ତୁ ବୋଲି ସେ କହିଛନ୍ତି । ବିଜେଡିର ଜନ ସମ୍ପର୍କ ପଦଯାତ୍ରାକୁ ନେଇ ଆଜି ଏପରି କହିଛନ୍ତି ଶ୍ରୀ ସାମଲ୍ । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସାମଲ୍ କହିଛନ୍ତି, ବନୀନ କେତେ ପ୍ରତିଶ୍ରୁତି ଦେଇଥିଲେ, କେତେ ପୂରଣ କରିଛନ୍ତି ? ତାହାର ହିସାବ ଦିଅନ୍ତୁ । ବିଜେପି ଯାହା ପ୍ରତିଶ୍ରୁତି ଦେଇଥିଲା, ତାହା ପୂରଣ କରିଛି । ଯଦି ନବୀନ ଏହାକୁ ମିଛ କହୁଛନ୍ତି, ତା'ହେଲେ ସ'ତ କଣ କୁହନ୍ତୁ । ସୁଭଦ୍ରା, ଧାନର ଏମ୍‌ଏସ୍‌ପି ବୃଦ୍ଧି, ରତ୍ନଭଣ୍ଡାର, ଭତ୍ତା ପ୍ରତିଶ୍ରୁତି ପାଳିଛୁ । ୧୦୦ ଦିନରେ ଏହା ଟ୍ରେଲର, ଆଗକୁ ଫିଲ୍ମ ବାକି ଅଛି ବୋଲି ମନମୋହନ ସାମଲ କହିଛନ୍ତି । ସେ ଆହୁରି କହିଛନ୍ତି, ବିଜେପିରେ ମିଶିବା ପାଇଁ ବହୁ ବିଜେଡି ନେତା ଆବେଦନ କରିଛନ୍ତି । ବିଜେଡି ଖାଲି ହୋଇଯିବ । ନବୀନଙ୍କ ନିର୍ବାଚନ ମଣ୍ଡଳୀରୁ ପଞ୍ଚାୟତ ପ୍ରତିନିଧି ବିଜେପିରେ ମିଶିଲେ । ୨ ରାଜ୍ୟସଭା ସାଂସଦ ମିଶିଲେ, ଆଗକୁ ଆହୁରି ଅନେକ ନେତା ମିଶିବେ । ସେମାନେ ନିଜ ଇଚ୍ଛାରେ ବିଜେପିରେ ମିଶିବାକୁ ନିବେଦନ କରୁଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି ।

## ରାଜଧାନୀ ଲଜ୍ଜା

## ବନ୍ଧା ହେଲେ ଦୁଇ ଦୁଷ୍କର୍ମ ଅଭିଯୁକ୍ତଙ୍କ ସମେତ ୩



ଭୁବନେଶ୍ୱର, ୨/୧୦ (ନି.ପ୍ର): ଦୁଇ ଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଘଟିଥିଲା ଲଜ୍ଜା ଜନକ ଘଟଣା । ବିଳମ୍ବିତ ରାତିରେ ଘରେ ପଶି ଦୁଇ ଅଭିଯୁକ୍ତ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ତାଙ୍କ ଝିଅ ଆଗରେ ଗଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ସମ୍ମୁଖକୁ ଆସିବା ପରେ ରାଜଧାନୀରେ ହଇଚଇ ସୃଷ୍ଟି ହୋଇଥିଲା । ଆଉ ସମାଲୋଚନାରେ ଶିକାର ହୋଇଥିଲା କମିଶନରେଟ୍ ପୁଲିସ୍ । ରାଜଧାନୀରେ ନାରୀ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠିଥିଲା । ନାନା ସମାଲୋଚନାରେ ଶିକାର ହେବା ପରେ ଆଜି ପୁଲିସ୍ ଦୁଇ ଦୁଷ୍କର୍ମ ଅଭିଯୁକ୍ତଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମୈତ୍ରି ବିହାରର ୫ ତାରକା ଆପାର୍ଟମେଣ୍ଟ୍ । ସେହି ଆପାର୍ଟମେଣ୍ଟରେ ରହୁଥିଲେ ଟୁକୁନା ନାୟକ । ସେ ପେସାରେ ଜଣେ ଅଟୋ ଚାଳକ । ତାଙ୍କର ସାଙ୍ଗ ହେଉଛନ୍ତି ବିକାଶ ନାୟକ । ପୂର୍ବରୁ ସେ ସେହି ଆପାର୍ଟମେଣ୍ଟରେ ରହୁଥିବା ବେଳେ ଏବେ କିନ୍ତୁ ଅନ୍ୟ ଅଞ୍ଚଳରେ ରହୁଛନ୍ତି । ସିଏ ହେଉଛନ୍ତି ଜଣେ ଡ୍ୟାନ୍ସର । ଆଉ ତାଙ୍କର ସାଙ୍ଗ ହେଉଛନ୍ତି ଜଗା ସିଂ । ସିଏ ହେଉଛନ୍ତି ଜଣେ ଗ୍ଲାସ୍ ଇଣ୍ଟେରିୟର ମିସ୍ତ୍ରୀ । ଯେହେତୁ ଏମାନଙ୍କର ବନ୍ଧୁତା ଥିଲା, ତେଣୁ ବିକାଶ ଓ ଜଗା ନିୟମିତ

▶▶ପୃଷ୍ଠା ୭

## ଜାନୁୟାରୀ ୨୮ରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ

## ୧୦୦ ଦିନରେ ଆସିଛି ୪୫ ହଜାର କୋଟି ପୁଞ୍ଜି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨/୧୦ (ନି.ପ୍ର): ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା - ୨୦୨୫ କନକ୍ଲେଭ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଆଗାମୀ ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିବା ଆମର ଲକ୍ଷ୍ୟ ରଖିଛୁ ଓ ୧୦୦ ଦିନ ଭିତରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜି ଓଡ଼ିଶାକୁ ଆସିସାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସେ ଦୁଇଦିନ ପାଇଁ ଦିଲ୍ଲୀ ଗସ୍ତରେ ଯାଉଛନ୍ତି । ଦିଲ୍ଲୀରେ ନିବେଶକ ସମ୍ମିଳନୀରେ ଯୋଗ ଦେଇ ଓଡ଼ିଶା ଆସିବା ପାଇଁ ମଧ୍ୟ ପୁଞ୍ଜିନିବେଶକଙ୍କୁ ନିବେଦନ କରିବେ । ଓଡ଼ିଶାକୁ ବହୁ ସଂଖ୍ୟାରେ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ସେ ଉଦ୍ୟମ କରିବେ । ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ୱାନଟୁୱାନ୍ ଆଲୋଚନା ମଧ କରିବେ । ଏହାସହ ବିଶେଷକରି ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ପ୍ରାଥମିକତା ଦିଆଯିବ ।

▶▶ପୃଷ୍ଠା ୭

## ୪ ଦିନରେ ଝାଡ଼ାବାନ୍ତିରେ ଗଲାଣି ୯ ଜୀବନ

କନ୍ଧମାଳ, ୦୨/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକ ଦୁର୍ଗାପଙ୍ଗା ପଞ୍ଚାୟତର ଦୁର୍ଗମ ଗାଁରେ ଝାଡ଼ାବାନ୍ତି ଆତଙ୍କ । ୪ ଦିନରେ ଜଣେ ଗର୍ଭବତୀ ମହିଳାଙ୍କ ସମେତ ୯ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ ମହିଳା ଜଣକ ହେଲେ କାଣିବାରୁ ଗାଁର ପୂର୍ତ୍ତି ମାଝୀ । ବାଡ଼ିପାଙ୍ଗା, ଡିମିଲି ଓ ଭଣ୍ଡରାଶାଳ ଗାଁରେ ଝାଡ଼ାବାନ୍ତି ଥମିବାର ନା ନେଉନାହିଁ । ପୂର୍ବରୁ ଏହି ଗାଁ ଗୁଡିକରେ ଝାଡ଼ାବାନ୍ତିରେ ଅନେକ ଲୋକଙ୍କର ଜୀବନ ଯାଇଛି । ତେବେ ଏହି ୪ଦିନରେ ୯ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ଗାଁ ଗୁଡ଼ିକରେ ମେଡିକାଲ ଟିମ୍ ପହଞ୍ଚି ଘର ଘର ବୁଲି ସ୍ଥିତି ଅନୁଧ୍ୟାନ କରିବା ସହିତ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛନ୍ତି ।

## ଦିଲ୍ଲୀରେ ୨୦୦୦ କୋଟି ଟଙ୍କାର କୋକେନ ଜବତ

ନୂଆଦିଲ୍ଲୀ, ୨/୧୦ : ଦିଲ୍ଲୀରେ ଆଜି ୫୦୦ କେଜିରୁ ଅଧିକ ଓଜନର କୋକେନ ଜବତ କରାଯାଇଛି । ଜବତ କୋକେନର ମୂଲ୍ୟ ୨୦୦୦ କୋଟି ଟଙ୍କା ହେବ ବୋଲି ଦିଲ୍ଲୀ ପୁଲିସ କହିଛି । ଏହି ଘଟଣାରେ ପୁଲିସ ୪ ଜଣଙ୍କୁ ଗିରଫ କରିଛି । ଏତେ ପରିମାଣରେ କୋକେନ ଜବତ ହେବା ପରେ ଦିଲ୍ଲୀ ପୁଲିସ କହିଛି ଯେ ଏହା ପଛରେ କୌଣସି ଅନ୍ତର୍ଜାତୀୟ ଡ୍ରଗ୍ସ ସ୍ମଗଲିଙ୍ଗ ସିଣ୍ଡିକାଟର ହାତ ଥାଇପାରେ । ଏହା ପୂର୍ବରୁ ଗତ ରବିବାର ଦିଲ୍ଲୀର ତିଲକ ନଗର ଅଞ୍ଚଳରୁ ଦୁଇ ଜଣ ଆଫଗାନିସ୍ତାନ ନାଗରିକଙ୍କଠାରୁ ୪୦୦ ଗ୍ରାମର ହେରୋଇନ ଓ ୧୬୦ ଗ୍ରାମର କୋକେନ ଜବତ କରାଯାଇଥିଲା । ସେହିଦିନ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ୧୬୬୦ ଗ୍ରାମ କୋକେନ ଜବତ କରାଯାଇଥିଲା, ଯାହାର ମୂଲ୍ୟ ୨୪ କୋଟି ଟଙ୍କା ଥିଲା । ଲାଇବେରିଆର ଜଣେ ନାଗରିକଙ୍କଠାରୁ ଏହି କୋକେନ ଜବତ କରାଯାଇଥିଲା । ସେ ଦୁବାଇରୁ ଆସି ଦିଲ୍ଲୀରେ ଓହ୍ଲାଇବା ପରେ ତାଙ୍କଠାରୁ ଏହି କୋକେନ ଜବତ କରାଯାଇଥିଲା । ତାଙ୍କୁ ଗିରଫ କରାଯାଇଛି ।

## ନିଜର ନୂଆ ଦଳର ନାଁ ଘୋଷଣା କଲେ ପ୍ରଶାନ୍ତ କିଶୋର




ନୂଆଦିଲ୍ଲୀ, ୨/୧୦ : ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର ବୁଧବାର ପାଟନାରେ ଆନୁଷ୍ଠାନିକ ଭାବେ ତାଙ୍କର ନୂଆ ରାଜନୀତିକ ଦଳର ନାଁ ଘୋଷଣା କରିଛନ୍ତି । ସେ ତାଙ୍କ ଦଳର ନାଁ ରଖିଛନ୍ତି 'ଜନ ସୁରାଜ ପାର୍ଟି' । ନୂଆ ଦଳ ନାଁ ଘୋଷଣା କରିବା ଅବସରରେ ପ୍ରଶାନ୍ତ କିଶୋର କହିଥିଲେ ଯେ ତାଙ୍କ ଦଳ ଦୁଇ ବର୍ଷ ହେଲାଣି ସକ୍ରିୟ ଅଛି ଓ ନିକଟରେ ନିର୍ବାଚନ କମିଶନଙ୍କଠାରୁ ଏହାକୁ ଅନୁମତି ମିଳିଛି । ବିଜେପି ସହିତ ତାଙ୍କ ଦଳର ସଂପର୍କ ରହିଛି ବୋଲି ବିରୋଧୀ ଅଭିଯୋଗ କରୁଥିବା ବେଳେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଜନ ସୁରାଜ ପାର୍ଟି ହେଉଛି ଆରଏସଏସ ଓ ସଂଖ୍ୟାଲଘୁଙ୍କ ମିଶ୍ରଣ । ପାର୍ଟିର ନାଁ ଘୋଷଣା ଅବସରରେ ଏକ ବଡ଼ ଜନସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ବିହାରର ଶିକ୍ଷା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଜରୁରୀ । ଆଗାମୀ ଏକ ଦଶନ୍ଧିରେ ବିହାରର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ପାଇଁ ୫ ଲକ୍ଷ କୋଟି ଟଙ୍କା ଆବଶ୍ୟକ । ମଦ ବ୍ୟାନ ହୋଇଥିବାରୁ ବାର୍ଷିକ ରାଜ୍ୟ ୨୦ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛି । ସେହି ଅର୍ଥ ଆସିଥିଲେ ତାକୁ ଶିକ୍ଷା ସଂସ୍କାରରେ ବିନିଯୋଗ କରାଯାଇପାରିଥା'ନ୍ତା । ଯେତେବେଳେ ମଦ ଉପରୁ କଟକଣା ହଟିଯିବ, ସେଥିରୁ ଯେଉଁ ଅର୍ଥ ଆସିବ, ତାକୁ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍ ଅବା ନେତାଙ୍କ ସୁରକ୍ଷା କ୍ଷେତ୍ରରେ ବିନିଯୋଗ କରାଯିବ ନାହିଁ । ଏହାକୁ କେବଳ ବିହାରରେ ଏକ ନୂଆ ଶିକ୍ଷା ବ୍ୟବସ୍ଥା ଗଠନରେ ବ୍ୟବହାର କରାଯିବ ବୋଲି ପ୍ରଶାନ୍ତ କିଶୋର କହିଛନ୍ତି । ନିର୍ବାଚନ କମିଶନଙ୍କ ଅନୁମତି ମିଳିଥିବାରୁ 'ଜନ ସୁରାଜ ପାର୍ଟି' ଆଗାମୀ ବିହାର ବିଧାନସଭା ନିର୍ବାଚନରେ ସମସ୍ତ ଆସନରେ ପ୍ରାର୍ଥୀ ଦେବ ବୋଲି ଆଶା କରାଯାଉଛି । ତେବେ ତା' ପୂର୍ବରୁ ଆସନ୍ତା ନଭେମ୍ବର ମାସରେ ବିହାରରେ ହେବାକୁ ଥିବା ଉପ-ନିର୍ବାଚନରେ ନିଜ ଭାଗ୍ୟ ପରୀକ୍ଷା କରିବ ଜନ ସୁରାଜ ପାର୍ଟି । ପ୍ରଶାନ୍ତ କିଶୋର କହିଛନ୍ତି ଯେ ତାଙ୍କ ଦଳ ନଭେମ୍ବରରେ ହେବାକୁ ଥିବା ଉପ-ନିର୍ବାଚନରେ ପ୍ରାର୍ଥୀ ଦେବ । ଯଦି ତାଙ୍କ ଦଳ ଉପ-ନିର୍ବାଚନରେ ବିଜୟୀ ହୁଏ, ତା'ହେଲେ ବିହାରରେ ଅନେକ ରାଜନୀତିକ ଦଳ ନଷ୍ଟ ହୋଇଯିବେ ।

## ହେଲଦି ଯୋଗ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବାଲେଶ୍ୱର, ୦୨/୧୦ (ନି.ପ୍ର): ଚିଡ଼ିଆପୋଲ ସ୍ଥିତ ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ୨୦୨୪ରେ ଯୋଗ ସ୍ନାତକୋତ୍ତରରେ (ମାଷ୍ଟର ଇନ୍ ଯୋଗା) ନାମ ଲେଖା ଯାଇଥିବା ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧର ପରିଡ଼ା ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ, ଯୋଗ ପାଠ୍ୟକ୍ରମର ଉପକାରିତା ବିଷୟରେ ମତ ରଖିଥିଲେ । ମହାବିଦ୍ୟାଳୟର ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ସାହୁ ଯୋଗ ଦ୍ୱାରା ଅଧୁନା ସମାଜରେ ସୁସ୍ଥ ରହିବା ସହ କର୍ମନିଯୁକ୍ତି ଉପରେ ମତପ୍ରକାଶ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ, ଅଧ୍ୟାପକ ଅବିଷେକ ଦାସ ଗାନ୍ଧିଜୀଙ୍କ ଦ୍ୱାରା ସମାଜ ପ୍ରତି ଭୂମିକା ଉପରେ ମତ ରଖିବା ସହ ଛାତ୍ରଛାତ୍ରୀଙ୍କୁ ସେହିଭଳି ଜ୍ଞାନିଗୁଣି ହେବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଅନୀସା ମିଶ୍ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଯୋଗର ଉପକାରିତା କହିଥିଲେ । ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀମାନେ ସଂପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଚତୁର୍ଥ ବର୍ଷର ଛାତ୍ରୀ କାନ୍ତିକ୍ରିଷ୍ଣା ଧନ୍ୟବାଦ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମଧ ହୋଇଥିଲା ।

# ଆଦିବାସୀ ଗାଁ କଂଟାଝରୀ ଅବହେଳିତ : ଲୋକଙ୍କୁ ମିଳୁନି ମୌଳିକ ସୁବିଧା

ହରିଚନ୍ଦନପୁର, ୦୨/୧୦ (ନି.ପ୍ର): ଦେଶ ସ୍ୱାଧୀନତାର ଦିର୍ଘ ବର୍ଷ ପରେ ମଧ୍ୟ ସ୍ୱାଧୀନତାର ଅମୃତ ଚାଖି ପାରିନାହାଁନ୍ତି ଦୁର୍ଗମ ଅଂଚଳବାସୀ, ପ୍ରତି ମୂହୁର୍ତରେ ଜୀଉଁଛନ୍ତି ଅଭିଶପ୍ତ ଜୀବନ । କେବେ ମିଳିବ ସେମାନଙ୍କୁ ମୌଳିକ ସୁବିଧା, ସେ ନେଇ ଚାତକ ପରି ଚାହିଁ ରହିଛନ୍ତି। ଆମେ କହୁଛୁ କେନ୍ଦୁଝର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ବ୍ଲକ ବରେଇଗୋଡା ପଂଚାୟତ ଅନ୍ତର୍ଗତ ତାଳପଦାର ଦୁର୍ଗମ 'କଂଟାଝରୀ' ସାହିର କଥା । ଏହି ପଂଚାୟତର ଦୁର୍ଗମ ବଡ଼ଜେମେଇର ଜୁଆଙ୍ଗ ଜନଜାତିମାନଙ୍କ ପାଖରେ ପହଂଚି ପାରୁନାହିଁ ସରକାରୀ ସୁବିଧା ସୁଯୋଗ । ଯାହା କେନ୍ଦୁଝର ଜିଲ୍ଲାର ନଗଡ଼ା ଭାବେ ପୂର୍ବରୁ ବେଶ୍ ପରିଚିତ। ତେବେ ହରିଚନ୍ଦନପୁର ଠାରୁ ଦୈତାରୀ ମାଇନ୍ସ ଯିବା ବାଟରେ ପଡ଼େ କଂଟାଝରୀ ସାହି, ଦୈତାରୀ ଖଣି ଠାରୁ ମାତ୍ର ଚାରି କିଲୋମିଟର ଦୂରରେ ରହିଛି ଏହି ସାହି । ହେଲେ ଆଜିବି ଏଠାରେ ଦେଖିବାକୁ ମିଳେନାହିଁ ବିକାଶର ପାଦ ଚିହ୍ନ । ପାନୀୟ ଜଳ, ଶିକ୍ଷା, ଗମନାଗମନ ସହିତ ବିଜୁଳି ଆଲୁଅ ଭଳି ମୌଳିକ ସୁବିଧା ଏଠାରେ ଅପହଂଚ ହୋଇ ରହିଛି । ଏଠାରେ ଗମନାଗମନ ପାଇଁ ତାଳପଦା ଦୈତାରୀ ରାସ୍ତା ଠାରୁ ପାଖାପାଖି ଏକ କିଲୋମିଟର କଂଟାଝରୀ ପର୍ଯ୍ୟନ୍ତ ରାସ୍ତା ଏବଂ ପୋଲ ନିର୍ମାଣ ନିମନ୍ତେ ବ୍ୟୟବରାଦରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ସ୍ଥାନୀୟ ନାଳରେ ପୋଲ ନିର୍ମାଣ ହୋଇପାରିନାହିଁ ଯାହା ଫଳରେ ବର୍ଷା ହେଲେ ଉକ୍ତ ସାହି ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ବିଛିନ୍ନ ହୋଇଯାଇଥାଏ । ଲୋକେ ପିଡିଏସ୍ ସାମଗ୍ରୀ, ଅତ୍ୟାବଶ୍ୟକ ସାମଗ୍ରୀ ଆଣିବା କିମ୍ବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ଯିବା ଆସିବା ପାଇଁ ଏଠାରେ ଜୀବନ ବାଜିରେ ଲାଗୁଥିବା ଦୃଶ୍ୟ ଦେଖିବାକୁ ମିଳେ । ରୋଗୀ କିମ୍ବା ଗର୍ଭବତୀ ମହିଳାମାନଙ୍କ କଥା ନ କହିବା ଭଲ, ନାଳ ପାର ହୋଇ ଆମ୍ବୁଲାନ୍ସ ପାଖରେ ପହଂଚିଲେ ଜୀବନ ବଂଚେ, ନଚେତ୍ ଜୀବନ ଯିବାଟି ନିଶ୍ଚିତ ବୋଲି ଦେଖିଲେ ଜାଣି ହେଉଛି । ସାହିରେ ନା ସ୍ୱଚ୍ଛ ପାନୀୟ ଜଳ, ଫଳରେ ପାଖ ନାଳରୁ ଚୂଆ କରି ବର୍ଷ ଯାକ ପାଣି ବ୍ୟବହାର କରିଥାନ୍ତି । ବର୍ଷା ହେଲେ ପାଣି ଗୋଳିଆ ହେଉଥିବା ବେଳେ ବାଧ ହୋଇ ସେହି ପାଣିକୁ ପିଇ ଜୀବନ ବଂଚାଇଥାନ୍ତି । ପୂର୍ବରୁ ଥିବା ଏକ ମାତ୍ର ନିର୍ଭର ଯୋଗ୍ୟ ନଳକୂପ, ଦିର୍ଘ ଦିନରୁ ଅଚଳ ହୋଇପଡିଛି, ନା ହେଉଛି ତାର ମରାମତି, ନା ନୂଆ ନଳକୂପ ଖନନ କରାଯାଉଛି । ଯାହା ଫଳରେ ପିଇବା ପାଣି ପାଇଁ ସାହିବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଅନେକ ସମୟରେ ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ପୀଡିତ ହେଉଥିବାର ନଜିର ମଧ୍ୟ ରହିଛି । ବିଜୁଳି ଆଲୁଅ ଏମାନଙ୍କ ପାଇଁ ସାତସପନ ପାଲଟିଥିବା ବେଳେ ସଞ୍ଜ ନଇଁବା ମାତ୍ରେ ବନ୍ୟଜନ୍ତୁ ଭୟରେ ଘରର କବାଟ ପଡିଯାଏ । କେତେ ଗୁଡିଏ ସୋଲାର ଲାଇଟ ଛଡା ଆଉ କିଛି ନାହିଁ, କାହିଁ କେତେ କାଳରୁ ବିଦ୍ୟୁତ ଖୁଂଟ ପୋତା ଯାଇଛି ହେଲେ ବିଦ୍ୟୁତ ସଂଯୋଗ କେବେ ହେବ ତାହା କାହାକୁ ବର୍ତମାନ ପର୍ଯ୍ୟନ୍ତ ଜଣାନାହିଁ । ଗୋଟିଏ ପଟେ ରାଜ୍ୟ ସରକାର ଆଦିବାସୀମାନଙ୍କ ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ଉପରେ ଯୋଜନା କରି ରାଜସ୍ୱ ଖର୍ଚ୍ଚ କରୁଥିବା ବେଳେ ବାସ୍ତବରେ ଏବେବି ଆଦିବାସୀମାନଙ୍କ ବିକାଶ ହୋଇପାରିନାହିଁ । ଖଣି ଖାଦାନ ଭରା କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି କାର୍ଯ୍ୟ କରୁଥିବା ବେଳେ ଦୈତାରୀ ଖଣିର ଛାତି ଉପରେ ଥିବା କଂଟାଝରୀ ଗାଁ ଖଣି ପ୍ରଭାବିତ ଅଂଚଳ ହୋଇଥିଲେ ମଧ୍ୟ ବିକାଶ ଶୂନ୍ୟ ହୋଇପଡିଛି । ତେବେ ସାହିବାସୀ ଏ ସମ୍ପର୍କରେ ବାରମ୍ବାର ଦୈତାରୀ ଓଏମସି କର୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳ ଏବଂ ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା ଏଠାରେ ପହଂଚି ପାରିନାହିଁ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଏସବୁ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ସାହି ବାସିନ୍ଦାଙ୍କ ସମେତ ଅଂଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ଅସରାଏ ବର୍ଷାରେ କାଦୁଅ ସଲବଲ ହରିଚନ୍ଦନପୁର ସାପ୍ତାହିକ ହାଟ: ଆରଏମସି କର୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ

ହରିଚନ୍ଦନପୁର, ୦୨/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ସାପ୍ତାହିକ ହାଟ ଅସରାଏ ବର୍ଷାରେ କାଦୁଅ ସଲବଲ ହୋଇପଡୁଛି । ବାରମ୍ବାର ଏନେଇ ଅଭିଯୋଗ ସତ୍ୱେ ଆରଏମସି କର୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ । ଏଠାରେ ପ୍ରଶ୍ନ ଉଠୁଛି ଯେ, ହରିଚନ୍ଦନପୁର ଗ୍ରାମପଂଚାୟତ ଠାରୁ ୯୯ ବର୍ଷ ପାଇଁ ଆରଏମସି ଦୀର୍ଘ ବର୍ଷ ହେବ ନେଇଛି । ଯାହାକି ବାର୍ଷିକ କିଛି ଟଙ୍କା ଗ୍ରାମପଂଚାୟତକୁ ଦେବା ସହ ହାଟ ମଧ୍ୟରେ ଉନ୍ନତିମୂଳକ କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇ ଚୂକ୍ତିନାମା ହୋଇଛି । ଆରଏମସି କର୍ତୃପକ୍ଷ ପ୍ରତ୍ୟେକ ଦିନ ହାଟରେ ରସିଦ ଦେଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ମାଲେମାଲ ହେଉଥିବା ବେଳେ ହନ୍ତସନ୍ତ ହେଉଛନ୍ତି ବେପାରୀ ସହ ଜନସାଧାରଣ ।

ଦୁର୍ଭାଗ୍ୟର ବିଷୟ, ହାଟର ଚର୍ତୁପାର୍ଶ୍ୱ ଦେଖିଲେ ସେହିଭଳି କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳେନାହିଁ । ଯଦିଓ ଦୀର୍ଘବର୍ଷ ପରେ ହାଟ ମଧ୍ୟରେ ପାଇଖାନା ନିର୍ମାଣ କରାଯାଇଛି, ହେଲେ ତାହା ମଧ୍ୟ କେବଳ ଲୋକ ଦେଖାଣିଆ, କାରଣ ନିର୍ମାଣ ପରଠାରୁ ସେଥିରେ ତାଲା ପଡ଼ି ରହିଛି । ସେହିଭଳି ସୁରକ୍ଷାକୁ ଦୃଷ୍ଟିରେ ରଖି ପଂଚାୟତ ନିର୍ମିତ ଚର୍ତୃପାର୍ଶ୍ୱ ପାଚେରୀ ଅଧାଖଣ୍ଡିଆରେ ନିଲାମ ପୂର୍ବରୁ ପଡ଼ିରହିଛି, ହେଲେ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ସେହିପରି ହାଟ ମଧ୍ୟକୁ ଯିବା ଆସିବା ପାଇଁ ରହିଥିବା ରାସ୍ତାର କଥା ନକହିବା ଭଲ, କାରଣ ସେ ଦୃଶ୍ୟ ଦେଖିଲେ ଜାଣିବ ତ କାଦୁଅ ବିଲରେ ଲୋକେ ତଳି ପକାଉଛନ୍ତି । ହାଟ ମଧ୍ୟରେ ବେପାରୀଙ୍କ ବସିବା ପାଇଁ ନିର୍ମିତ ହୋଇଥିବା ପିଣ୍ଡି ଗୁଡ଼ିକର ମରାମତି କରାଯାଉନଥିବା କାରଣରୁ ବେପାରୀମାନେ ବସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ହାଟ ମଧ୍ୟରେ ପାନୀୟ ଜଳ ନିମନ୍ତେ ୪ଟି ନଳକୂପ ରହିଛି ସତ, ହେଲେ ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଅଚଳ। ହାଟ ମଧ୍ୟରେ ଗୋରୁ, ଗାଈ, ଛେଳି, ମେଣ୍ଢା, କୁକୁଡା ହାଟ କିଣା ବିକାରେ ମୋଟା ଅଙ୍କର ଟଙ୍କା ଆଦାୟ ହେଉଥିବା ସତ୍ୱେ ସେମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ନାହିଁ, ଯଦିଓ କୁଣ୍ଡ ନିର୍ମାଣ ହୋଇଥିଲା ରକ୍ଷଣାବେକ୍ଷଣ ଅଭାବରୁ ତାହା ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି । ହାଟ ପରିବେଶ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେଉଛି, ତାହାକୁ ସଠିକ୍ ଭାବେ ପରିଷ୍କାର କରାଯାଉନାହିଁ । ହାଟର ପରିବେଶ ଏତେ କଦର୍ଯ୍ୟ ଯେ ଲୋକ ଯିବାପାଇଁ ମୁହଁ ବୁଲାଉଥିବା ଦେଖିବାକୁ ମିଳିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ହାଟର ସୁରକ୍ଷାକୁ ଦୃଷ୍ଟିରେ ରଖି ଚର୍ତୃପାର୍ଶ୍ୱ ପାଚେରୀ ନିର୍ମାଣକୁ ସମ୍ପୂର୍ଣ୍ଣ କରାଯାଇ, ଆବଶ୍ୟକ ରାସ୍ତାରେ ଫାଟକ ଲଗାଯିବାର ନିହାତି ବ୍ୟବସ୍ଥା କରାଯାଉ । ଏଥିସହ ହାଟ ପରିବେଶକୁ ପରିଷ୍କାର ରଖାଯାଇ ସମସ୍ୟା ଥିବା କାର୍ଯ୍ୟର ଶିଘ୍ର ସମାଧାନ କରାଇବାକୁ ଏଠାକାର ଜନସାଧାରଣ ଓ ବୁଦ୍ଧିଜୀବି ଅନୁରୋଧ ସହ ଦାବି କରିଛନ୍ତି ।

# ସୁସ୍ଥ ହୃଦୟ ପାଇଁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୦୨/୧୦ (ନି.ପ୍ର): ବ୍ରହ୍ମପୁର, ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ସୁସ୍ଥ ହୃଦୟ ପାଇଁ ସଚେତନତା ତଥା ମାଗଣା ସ୍ୱାସ୍ଥ୍ୟ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ କହିଲେ କ୍ରୋଧ, ଚିନ୍ତା, ଅଶାନ୍ତି, ଆମିଷ, ତେଲ, ବନସ୍ପତି ଘୃତ, ପନିର, ଅଜୀର୍ଣ୍ଣ କାରକ ଖାଦ୍ୟ, ପୋଡ଼ା ତେଲ, ଛଣା ଖାଦ୍ୟ, ହୃଦ୍ ରୋଗ ପାଇଁ କାରଣ ଏହି ସବୁକୁ ଛାଡି ଯୋଗ, ଆସନ, ପ୍ରାଣାୟାମ କରନ୍ତୁ, ପେଟ ପରିଷ୍କାର ରଖନ୍ତୁ, ଅର୍ଜ୍ଜୁନଛାଲି, ପଦ୍ମମଞ୍ଜି, ଅଁଳା ସେବନ କରନ୍ତୁ। ହୃଦୟ ସଦା ସୁସ୍ଥ ରହିବ। ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ।

# ଗ୍ରାମ୍ୟ ଜ୍ୟୋତି ଅନୁଷ୍ଠାନ ତରଫରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର

କେନ୍ଦ୍ରାପଡା, ୦୨/୧୦ (ନି.ପ୍ର): ଗ୍ରାମ୍ୟ ଜ୍ୟୋତି ଅନୁଷ୍ଠାନ ତରଫରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଭରତପୁର ଲାଲ ବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବିକାଶ କୁମାର ନାୟକ, ଉପ ସଭାପତି ଶିବାନୀ ଶଙ୍କର ନାୟକ, ଅନୁଷ୍ଠାନ ର ପ୍ରତିଷ୍ଠାତା ଅନିଲ କୁମାର ପାତ୍ର, ଦେବାଶିଷ ଦାସ, ତ୍ରିଲୋଚନା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ମାଗଣା ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ । ଏହି ଶିବିର ରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ବିଶେଷଜ୍ଞ ଡାକ୍ତର ତଥା ଚକ୍ଷୁ, ଭେଷଜ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ହୃଦେରାଗ, ଶିଶୁ ଓ ଚର୍ମ, ଡାଏବେଟିସ୍ ପ୍ରମୁଖ ବିଭାଗର ବରିଷ୍ଠ ଡାକ୍ତର ମାନେ ଉପସ୍ଥିତ ରହି ସ୍ଥାନୀୟ ଭରତପୁର, ଶ୍ୟାମସୁନ୍ଦରପୁର ପ୍ରଭୃତି ପଂଚାୟତ ଗୁଡିକର ମେହେନ୍ଦୀପୁର, ଚେକ୍ରାଡା, ବିଲବଳରାମପୁର, ଆୟତପୁର, କରଲୋପାଟଣା, ବସୁପୁର ପ୍ରଭୃତି ଗ୍ରାମ ଗୁଡିକର ୧ ହଜାରରୁ ଉର୍ଦ୍ଧ୍ୱ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣାରେ ଔଷଧ ଗ୍ରହଣ କରିଥିଲେ ।

# ମାଲକାନଗିରି ମୋଟୁରେ ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ

ମାଲକାନଗିରି, ୦୨/୧୦ (ନି.ପ୍ର): ବିଜେଡି ଶାସନରେ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ସାଂଘାତିକ କେଳେଙ୍କାରୀ। ମାଲକାନଗିରି ମୋଟୁରେ ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ଜବରଦଖଲ ଅଭିଯୋଗ। ସଂରକ୍ଷିତ ଜଙ୍ଗଲକୁ ବେଆଇନ କବଜା କରି ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ। ମତ୍ସ୍ୟ ଓ କୃଷି ବିଭାଗ ସହାୟତାରେ ଖୋଳାଯାଇଛି ବଡ଼ ବଡ଼ ପୋଖରୀ। ଜଙ୍ଗଲ ଜମିରେ ମନରେଗା ଯୋଜନାରେ ତିଆରି ହୋଇଛି ରାସ୍ତା। ସଂରକ୍ଷିତ ଜଙ୍ଗଲ ନା ରାଜସ୍ୱ ଜଙ୍ଗଲ ତହସିଲଦାର ଓ ରେଞ୍ଜରଙ୍କ କଥାରେ ନାହିଁ ତାଳମେଳ। ପ୍ରଶାସକ ଓ ବିଜେଡି ନେତା ବେଆଇନ ଜମି ଜବରଦଖଲକାରୀଙ୍କୁ ସୁରକ୍ଷା ଦେଉଛି କିଏ ?ନିଛାଟିଆ ଜଙ୍ଗଲ, ତା ଭିତରେ ଦୀର୍ଘ ମାଟି ରାସ୍ତା। ଆଉ ଶେଷରେ ତାରବାଡ଼ ଘେରା ଏ ଅଂଚଳ। ବଡ଼ ବଡ଼ ଅଟ୍ଟାଳିକା, ଗୋଦାମ ଘର। ବଡ଼ ବଡ଼ ପୋଖରୀ। ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିଛି । ପୁଣି ଭିତରେ ଥୁଆ ଯାଇଛି ଜେସିବି ମେସିନ୍ ଆଉ ଟ୍ରାକ୍ଟର। ଇଏ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମୋଟୁ ଅଂଚଳ। ୩୨୬ ନମ୍ବର ଜାତୀୟ ରାଜପଥରୁ ମାତ୍ର ଦୁଇ -ତିନି କିଲୋମିଟର ଦୂରରେ ଜଙ୍ଗଲ ଭିତରେ ସାବେରୀ ନଦୀ କୂଳରେ ହୋଇଛି ନିର୍ମାଣ। ଯାହାର ନାଁ ରହିଛି ଇସଲାମ ନଗର । ଆସିଛି ଏପରି ସାଂଘାତିକ ଅଭିଯୋଗ, ଜଣେ ବ୍ୟକ୍ତି ପ୍ରାୟ ୧୦୦ ଏକର ଜଙ୍ଗଲ ଜମି ବେଆଇନ ଜବରଦଖଲ କରି କରିଛନ୍ତି ବେଆଇନ ନିର୍ମାଣ।ଦିବାକର ପାଲ, ସଦସ୍ୟ, ବିଶ୍ୱ ହିନ୍ଦୁ ପରିଷଦ, ମାଣିକ ଚକ୍ରବର୍ତୀ, ଯୁବ ବିଜେପି ନେତା, ଭାଗିରଥୀ ଦଳେଇ, ସଦସ୍ୟ, ହିନ୍ଦୁ ଜାଗରଣ ମଂଚ ଅଭିଯୋଗ କରିଛନ୍ତି ପୂର୍ବ ବିଜେଡି ଶାସନ ସମୟରେ ମାଲକାନଗିରି ମୋଟୁରେ ହୋଇଛି ଏ ସାଂଘାତିକ କେଳେଙ୍କାରୀ। ଜବରଦଖଲ ହୋଇଥିବା ଏ ଜମିକୁ ସଂଯୋଗ ହୋଇଥିବା ରାସ୍ତା ମନରେଗା ଯୋଜନାରେ ନିର୍ମାଣ ହୋଇଛି। ପୋଖରୀ ଖୋଳା ପାଇଁ ମତ୍ସ୍ୟ ବିଭାଗ ଯୋଗାଇ ଦେଇଛି ଆର୍ଥିକ ସହାୟତା। ସରକାରୀ ଉଠାଜଳସେଚନ ପ୍ରକଳ୍ପ ବି କରାଯାଇଛି ।

ସବୁଠାରୁ ବଡ଼ କଥା ହେଲା, ତହସିଲଦାରଙ୍କ ଠାରୁ ନେଇ ସ୍ଥାନୀୟ ରେଞ୍ଜର ଜଙ୍ଗଲ ଜମି ଜବରଦଖଲ ବାବଦରେ ସ୍ଥାନୀୟ ସରକାରୀ ଅଧିକାରୀଙ୍କୁ ସବୁ ଜଣା। କିନ୍ତୁ କଥାରେ ନାହିଁ ତାଳମେଳ । ତହସିଲଦାର ଏହାକୁ ସଂରକ୍ଷିତ ଜଙ୍ଗଲ କହୁଥିବାବେଳେ, ରେଞ୍ଜର କହିଛନ୍ତି ରାଜସ୍ୱ ଜଙ୍ଗଲ। ଅନ୍ୟପଟେ ଜବରଦଖଲ ଉଚ୍ଛେଦ ନେଇ ପରସ୍ପର ଉପରକୁ ଦୋଷ ଠେଲୁଛନ୍ତି। ପ୍ରଶ୍ନ ହେଲା ଜଙ୍ଗଲ ଜମି ଜବରଦଖଲ ପଛରେ ରହିଛି କାହାର ସମ୍ପୃକ୍ତି ? କାହା ସହଯୋଗ ଓ ସୁରକ୍ଷାରେ ହୋଇଛି ଏମିତି କାରନାମା ? ଜବରଦଖଲ ଜମିରେ ସରକାରୀ ପ୍ରକଳ୍ପ ହେଲା କେମିତି ? କେଳେଙ୍କାରୀ ପଛରେ ରହିଛି କି ସ୍ଥାନୀୟ ବିଜେଡି ନେତାଙ୍କର ହାତ ? ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ସତ୍ୱେ ସବୁ ଜାଣି କାହିଁକି ଚୁପ୍ ବସିଛି ମାଲକାନଗିରି ପ୍ରଶାସନ।

# ଦେବାଳୟ ଓ କୋଶଳ କଳାମଣ୍ଡଳ ସୁରକ୍ଷା ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବଲାଙ୍ଗିର, ୦୨/୧୦ (ନି.ପ୍ର): ବଲାଙ୍ଗିରରେ ଐତିହାସିକ ମନ୍ଦିର ଏବଂ ବିଶେଷ କରି କଳା ସଂସ୍କୃତିର ଐତିହ୍ୟ ପୀଠ କୋଶଳ କଳାମଣ୍ଡଳ ଅବସ୍ଥିତ । ମାତ୍ର ପରିତାପର ବିଷୟ ଯେ ପ୍ରାୟତଃ ମନ୍ଦିର ଏବଂ କୋଶଳ କଳା ମଣ୍ଡଳ ଅବହେଳିତ ଅବସ୍ଥାରେ ରହିଛି । ଅନେକ ସମୟରେ ଏ ସମ୍ପର୍କରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ଫଳପ୍ରସୂ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏଥିରେ ଆହତ ହୋଇ ବଲାଙ୍ଗିର ଦେବାଳୟ ସୁରକ୍ଷା କମିଟି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ତାଙ୍କର ସର୍କିଟ ହାଉସ ରେ ଅବସ୍ଥାନ ସମୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛି । ରାଣୀପୁର ଝରିଏଲ, ହରିଶଙ୍କର ମନ୍ଦିର, ବଲାଙ୍ଗିର ସହର ସ୍ଥିତ ପାଟଣେଶ୍ୱରୀ ମନ୍ଦିର, ସମଲେଇଶ୍ୱରୀ ମନ୍ଦିର, ଲୋକନାଥ ମନ୍ଦିର, ଗୋପାଳଜୀ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରଭୃତିର ଉନ୍ନତିକରଣ ପାଇଁ ପୂର୍ବରୁ ଓଡିଶା ସରକାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । କୋଶଳ କଳାମଣ୍ଡଳର ଉନ୍ନତିକରଣ ପାଇଁ ମଧ୍ୟ ପୂର୍ବରୁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି ମାତ୍ର ସେସବୁ ଅର୍ଥ ବିନିଯୋଗ ନ ହୋଇ ପଡିରହିଛି । ଉକ୍ତ ଅନୁଦାନ ଅର୍ଥକୁ ବିନିଯୋଗ କରି ମନ୍ଦିର ସମୂହ ତଥା କୋଶଳ କଳା ମଣ୍ଡଳର ଉନ୍ନତିକରଣ କରାଯାଉ ବୋଲି ଦେବାଳୟ ସୁରକ୍ଷା କମିଟି ଉପମୁଖ୍ୟମନ୍ତ୍ରୀଙ୍କ ଠାରେ ଦୃଢ଼ ଦାବୀ କରିଛି । ଉପମୁଖ୍ୟମନ୍ତ୍ରୀଙ୍କୁ ଦେବାଳୟ ସୁରକ୍ଷା କମିଟି ଚେତେଇ ଦେଇଛି ଯେ, ସେ କେବଳ ଓଡିଶାର ଉପମୁଖ୍ୟମନ୍ତ୍ରୀ ନୁହନ୍ତି ତା ସହିତ ପାଟଣା ରାଜ୍ୟର ମହାରାଜା ମଧ୍ୟ ଅଛନ୍ତି । କୋଶଳ କଳା ମଣ୍ଡଳ ତାଙ୍କର ପ୍ରପିତା ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଦ୍ୱାରା ପ୍ରଦତ ଏବଂ ପ୍ରତିଷ୍ଠିତ । ମନ୍ଦିର ସମୁହ ଓ କୋଶଳ କଳାମଣ୍ଡଳର ସୁପରିଚାଳନା ଉପରେ ରାଜ ପରିବାରର ନୈତିକ ଦାୟିତ୍ୱ ରହିଛି ତେଣୁ ଏହାର ଅବହେଳା ସମୟରେ ବଲାଙ୍ଗିର ଜନସାଧାରଣ ଉପମୁଖ୍ୟମନ୍ତ୍ରୀଙ୍କ ଠାରୁ ଅନେକ କିଛି ଆଶା କରନ୍ତି । ଦେବାଳୟ ସୁରକ୍ଷା କମିଟି କୋଶଳ କଳା ମଣ୍ଡଳର ପ୍ରତିଷ୍ଠାତା ରାଜେନ୍ଦ୍ର ନାରାୟଣ ସିଂଦେଓ ଙ୍କ ଏକ ପ୍ରତିମୂର୍ତି କୋଶଳ କଳା ମଣ୍ଡଳ ଠାରେ ସ୍ଥାପିତ କରିବାକୁ ଦାବି କରିଥିଲେ ।

ଦେବାଳୟ ସୁରକ୍ଷା କମିଟିର ଉପ-ସଭାପତି ପ୍ରଶାନ୍ତ ମହାକୁର, ସଂପାଦକ ନରେନ୍ଦ୍ର କବାଟ, କୋଷାଧ୍ୟକ୍ଷ ରିଙ୍କୁ ସାହୁ, ସଚ୍ଚିଦାନନ୍ଦ ନାଏକମ, ସୁରେନ୍ଦ୍ର ନେଗୀ, ଦାବିପତ୍ର ପ୍ରଦାନ କରିଥିଲେ ।

# ସଫେଇ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ବଲାଙ୍ଗିର, ୦୨/୧୦ (ନି.ପ୍ର): ଆଜି କଲେଜ ଚକ କଲ୍ୟାଣ ମଣ୍ଡପ ଠାରେ ଏକ ସଫେଇ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ତରଫରୁ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ୧୦୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ସ୍ୱାସ୍ଥ୍ୟ ସେବା ପାଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ କନ୍ଧପାଲି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସମେତ ସମସ୍ତ କର୍ମଚାରୀ ମିଳିତ ଭାବେ ଯୋଗଦାନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ସମସ୍ତଙ୍କୁ ସାବୁନ ଓ ମାସ୍କ ବଂଟା ଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ମିଶନର କର୍ମଚାରୀ ଯୋଗଦେଇ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଅନୁଷ୍ଠିତ ହେବା ନେଇ ତଦାରଖ କରିଥିଲେ।

# ରାସ୍ତା କଂକ୍ରିଟକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା: ଗ୍ରାମବାସୀ ବିଡ଼ିଓଙ୍କ ଦ୍ୱାରସ୍ଥ

ସମ୍ବଲପୁର, ୦୨/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡମାଳ ପଂଚାୟତ ସଦର ମହକୁମାରେ ୧୦ ଲକ୍ଷ ବ୍ୟୟ ଅଟକଳରେ ହେଉଥିବା ରାସ୍ତା କଂକ୍ରିଟ କରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି । ଏ ନେଇ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ସୂଚନାନୁଯାୟୀ, ଜମନକିରା ବ୍ଲକ ବଡ଼ମାଳ ପଂଚାୟତରେ ଆର୍ଥିକ ବର୍ଷ ୨୦୨୩-୨୪ ରେ ୫ମ ଏସ୍ଏଫସ / ସିଏଫସି ଯୋଜନାରେ କଂକ୍ରିଟ କରଣ ରାସ୍ତା ନିମନ୍ତେ ୧୦ ଲକ୍ଷ ଟଙ୍କା ମଞ୍ଜୁରୁ ହୋଇଛି କ୍ଷ ଗ୍ରାମର ଅତୀଶ ଗଳି ଠୁଁ ଗନଘୋଷା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ରାସ୍ତା କାର୍ଯ୍ୟରେ ବ୍ୟବହୃତ ବାଲି, ସିମେଂଟ, ଗୋଡି ମାଟି ସଠିକ୍ ଅନୁପାତରେ ଦିଆଯାଉ ନଥିବା ବେଳେ ସରକାରଙ୍କ ନୂତନ କାର୍ଯ୍ୟାଦେଶ ଅନୁଯାୟୀ ଅଣକୁଶଳୀ ଶ୍ରମିକଙ୍କୁ ୪୫୦ ଓ କୁଶଳୀ ଶ୍ରମିକଙ୍କୁ ୫୦୦ ଟଙ୍କା ଦିନ ପ୍ରତି ମଜୁରୀ ଦେବା ବଦଳରେ କେବଳ ୨୫୦ ଟଙ୍କା ଗ୍ରାମର ଠିକାଦାର ଦେଉଥିବା ଅଭିଯୋଗ ହେଉଛି । ଏହାକୁ ନେଇ ଗ୍ରାମବାସୀ ଠିକାଦାର ଭରତ ମହାକୁଳଙ୍କ ଠାରେ ପ୍ରତିବାଦ କରିବାରୁ ଠିକାଦାର କୌଣସି ପ୍ରତିକ୍ରିୟା ନଦେଇ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି । ଏପରିକି କେତେକ ଗଣମାଧ୍ୟମ ପ୍ରତିନିଧି ଏ ସମ୍ପର୍କରେ ଠିକାଦାରଙ୍କୁ ଯୋଗାଯୋଗ କରୁଥିଲେ ଠିକାଦାର ଜଣକ କାହାରିକୁ ଧରା ଛୁଆଁ ଦେଉନାହାଁନ୍ତି । ଏହି ଘଟଣାକୁ ନେଇ ଗ୍ରାମବାସୀ ଆଜି ଲେବର କମିଶନର ସମ୍ବଲପୁରଙ୍କୁ ବିଡ଼ିଓଙ୍କ ଜରିଆରେ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଘଟଣା ସମ୍ପର୍କରେ ଗ୍ରାମର ଯୁବକ ଦିଲୀପ ବଗାରଙ୍କ ଅଭିଯୋଗ ଯେ ଏହି ସିସି ରୋଡ଼କୁ ନିର୍ବାଚନୀ ଏମ. ସି. ସି ଲାଗୁ ହେବା ଆଗରୁ କାମ ଆରମ୍ଭ କରିଥିଲେ । ମାତ୍ର କୁଚିଣ୍ଡା ବିଧାୟକ ପରିବର୍ତନ ହେଲା ପରେ ତାଙ୍କୁ ଆଉ କାମ କରିବା ପାଇଁ ଦିଆଗଲା ନାହିଁ, କି ତାଙ୍କର ହେଇଥିବା ଖର୍ଚ୍ଚ ବିଷୟରେ ସଂପୃକ୍ତ ଠିକାଦାର ବୁଝିଲେ ନାହିଁ । ଏ ନେଇ ସେ ଜେଇ, ଏ. ଇ. ଇ ସୁଶ୍ରୀ ସାଲିନି ସିଂଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି ପଦକ୍ଷେପ ନନେବା ଏବେ ସମଗ୍ର ଅଂଚଳରେ ତୀବ୍ର ଉତେଜନା ସୃଷ୍ଟି କରାଇଛି । ସେହିପରି ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତେଜନା ପ୍ରକାଶ ପାଇବା ସହ ପ୍ରଶାସନକୁ କଡ଼ା ଚେତାବନୀ ଦେଇଛନ୍ତି । ଶ୍ରମିକଙ୍କୁ ସରକାରୀ ଧାର୍ଯ୍ୟ ଅନୁସାରେ ଶ୍ରମ ପ୍ରଦାନ କରାନଗଲେ ଆଗାମୀ ଦିନରେ ଜିଲ୍ଲା ଅଫିସ ଘେରାଉ କରାଯିବ । ଜିଲ୍ଲା ପ୍ରଶାସନ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ନ୍ୟାୟ ପ୍ରଦାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ସରକାରଙ୍କ ଅନୁମତି ପାଇଲା ଫୁଲବାଣୀ ଶ୍ରୀ ସତ୍ୟସାଇ ପ୍ରାଥମିକ ବିଦ୍ୟାଳୟ

କନ୍ଧମାଳ, ୦୨/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ଶ୍ରୀ ସତ୍ୟସାଇ ବାବାଙ୍କ ଆଦର୍ଶରେ ଅନୁପ୍ରାଣିତ ଶ୍ରୀ ସତ୍ୟସାଇ ସେବା ସମିତି ଫୁଲବାଣୀ ଉଦ୍ୟମରେ ପ୍ରତିଷ୍ଠିତ ଶ୍ରୀ ସତ୍ୟସାଇ ବିଦ୍ୟାଳୟ ୧୯୮୧ ମସିହା ୧ ଅକ୍ଟୋବରରେ ସରକାରଙ୍କ ଅନୁମତି ପାଇ ପର୍ଯ୍ୟାୟ କ୍ରମେ ୧୯୮୮ରେ ମାଧ୍ୟମିକ ତଥା ୧୯୯୩ ଉଚ୍ଚ ବିଦ୍ୟାଳୟର ଜନ୍ମଦାତ୍ରୀ, ଅସଂଖ୍ୟ କୃତି ଛାତ୍ର ଛାତ୍ରୀଙ୍କ ସ୍ରଷ୍ଟା ଓ ଅନେକ ସରକାରୀ ବେସରକାରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଜୀବିକା ପ୍ରଦାତା । ଫୁଲବାଣୀର ଶ୍ରୀ ସତ୍ୟ ସାଇ ପ୍ରାଥମିକ ବିଦ୍ୟାଳୟ । ଯେଉଁ କେତଜଣଙ୍କୁ ଯୋଗ୍ୟ କରି ସମଗ୍ର କନ୍ଧମାଳରେ ଉନ୍ନତ ମାନର ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅତି ଉଚ୍ଚ ସମ୍ମାନ ଓ ପରିଚୟ ପ୍ରଦାନ କରିଥିଲା। ସେହି କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ କୁଚକ୍ରାନ୍ତରେ ତା ୧୫/୦୩/୨୦୨୨ ରେ ବନ୍ଦ ହେବାକୁ ବସିଥିଲା, କିନ୍ତୁ କେତେକ ସ୍ଥାନୀୟ ସାଇଭକ୍ତ, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ବୁଦ୍ଧିଜୀବି, ସ୍ଥାନୀୟ ଜନ ପ୍ରତିନିଧି, କିଛି ଜଣା ଶୁଣା ସାମ୍ବାଦିକ, ଜିଲ୍ଲା ପ୍ରଶାସନ, ଶିକ୍ଷା ଅଧିକାରୀଙ୍କ ସହଯୋଗ ଓ ସର୍ବୋପରି ଶ୍ରୀ ସତ୍ୟ ସାଇ ଟ୍ରଷ୍ଟ ଭୁବନେଶ୍ୱରଙ୍କ ନିଷ୍ଠାପର ଉଦ୍ୟମ, ଅବସର ପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ମହାନ୍ତି, ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାନ୍ତି, ପୂର୍ବତନ ଛାତ୍ର ତଥା ଆଇନଜୀବୀ ବିରୂପାକ୍ଷ ପଣ୍ଡା, ତଥା ଭଗବାନ ସାଇ ବାବାଙ୍କ ଅପାର କରୁଣାରୁ ତା ୨୭/୦୯/୨୦୨୪ରେ ସରକାରଙ୍କ ଅନୁମତି ପାଇ ଶ୍ରୀ ସତ୍ୟ ସାଇ ପ୍ରାଥମିକ ବିଦ୍ୟାଳୟଟି ପୁନର୍ଜନ୍ମ ପାଇଛି । ଏହି ବିଦ୍ୟାଳୟରେ ଓଡିଶା ସରକାରଙ୍କ ସାଧାରଣ ପାଠ୍ୟ ଖସଡ଼ା ସହ ନୈତିକ ମାନବିକ ମୂଲ୍ୟବୋଧ ଭିତିକ 'ବାଳବିକଶ' ଶିକ୍ଷା ଦିଆଯାଏ। ଶେଷରେ ଆଜକୁ ଦୀର୍ଘ ବର୍ଷ ହେବ ସ୍ୱଳ୍ପ ଦରମା ପାଇ ପ୍ରାଥମିକ ବିଦ୍ୟାଳୟରେ ଚାକିରି କରୁଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ ଆଜି ସତ୍ୟ ସାଇ ପ୍ରାଥମିକ ବିଦ୍ୟାଳୟ ପୁନର୍ଜନ୍ମ ପାଇଛି ବୋଲି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ କହିଛନ୍ତି। ଆଗାମୀ ଦିନରେ ଯେପରି ଉକ୍ତ ବିଦ୍ୟାଳୟ ପୂର୍ବ ସ୍ଥିତି ଫେରି ପାଇବ ସେ ନେଇ ଅଭିଭାବକ ମାନେ ଆଲୋଚନା କରୁଥିବା ଶୁଣିବାକୁ ମିଳିଛି।

# ପରୀକ୍ଷା ବାତିଲକୁ ନେଇ ବାବା ଭୈରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅସନ୍ତୁଷ୍ଟ

ଧର୍ମଶାଳା, ୦୨/୧୦ (ନି.ପ୍ର): କଲେଜ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ପରୀକ୍ଷାକୁ ବାତିଲ କରାଯାଇଛି । ଯାହାକୁ ନେଇ ପରୀକ୍ଷାର୍ଥୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଚଣ୍ଡିଖୋଲସ୍ଥିତ ବାବା ଭେହରବାନନ୍ଦ ସ୍ୱଂୟ ଶାସିତ ମହାବିଦ୍ୟାଳୟ କ୍ଷେତ୍ରରେ । ଆଜି ହେବାକୁ ଥିବା ଯୁକ୍ତ ଦୁଇ ଇଟଂରନାଲ ପରୀକ୍ଷା ଓଡିଆ ବିଭାଗର ହେବା ଥିବା ବେଳେ ପରୀକ୍ଷା ପୂର୍ବରୁ ଏହାକୁ ବାତିଲ କରାଯାଇଛି । ଯାହାକୁ ନେଇ ପରୀକ୍ଷାର୍ଥୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ସମସ୍ତ ପରୀକ୍ଷାର୍ଥୀ ଆସି ମହାବିଦ୍ୟାଳୟରେ ପଂହଚିଥିଲେ । ହେଲେ ପରୀକ୍ଷା ନ ହୋଇ ନୋଟିସ ବୋର୍ଡରେ ପରୀକ୍ଷା ବାତିଲ ହେବା ସହ ଏହି ସମସ୍ତ ପରୀକ୍ଷା ଦୂର୍ଗାପୂଜା ଛୁଟି ପରେ ଅନୁଷ୍ଠିତ ହେବା ପାଇଁ ସୂଚନା ଦିଆ ଗଲା । ତେବେ କାହିଁ ବାତିଲ ହେଲା ତାହାକୁ ନେଇ ଛାତ୍ରଛାତ୍ରୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ କଲେଜ କତୃପକ୍ଷଙ୍କ ଅବହେଳାରୁ ପ୍ରଶ୍ନପତ୍ର ଲିକ ହେବାରୁ ଏହି ପରୀକ୍ଷା ବାତିଲ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏହି ଘଟଣାକୁ ନେଇ ଆଜି ମହାବିଦ୍ୟାଳୟ ଅଧକ୍ଷ କାର୍ଯ୍ୟାଳୟରେ ଏକ ବୈଠକ ବସିଛି । ଏବଂ ଏଭଳି ଘଟଣାକୁ କଲେଜ କତୃପକ୍ଷ ଗୁରୁତ୍ୱର ସହ ନେଇ କାହିଁକି ଓ କିଏ ଏଭଳି ଘଟଣା ଘଟାଇଲା ତାହା ତଦନ୍ତ କରାଯିବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।

# ବୁଢା ନଦୀର ପୋଲର ସୂଚନା ଫଳକ ଚୋରୀ

କୋରେଇ, ୦୨/୧୦ (ନି.ପ୍ର): ଆଙ୍କୁଲା ରାସ୍ତାରୁ ମତାବାଜ ଗ୍ରାମକୁ ସଂଯୋଗ କରୁଥିବା ବୁଢା ନଦୀ ପୋଲର ସୁଚନା ଫଳକକୁ କେହି ଦୁର୍ବୃତ ରବିବାର ରାତିରେ ଉପାଡ଼ି ନେଇଛି। ସକାଳୁ ମତାବଜ ଗ୍ରାମର ଗ୍ରାମବାସୀ ମନିରୁଦ୍ଦିନ ଖାନ, କୃପାସିନ୍ଧୁ ରଣା, ମଂଜୁର ଇଲାହୀ ଖାନ , ସଏଦ ମେହବୁବ ଅଲ୍ଲୀ, ଲକ୍ଷ୍ମୀକାନ୍ତ ମହାପାତ୍ର, ଅଜୟ କୁମାର ପଣ୍ଡା, କୈଳାସ ସାହୁ, ବିଷ୍ଣୁ ଚରଣ ସାହୁ,ଏକନ ସାହୁ, ଗଣେଶ ମହାପାତ୍ର ପ୍ରମୁଖ ଉକ୍ତ ଘଟଣା ଦେଖିବା ପରେ ବହୁତ ଖୋଜା ଖୋଜି କରିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

# ମା' ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା, ୦୨/୧୦ (ନି.ପ୍ର): କେନ୍ଦ୍ରାପଡା ର ଗଣପର୍ବ ମା' ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲା ପ୍ରଶାସନ ର ପ୍ରାକ୍ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ସମୟେର କେନ୍ଦ୍ରାପଡା ପୌରପାଳିକା ଟାଉନ ହଲ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକେର କେନ୍ଦ୍ରାପଡା ବିଧାୟକ ଗେଣଶ୍ୱର ବେହେରା, ରାଜନଗର ବିଧାୟକ ଧୃବ ଚରଣ ସାହୁ, ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦ୍ରାପଡା ଲୋକସଭା ସଂାସଦଙ୍କ ପ୍ରତିନିଧି ସଲିମ ଖାନ, ପୌରାଧକ୍ଷା ଶ୍ରୀମତୀ ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ର, ଉପ ଜିଲ୍ଲପାଳ ରବିନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ମା' ଗଜଲକ୍ଷ୍ମୀ ପୂଜା ଅୟୋଜକ ନିମେନ୍ତ ଉପସ୍ଥିତ ଶାନ୍ତି କମିଟିର ସଭାପତି, ସଂପାଦକ, ଉପ ସଭାପତି ଓ ମେଢର ସମସ୍ତ କମର୍କର୍ତା ମରେନ ଉପସ୍ଥିତ ଥିଲେ । ଉପ ଜିଲ୍ଲପାଳ ଶ୍ରୀ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶାନ୍ତି ଶୃଙ୍ଖଳା ସହିତ ମା' ଗଜଲକ୍ଷ୍ମୀ ପୂଜା ଓ ଭସାଣୀ ଉତ୍ସବ ଅୟୋଜନ ନିମେନ୍ତ ଉପସ୍ଥିତ ଶାନ୍ତି କମିଟିର ସଭାପତି, ସଂପାଦକ, ଉପ ସଭାପତି, ମେଢର କମର୍କର୍ତା ମାନଙ୍କୁ ଅନୁରୋଧ କରିଥିଲେ ।

## ଧାରାବାହିକ:

ଭାଗ-୨୩

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

### ୪ର୍ଥ ଅଧ୍ୟାୟ

**।। ଋଷଭଦେବଙ୍କ ରାଜ୍ୟ ଶାସନ ।।**

ଭଗବାନ ବିଷ୍ଣୁଅଂଶୀ ଋଷଭଦେବ ଶୁକ୍ଳପକ୍ଷ ଚନ୍ଦ୍ରମା ଭଳି ବଢିବାକୁ ଲାଗିଲେ । ତାଙ୍କର ପରାକ୍ରମ ଦେଖି ପିତା ନାମ ଦେଲେ ଋଷଭ । ସେ ରାଜ୍ୟରେ ଥରେ ଅନାବୃଷ୍ଟି କାରଣରୁ ପ୍ରଜା ହଇରାଣ ହେବାରୁ ଋଷଭ ନିଜର ଯୋଗମାୟା ବଳରେ ବୃଷ୍ଟି କରାଇ ପ୍ରଜାଙ୍କ ପ୍ରିୟଭାଜନ ହେଲେ । କିଛିକାଳ ପରେ ରାଜା ନାଭି ସର୍ବଗୁଣ ସମ୍ପନ୍ନ ଋଷଭଙ୍କୁ ସିଂହାସନ ପ୍ରଦାନ କରି ବାନାପ୍ରସ୍ଥକୁ ଗମନ କଲେ । ଋଷଭ କିଛିକାଳ ଗୁରୁ ଆଶ୍ରମରେ ଅଧ୍ୟୟନ କରି ବିଦ୍ୟାଭାସ କରି ଗୁରୁ ନିର୍ଦ୍ଦେଶର ଗୃହସ୍ଥାଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ । ତାଙ୍କର ଶହେପୁତ୍ର ହେଲେ ସେଥିରୁ ଭରତ ଶ୍ରେଷ୍ଠ ଥିଲେ । ପ୍ରଜାବତ୍ସଳ ରାଜା ଋଷଭ ନିଜର ପ୍ରଜାମାନଙ୍କୁ ଜୀବନ ବୋଲି ମନେ କରୁଥିଲେ, ଅତଃ ସେମାନଙ୍କୁ ସେ ସମସ୍ତ ସୁଖ ସ୍ୱାଛନ୍ଦ ଯୋଗାଇଦେଲେ । ବହୁ ଯଜ୍ଞାନୁଷ୍ଠାନ ଦ୍ୱାରା ଭାଟ, ଭିକାରୀ ଓ ବ୍ରାହ୍ମଣଙ୍କୁ ସନ୍ତୁଷ୍ଟ କଲେ । ଏକଦା ରାଜା ଋଷଭ ବ୍ରହ୍ମାବର୍ତ୍ତ ଦେଶରେ ପହଞ୍ଚି ଏକ ପ୍ରଜା ସମାବେଶରେ ନିଜର ପୁତ୍ର ଏବଂ ପ୍ରଜାମାନଙ୍କୁ ସତଶିକ୍ଷା ପ୍ରଦାନ ନିମିତ୍ତ କୋମଳ ମଧୁର ବଚନରେ ନୀତି କଥାମାନ ପ୍ରକାଶ କଲେ ।

### ୫ମ ଅଧ୍ୟାୟ

**।। ଋଷଭଦେବଙ୍କ ନୀତି ଶିକ୍ଷା ପ୍ରଦାନ ।।**

ଋଷଭଦେବ କହିଲେ, ହେ ମୋର ପ୍ରିୟ ପୁତ୍ରଗଣ! ଏହି ଦୁର୍ଲ୍ଲଭ ମନୁଷ୍ୟ ଶରୀର କେବଳ ବିଷୟା ଭୋଗ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ବିଷୟାଭୋଗର ଲିପ୍ତ ମନୁଷ୍ୟର ଜୀବନ ନର୍କ ସହ ସମାନ । ଭୋଗ ଶରୀର ଇତର ପ୍ରାଣୀକୁ ବି ମିଳିଥିବାରୁ ମନୁଷ୍ୟର ଏହା କର୍ତ୍ତବ୍ୟ ଯେ, ସେ ସତକର୍ମ, ଈଶ୍ୱର ଆରାଧନା ବଳରେ ଆସକ୍ତିକୁ କାଟି ଶାନ୍ତ ଚିତ୍ତ ହୋଇ କ୍ରୋଧ ପରିହାର କରି ଭଗବତ ଚରଣାରବିନ୍ଦରେ ସମର୍ପିତ ହୋଇଯିବା । ଫଳରେ ସାଂସାରିକ ଯାତନାରୁ ନିଜକୁ ରକ୍ଷା କରିପାରିବ । ମୋତେ ଚିହ୍ନିବାକୁ ଚେଷ୍ଟାନକଲେ କେବଳ ମୋ ଘର, ମୋ ପତ୍ନୀ, ମୋ ସଂସାର ଭିତରେ ବାନ୍ଧି ହୋଇ କ୍ଷଣିକ ସୁଖ ପ୍ରତିବଦଳରେ ଅନ୍ତକାଳରେ ଭୟଙ୍କର ଦୁଃଖ ଭୋଗକରେ । ଏଣୁ ମୋତେ ଗୁରୁ ରୂପରେ ଗ୍ରହଣ କରି ମୋଠାରେ ମନ ନିବେଶ ଶ୍ରଦ୍ଧା ଓ ନିଷ୍ଠାର ସହ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ମୋର ଗୁଣାବଳୀ କୀର୍ତ୍ତନ କରିବ ତଥା ସମସ୍ତ ଅଭିମାନ ତ୍ୟାଗ କରି ମୋର ଭାବରେ ଅନୁପ୍ରାଣୀତ ହୋଇ ସମସ୍ତ କର୍ମ ହୃଦୟର ସହିତ ମୋତେ ଅର୍ପଣ କରିବ । ଫଳରେ ସଂସାରୀ ହୋଇ ମଧ୍ୟ ତୁମେ ମାୟା ବନ୍ଧନରେ ନ ପଡି ମୁକ୍ତି ପାଇଯିବ । ସଂସାର କ୍ଷଣିକ ସୁଖ ହିଁ ଅଶେଷ ଦୁଃଖର କାରଣ, ସୁଖ ପ୍ରତି ଦୃଷ୍ଟି ଥିବା ବ୍ୟକ୍ତିକୁ ଅବିଦ୍ୟା ଗ୍ରାସ କରୁଥିବାରୁ ମୃତ୍ୟୁକୁ ସେ ପାଶୋରି ଦିଏ, ନିର୍ବୋଧ ପରି ସେ ମାୟା ମୋହରେ ଭ୍ରମି ହୁଏ । କେବଳ ସତ ଗୁରୁ ହିଁ ଶିଷ୍ୟକୁ ଏହି ଦିଗରେ ସତର୍କ କରାଇ ଅବିଦ୍ୟା-ରାକ୍ଷସୀ ନିକଟରୁ ରକ୍ଷା କରିପାରିବ । କୁମାର୍ଗରେ ଯାଉଥିବା ଅନ୍ଧବ୍ୟକ୍ତିକୁ ଗର୍ତ୍ତରେ ପଡିବା ପୂର୍ବରୁ ଚକ୍ଷୁଷ୍ମାନ ପୁରୁଷ ଉଦ୍ଧାର କରିବା ଭଳି ପିତା, ଗୁରୁ, ରାଜା ନିଜର ପୁତ୍ର, ଶିଷ୍ୟ ଓ ପ୍ରଜାମାନଙ୍କୁ ସତ୍ ଶିକ୍ଷାଦେଇ ଉଦ୍ଧାର କରିବ । ହେ ପୁତ୍ରଗଣ, ଅଷ୍ଟାଙ୍ଗ ଯୋଗ ମାଧ୍ୟମରେ ମୁନିମାନେ ସର୍ବଭୂତାଶ୍ରୟୀ ମୋତେ ସର୍ବଦା ଧ୍ୟାନ କରିଥାନ୍ତି । ସମସ୍ତଙ୍କର ସୁଖ ଦୁଃଖାଦି ମୁହିଁ ଭୁଞ୍ଜିଥାଏ । ମନୁଷ୍ୟ, ଦେବତା, ଗନ୍ଧର୍ବଙ୍କଠାରୁ ବିପ୍ର ଶ୍ରେଷ୍ଠ । ସେମାନଙ୍କୁ ଶ୍ରଦ୍ଧାର ଦିଆ ଯାଉଥିବା ଭୋଜନ ମୁ ଗ୍ରହଣ କରିଥାଏ । ମୋ ଠାରେ ଶ୍ରଦ୍ଧାର ସହିତ ବିଭିନ୍ନାନୁଷ୍ଠାନ କରି ମୋହରି ପାଦପଦ୍ମରେ ସମର୍ପଣ କରି ସଂକଟରୂପୀ ଯମ ଦଣ୍ଡରୁ ନିଜକୁ ମୁକ୍ତ କର । ଏହି ଭଳି ସତ ଶିକ୍ଷା ପ୍ରଦାନ କରି ରାଜା ଋଷଭ ନିଜ ପୁତ୍ରକୁ ରାଜପଦରେ ଅଭିଷିକ୍ତ କରି ନିଜେ ମୌନୀ ଦିଗମ୍ବର ସନ୍ୟାସୀ ହୋଇଗଲେ । ସମ୍ପୂର୍ଣ୍ଣ ନିର୍ଲିପ୍ତ, ଉଦାସୀନ, ଅହିଂସ ଓ ଅସୂୟାଭାବ ଶୂନ୍ୟ ହୋଇ ଦୁଷ୍ଟ ଲୋକଙ୍କ ଦୁର୍ବବ୍ୟହାର ସହ୍ୟ କଲେ । ଅବଶେଷରେ ତ୍ୟାଗର ପବିତ୍ର ଆଦର୍ଶ ଦେଖାଇବାକୁ ଯାଇ ଅଜଗର ବୃତ୍ତିକୁ ଗ୍ରହଣ କରିନେଲେ, ହେଲେ ସେ କେବେ ବି ନିଜର ଈଶ୍ୱରୀୟ ମହିମା ପ୍ରଦର୍ଶନ କରି ନ ଥିଲେ।

### ୬ଷ୍ଠ ଅଧ୍ୟାୟ

**।। ଋଷଭଦେବଙ୍କ ଦେହତ୍ୟାଗ ।।**

ରାଜା ରୀକ୍ଷିତ ଶୁକମୁନିଙ୍କୁ ପଚାରିଲେ,ବିଷ୍ଣୁଅଂଶୀ ଇଚ୍ଛାବିହାରୀ, ମହାଯୋଗେଶ୍ୱର, ଅଷ୍ଟ ଐଶ୍ୱର୍ଯ୍ୟଦାତା ଋଷଭଦେବ କାହିଁକି ଦୁଷ୍ଟଙ୍କ ପାଖରୁ କ୍ଳେଶ ପାଇଲେ ? ଶୁକଦେବ କହିଲେ ଭଗବାନ ଅବତାର ନେଇ ଧର୍ମର ରକ୍ଷା ନିମନ୍ତେ କଷ୍ଟ ପାଇଲେ ବି ବ୍ୟତିକ୍ରମ କରନ୍ତି ନାହିଁ । ମନୁଷ୍ୟର ମନ ବଡ ଅବିଶ୍ୱାସୀ ଠିକ ବ୍ୟଭିଚାରିଣୀ ସ୍ତ୍ରୀ ପରି, ସ୍ୱାମୀ ଥିବା ସତ୍ତ୍ୱେ ଜାରପୁରୁଷ ସହ ସମ୍ପର୍କ ରଖିବା ପରି ମନ ସୁଯୋଗ ପାଇଲେ ବିପଥଗାମୀ କରାଇ ଜୀବର ଧ୍ୱଂସ ସାଧନ କରିଥାଏ । ଋଷଭଦେବ ଇତର ପ୍ରାଣୀଙ୍କ ଭଳି ମନର ତାଡନାରେ ନପଡି ତାଙ୍କୁ ପୀଡା ଦେଉଥିବା ଲୋକଙ୍କୁ ନଦଣ୍ଡି ନିଜର ମହିମା ଓ ବିଭୂତିକୁ ପ୍ରଚ୍ଛନ୍ନ ରଖି ଜଡ ପୁରୁଷର ଆଚରଣ କରୁଥିଲେ ଅଥଚ ଯୋଗନ୍ୱେଷୀ ଲୋକଙ୍କୁ ଜ୍ଞାନ ପ୍ରଦାନ କରୁଥିଲେ । ସେ ନିଜର ଦେହତ୍ୟାଗ କରିବାକୁ ସଂକଳ୍ପ ନେବାରୁ ଅଗ୍ନିରେ କାୟା ବିସର୍ଜନ କଲେ । କଳିଯୁଗର ମନୁଷ୍ୟ କୁପଥଗାମୀ ହୋଇ ଦେବତା, ବ୍ରାହ୍ମଣାଦି ସାତ୍ତ୍ୱିକ କର୍ମକୁ ନିନ୍ଦା କରିବ । ତମୋଗୁଣକୁ ଆଶ୍ରୟ କରି ପାପ, ଅନ୍ୟାୟ, ଅତ୍ୟାଚାର କରିବା ସମୟରେ ଋଷଭଦେବଙ୍କ ଚରିତ ଆଦର୍ଶ ହୋଇ ରହିବ ।

### ୭ମ ଅଧ୍ୟାୟ

**।। ଋଷଭଦେବଙ୍କ ଦେହତ୍ୟାଗ ।।**

ନିଜ ପିତାଙ୍କ ପଦାଙ୍କ ଅନୁସରଣ କରି ରାଜା ଭରତ ଅଜନାଭ ଦେଶର ପ୍ରଜାପାଳନ କଲେ । ପରମ ବିଷ୍ଣୁଭକ୍ତ, ବିଷ୍ଣୁଙ୍କ ଆଶୀର୍ବାଦରେ ଶ୍ରୀବତ୍ସ, କୌସ୍ତୁଭ, ଶଙ୍ଖ, ଚକ୍ର, ଗଦା ପଦ୍ମାଦି ଲକ୍ଷଣମାନ ଭୂଷିତ ରାଜା ଭରତଙ୍କ ନାମାନୁସାରେ ଏ ଦେଶର ନାମ ଭାରତ ହୋଇଛି । ସେ ନିଜର ପାଞ୍ଚପୁତ୍ରଙ୍କୁ ରାଜ୍ୟଭାର ଅର୍ପଣ କରି ପୁଲହ ମୁନିଙ୍କ ଆଶ୍ରମରେ ବିଷୟରସ ତ୍ୟାଗକରି ଗୋବିନ୍ଦ ଆରାଧନାରେ ନିମଜ୍ଜିତ ରହିଲେ ।

### ୮ମ ଅଧ୍ୟାୟ

**।। ଭରତଙ୍କ ମୃଗଶରୀର ଧାରଣ ଓ ବିସର୍ଜନ ।।**

ଭରତ ଏକଦା ବିଷ୍ଣୁସ୍ତବ ପାଠକରି ଶୀତଳ ଜଳରେ ସ୍ନାନ କରିବା ସମୟରେ ଦେଖିଲେ, ଗୋଟିଏ ତୃଷାତୁରା ଗର୍ଭବତୀ ହରିଣୀ ଜଳପାନ ସମୟରେ ସିଂହ ଗର୍ଜନରେ ଭୟଭିତା ହୋଇ ଜଳକୁ ଡେଇଁପଡିଲା ଓ ଶାବକଟିଏ ଜନ୍ମଦେଲା । ସେହି ନବଜାତକଟି ଜଳରେ ଭାସି ଯାଉଥିବାର ଦେଖି ଭରତଙ୍କ ମନରେ ଦୟା ଜାତ ହେବାରୁ ସେ ଉଦ୍ଧାର କରି ପାଳନ କରିବାକୁ ଲାଗିଲେ । କ୍ରମେ ସେହି ମୃଗଶିଶୁ ପ୍ରତି ଏତେ ସ୍ନେହାସକ୍ତ ହୋଇପଡିଲେ ଯେ ତାହାରି ଯତ୍ନରେ ନିଜକୁ ଲଗାଇଦେଲେ ଏପରିକୁ ଭଗବତ ଆରଧନା ପ୍ରତି ବିସ୍ମୃତ ହୋଇଗଲେ । ଥରେ ସେ ଶାବକଟି ବନ ମଧ୍ୟରେ ହଜିଯିବାରୁ ଭରତ ଏତେ ବ୍ୟାକୁଳ ହେଲେ ଯେ ଶାବକର ସ୍ମୃତିକୁ ସେ ଚନ୍ଦ୍ରମା ଭିତରେ ତାକୁ ଦେଖିଲେ । ତପଶ୍ଚର୍ଯ୍ୟା ପାଇଁ ସିଂହାସନ ଓ ପୁତ୍ରକଳତ୍ରାଦିକୁ ଛାଡିଥିବା ଭରତ ଶାବକ ପ୍ରତି ସ୍ନୋହସକ୍ତ କାରଣରୁ ପ୍ରାରବ୍ଧ କର୍ମର ଅଧୀନ ହୋଇପଡିଲେ । କିଛି କାଳ ପରେ ମହାରାଜ ଭରତଙ୍କର ମୃତ୍ୟୁ ସମୟରେ ସେହି ମୃଗକଥା ଭାବୁଥିବା କାରଣରୁ ତାଙ୍କର ମୃଗଜନ୍ମ ହେଲା । ପୂର୍ବ ପୁଣ୍ୟ ଯୋଗୁଁ ସେ ଜାତିସ୍ମର ହେବା କାରଣରୁ ପୂର୍ବ ସ୍ମୃତି ତାଙ୍କର ବିଲୋପ ନ ହେବା କାରଣରୁ ପୂର୍ବ ଜନ୍ମରେ ମୃଗଶାବକ ପ୍ରତି ଆସକ୍ତି ଓ ଭଗବତ ଆରଧନାରେ ଅବହେଳା ମନେ ପଡିଗଲା । ସେ ଅତ୍ୟନ୍ତ ମର୍ମାହତ ହୋଇ ନିଜର ମା ମୃଗୀକୁ ତ୍ୟାଗକରି ଶାଳଗ୍ରାମ ତୀର୍ଥକୁ ଗମନ କରି ଶୁଷ୍କ ପତ୍ରାଦି ଭକ୍ଷଣ କରି ମୃତ୍ୟୁ କାମନା କଲେ ଓ କିଛିକାଳାନ୍ତେ ପବିତ୍ର ତୀର୍ଥ ଜଳରେ ନିଜର ପ୍ରାଣ ବିସର୍ଜନ କଲେ ।

### ୯ମ ଅଧ୍ୟାୟ

**।। ଭରତଙ୍କ ବ୍ରାହ୍ମଣ ରୂପେ ଜନ୍ମ ଲାଭ ।।**

ମୃଗଜନ୍ମରୁ ମୁକ୍ତିଲାଭ କରି ଭରତ ଜଣେ ଅଙ୍ଗୀରସ ଗୋତ୍ରୀ ବ୍ରାହ୍ମଣ ପୁତ୍ର ଭାବରେ ଜନ୍ମନେଲେ । ଜାତିସ୍ମର କାରଣରୁ ପୂର୍ବଜନ୍ମର କଥା ତାଙ୍କର ସ୍ମରଣ ହେବାରୁ ସେ ସର୍ବଦା ସତର୍କରେ ଚଳିବା ସହହ କୁସଙ୍ଗ ବର୍ଜନ କଲେ । ସଦା ନିସ୍ପୃହ ରହି ଭଗବାନଙ୍କ ଚରଣାରବିନ୍ଦରେ ମନ ଲଗାଉଥିବାରୁ ଲୋକେ ତାଙ୍କୁ ଜଡର ଆଖ୍ୟାଦେଲେ । ପିତାଙ୍କ ମୃତ୍ୟୁପରେ ଭାଇମାନେ ତାଙ୍କୁ କୃଷିକ୍ଷେତ୍ର ଜଗିବା ଦାୟିତ୍ୱ ଦେଲେ । ଇନ୍ଦ୍ରିୟ ତୃପ୍ତି ପରିହାର କରି ନିବୃତ୍ତି ମାର୍ଗରେ ଚଳିବା ପୂର୍ବକ ଭାଇମାନେ ଯାହା ଦିଅନ୍ତି ସେଥିରେ ସନ୍ତୁଷ୍ଟ ହୋଇ ଖରା, ବର୍ଷା, ଶୀତ ; କାକରରେ ନିଜର କର୍ତ୍ତବ୍ୟ କରୁଥାନ୍ତି । ଥରେ ଜଣେ ଅପୁତ୍ରିକ ଦସ୍ୟୁ ପୁତ୍ରକାମନା କରି ଚଣ୍ଡୀଙ୍କୁ ବଳିଦେବା ନିମନ୍ତେ ଏକ ନର-ପଶୁ ସଂଗ୍ରହ କରିଥିଲା । ସେ ନରବଳିଟି କୁଆଡେ ଚାଲିଯିବାରୁ ଦସ୍ୟୁ ଅନୁଚରମାନେ ଭରତକୁ ପାଇ ଧରିନେଇ ବଳି ନିମନ୍ତେ ପ୍ରସ୍ତୁତ କରିବାରୁ ମା ଭଦ୍ରକାଳି ଅତ୍ୟନ୍ତ କ୍ରୁଧ ହୋଇ ଘାତକ ହାତରୁ ଖଡ୍ଗ ନେଇ ବ୍ରାହ୍ମଣ ସମେତ ସମସ୍ତଙ୍କୁ ବଧକରି ରୁଧିର ପାନ କଲେ । ଭଗବତ ଆଶ୍ରୟୀମାନଙ୍କର କୌଣସି କ୍ଷତି ହୋଇନଥାଏ ଏଥିରୁ ପ୍ରମାଣିତ ହେଲା ।

(କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ଅନ୍ୟର ନିନ୍ଦା କାହିଁକି !!



ଶ୍ୱେତା ରାଉତ୍

ପ୍ରଶଂସା ଶୁଣିବାକୁ ସମସ୍ତଙ୍କୁ ଭଲ ଲାଗେ, ପ୍ରଶଂସା ଶୁଣିବା ପାଇଁ ଲୋକେ ଯେନତେନ ପ୍ରକାର ନିଜକୁ ପ୍ରଦର୍ଶିତ କରନ୍ତି,କେବେ କେବେ ନିଜକୁ ଉଚ୍ଚରେ ରଖିବାକୁ ଯାଇ ଅନ୍ୟକୁ ଗାତକୁ ଠେଲି ଦିଅନ୍ତି। ସତେ ଯେମିତି ବିଦ୍ୟାଳୟର ଦୌଡ଼ ପ୍ରତିଯୋଗିତା।ଜୀବନକୁ ପ୍ରତିଯୋଗିତା ଭାବି ନେଲେ ଆମେ ହୁଏତ ସଫଳତା ପାଇ ପାରିବା କିନ୍ତୁ ଶାନ୍ତି ପାଇପାରିବା ନାହିଁ। ଶାନ୍ତି କେବଳ ସେବାରୁ ଆସେ। ଆଜିକାଲି ଆମେ ଯେଉଁ ରାଜନୀତି ଦେଖୁଛନ୍ତି ସେଥିରେ ଜନତାଙ୍କ ପାଇଁ ସେବା କମ୍ ବିରୋଧୀ ସହିତ ଲଢେଇ ଅଧିକ ଦେଖିବାକୁ ମିଳୁଛି।

ଦୁଇ ଦଳ ଭିତରେ ଗୋଡ ଟଣା ନୀତି ଯୋଗୁଁ ନିରୀହ ଜନତା ଅନେକ ସରକାରୀ ସୁଯୋଗ ସୁବିଧାରୁ ବଞ୍ଚିତ ହେଉଛନ୍ତି।କେଉଁ ଅଞ୍ଚଳରେ କଣ ଅସୁବିଧା, ଲୋକଙ୍କୁ କି ପ୍ରକାର ସେବା ଯୋଗାଇ ହେବ,କେମିତି ସରକାର ଦ୍ୱାରା ଲୋକ ଉପକୃତ ହେବେ, ପରିବେଶ, ପରିସ୍ଥିତି ଯେମିତି ଜନତାଙ୍କ ପାଇଁ ଅନୁକୂଳ ହେବ ସେ ବିଷୟରେ ଚିନ୍ତା କରିବା ଛାଡ଼ି, ରାତି ପାହିଲେ ପ୍ରତି ଦଳ ପରସ୍ପର ବିରୁଦ୍ଧରେ ଆକ୍ରୋଶ,ହିଂସା, ନିନ୍ଦା ଓ କାହାର କେଉଁଠି ତ୍ରୁଟି ରହିଲା ଖୋଜିବାରେ ବ୍ୟସ୍ତ। ମୁଁ ଅମୁକ କାମ କରୁଥିଲି ସେ କରୁନାହିଁ, ମୁଁ ଏତେ ବଡ ପ୍ରୋଜେକ୍ଟ ଆଣିଥିଲି ସେ ଆଣିନାହିଁ, ମୁଁ ଅଧିକ ଯୋଗ୍ୟ ସେ ଅଯୋଗ୍ୟ ଏମିତି ବାରମ୍ବାର ଲାଞ୍ଛନା ଆଣିଲେ ବ୍ୟକ୍ତିର ନିଜସ୍ୱ ଚିନ୍ତାଧାରା, ବିଚାର ପ୍ରଦୂଷିତ ହୋଇଥାଏ। ରାଗ, କ୍ରୋଧ, ଆକ୍ରୋଶରେ କବଳିତ ହୋଇ ବ୍ୟକ୍ତି ନିଜର ନିର୍ମଳ ମନ, ନିରୀହ ଗୁଣ,ନିଷ୍କପଟ ହୃଦୟକୁ ମଳିନ କରିଥାଏ। ଅନ୍ୟକୁ ନିଚ୍ଚା ଦେଖେଇବାରେ ଅଭ୍ୟସ୍ତ ହୋଇ ନିଜେ ତଳକୁ ଖସି ଯାଇଥାଏ।କାରଣ ଆମେ ଆମ ମସ୍ତିଷ୍କକୁ କିଭଳି ଭୋଜନ କରାଉଛନ୍ତି ତାହା ଆମ ମୁଖ ବା ବ୍ୟବହାରରେ ପ୍ରତିଫଳିତ ହୋଇଥାଏ।

ଆମେ କାହିଁକି ଅନ୍ୟକୁ ସମାଲୋଚନା କରି ନିଜକୁ ଶ୍ରେଷ୍ଠ ବିବେଚିତ କରିବା। ଆମ କର୍ମ ଯଦି ସଠିକ୍ ଥାଏ, ସେବା ଯଦି ନିଃସ୍ୱାର୍ଥ ଥାଏ ତେବେ ଆମକୁ ଲୋକେ ନିଶ୍ଚୟ ଜଣେ ବୁଦ୍ଧିମାନ ଶାସକ ବିବେଚନା କରିବେ। ନିଜକୁ ନିଜ କର୍ମ ଦ୍ୱାରା ଉଚ୍ଚ ସ୍ଥାନକୁ ନେଇଗଲେ,ଆପଣା ଛାଏଁ ପ୍ରତିଦ୍ୱନ୍ଦୀ ତଳକୁ ରହିଯିବ। ପ୍ରତିଦ୍ୱନ୍ଦୀକୁ ହରାଇବା ପାଇଁ ଯୁଦ୍ଧର ଆବଶ୍ୟକତା ନାହିଁ, କେବଳ ନିଜର ଯୋଗ୍ୟତା ବଢାଇଦେଲେ ହେଲା। ଯେତିକି ସମୟ ଆମେ ମସ୍ତିଷ୍କକୁ ଅନ୍ୟର ଦୁର୍ଗୁଣ ଖୋଜିବାରେ ବ୍ୟବହାର କରୁଛନ୍ତି,ସେତିକି ସମୟ ନିଜର ସାମର୍ଥ୍ୟ ବଢ଼ାଇବାକୁ ବ୍ୟବହାର କଲେ ଅନ୍ତତଃ ସମାଜ ପାଇଁ ଉପକାରରେ ଆସିପାରିବା। କାହାର ଦୂର୍ଗୁଣ କହି ବୁଲିଲେ, କାହାକୁ ଅଯୋଗ୍ୟ ସାବ୍ୟସ୍ତ କଲେ, କାହାର ବ୍ୟବହାରକୁ ତାଚ୍ଛଲ୍ୟ କଲେ ଆମର ଯୋଗ୍ୟତା ବଢେ ନାହିଁ ବରଂ ଅନେକ ଲୋକଙ୍କ ଆମ ପ୍ରତି ଥିବା ଭଲପାଇବା ଘୃଣାରେ ବଦଳିଯାଏ। ଆମେ କାହାକୁ କାଦୁଅ ଫିଙ୍ଗିଲେ ପ୍ରଥମେ ଆମ ହାତ ହିଁ କାଦୁଅ ହୋଇଥାଏ, ତେଣୁ ଆଦୌ କାଦୁଅରେ ନପଶି ନିଜ ବାଟରେ ନିଜ କର୍ମ କରି ଆଗେଇ ଯିବା ହିଁ ବୁଦ୍ଧିମାନର କାମ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଗରମାଗରମ ଭାତ ସହ ଖାଆନ୍ତୁ ପୋଇ ଚିଙ୍ଗୁଡ଼ି ରସା



ଆବଶ୍ୟକ ସାମଗ୍ରୀ: ଚଙ୍ଗୁଡ଼ି, ପୋଇପତ୍ର, ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆ ପତ୍ର, କଞ୍ଚା ଲଙ୍କା, ଜିରା, ଧନିଆ, ନଡ଼ିଆ ରସ ଓ ଲୁଣ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପିଆଜ, ଅଦା, ରସୁଣ, କଞ୍ଚାଲଙ୍କା, ପୋସ୍ତ, ଧନିଆପତ୍ର, ଲଙ୍କା, ଜିରା ଓ ଧନିଆକୁ ବାଟି ଦିଅନ୍ତୁ। ବର୍ତ୍ତମାନ ଏକ ମାଟି ପଲମରେ ତେଲ ଗରମ କରି କଟା ପୋଇ ପତ୍ରକୁ ଅଳ୍ପ ଭାଜି ଦିଅନ୍ତୁ। ସେଗୁଡ଼ିକୁ କାଢ଼ି ଦେଇ ସେହି ପଲମରେ ପୁଣି ଥରେ ତେଲ ଗରମ କରି ପ୍ରସ୍ତୁତ କରିଥିବା ବଟା ମସଲାକୁ ପକାଇ କଷନ୍ତୁ। ମସଲା କଷି ହୋଇଯିବା ପରେ ଅଳ୍ପ ଲୁଣ ଓ ଚିଙ୍ଗୁଡ଼ି ପକେଇ ଭଲ ଭାବେ ଗୋଳେଇ ଘୋଡ଼ଣି ଦେଇ ଦିଅନ୍ତୁ। ଦୁଇ ତିନି ମିନିଟ୍ ପରେ ଘୋଡ଼ଣି କାଢ଼ି ଭଜା ପୋଇପତ୍ର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ନଡ଼ିଆ ରସ, ସ୍ୱାଦ ଅନୁସାରେ ଲୁଣ ଓ କଟା କଞ୍ଚା ଲଙ୍କା ପକେଇ ଘୋଡ଼ାଇ ଦିଅନ୍ତୁ। ତିନି ଚାରି ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଗରମ ମସଲା ପକାନ୍ତୁ ଓ ପଲମକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ପୋଇ ଚିଙ୍ଗୁଡ଼ି ରସା'। ଏହି ରେସିପିଟିକୁ ଗରମା ଗରମ ଭାତ କିମ୍ବା ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# ପବନ ଚଳାଚଳ କରୁନଥିବା ଘରେ ରହୁଛନ୍ତି କି ?: ହୋଇପାରେ ଏହି ଜଟିଳ ରୋଗ

ପ୍ରଦୂଷଣ ବୃଦ୍ଧି, ଖରାପ ଜୀବନଶୈଳୀ ଏବଂ ଧୂମପାନ ଅଭ୍ୟାସ କାରଣରୁ ଫୁସଫୁସ ଉପରେ କୁପ୍ରଭାବ ପଡେ, ଏକଥା ଅଧିକାଂଶ ଲୋକ ଜାଣିଥିବେ ନିଶ୍ଚୟ। ଏହା ବ୍ୟତୀତ ଫୁସଫୁସ ସ୍ୱାସ୍ଥ୍ୟ ବିଗିଡିବାର ଆଉ ଏକ କାରଣ ସାମ୍ନାକୁ ଆସିଛି, ଯାହା ଚିନ୍ତାଜନକ। କାରଣ ଅଧିକାଂଶ ଲୋକେ ଏହି ଅଭ୍ୟାସରେ ଅଭ୍ୟସ୍ତ। ବାସ୍ତବରେ ବନ୍ଦ ଘରେ ବା ଅଫିସରେ, ଯେଉଁଠିକୁ ପବନ ଚଳାଚଳ କରିପାରୁନି, ସେଠାରେ ରହିବା ଦ୍ୱାରା ଫୁସଫୁସ ଉପରେ କୁପ୍ରଭାବ ପଡିବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ବିଶେଜ୍ଞଙ୍କ କହିବା ଅନୁସାରେ, ବନ୍ଦ ଘର ଭିତରର ବାୟୁ ମଧ୍ୟ ଫୁସଫୁସ ପାଇଁ ବିପଜ୍ଜନକ ହୋଇପାରେ। ଏହି କାରଣରୁ



ଆଜମା, ବ୍ରୋଙ୍କାଇଟିସ୍, ଏପରିକି ଲଙ୍ଗ୍ କ୍ୟାନସ (ଫୁସଫୁସ କର୍କଟ) ହେବାର ଆଶଙ୍କା ରହିଛି। ଡାକ୍ତରଙ୍କ କହିବାନୁସାରେ, ଖରାପ ଭେଣ୍ଟିଲେସନ୍ ଥିବା ସ୍ଥାନର ବାୟୁରେ ୧୦୦ ଗୁଣ ଅଧିକ ମାଇକ୍ରୋ ପାର୍ଟିକିଲ୍ସ (ସୂକ୍ଷ୍ମ କଣିକା) ଉତ୍ପାଦନ ହୋଇପାରେ। ଏସି କଠୋରୀ ଅର୍ଥାତ୍ ଯେଉଁ ସ୍ଥାନକୁ ବାୟୁ ଚଳାଚଳ ହେଉନାହିଁ, ସେହି ସ୍ଥାନରେ ଏପରି ହେବାର ଆଶଙ୍କା ଅଧିକ। ଏହାର ଅର୍ଥ ଘରେ ଥାଇ ମଧ୍ୟ ବାୟୁ ପ୍ରଦୂଷଣର ଶିକାର ହେବା। ଏହା ଦ୍ୱାରା ଫୁସଫୁସ ସଂକ୍ରମଣ ସହ ନିମୋନିଆ ହୋଇପାରେ। ଏହା ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଇପାରେ। ଯଦିଓ କମ୍ ଭେଣ୍ଟିଲେସନ୍ ଥିବା ସ୍ଥାନରେ ରହୁଥିବା ଲୋକଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥାଏ, କିନ୍ତୁ ଯେଉଁମାନଙ୍କର ଫୁସଫୁସ ସମ୍ବନ୍ଧୀୟ ରୋଗ ଅଛି ସେମାନେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇପାରନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ଏକ ରିପୋର୍ଟ ଅନୁସାରେ, ଯୁବକମାନଙ୍କ ମଧ୍ୟରେ ଫୁସଫୁସ କର୍କଟ ରୋଗର ପ୍ରାୟ ୧୧% ଘର ଭିତରର ବାୟୁ ପ୍ରଦୂଷଣ ଦ୍ୱାରା ଉତ୍ପନ୍ନ କର୍କିନୋଜେନ କାରଣରୁ ହୋଇଥାଏ। ତେଣୁ ଘର ଭିତରର ପ୍ରଦୂଷଣକୁ ଏଡାଇବା ପାଇଁ, ଘର ଏବଂ ଅଫିସରେ ଭେଣ୍ଟିଲେସନ୍ ପାଇଁ ଭଲ ବ୍ୟବସ୍ଥା କରନ୍ତୁ। ଦିନରେ କିଛି ସମୟ ପାଇଁ ଝରକା ଏବଂ କବାଟ ଖୋଲା ରଖନ୍ତୁ। ଏପରି କରିବା ଦ୍ୱାରା ଘର ଭିତରକୁ ତାଜା ପବନ ଆସିପାରିବ। ଏହା ବ୍ୟାତୀତ ଯେଉଁ ସ୍ଥାନରେ ପ୍ରଦୂଷଣ କମ୍, ସେଠାରେ ଖୋଲା ପବନରେ କିଛି ସମୟ ବୁଲାବୁଲି କରନ୍ତୁ। ନଚେତ୍ ବନ୍ଦ ଘରେ ରହିବାର ଏହି ଅଭ୍ୟାସ ଦିଏ, ସାମଗ୍ରୀକ ସ୍ୱାସ୍ଥ୍ୟକୁ ବିଗାଡ଼ିପାରେ।


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲକ୍ଷ୍ୟପୂରଣ ଅଭିଯାନ...

ଶୁକ୍ର ହେଉଛି ସୂର୍ଯ୍ୟଠାରୁ ଦୂରତାକ୍ରମରେ ଦ୍ୱିତୀୟ ଗ୍ରହ ଏବଂ ଆମ ପୃଥିବୀର ଅନ୍ୟତମ ପଡ଼ୋଶୀ ଗ୍ରହ। ଏହାର ଓଜନ ଓ ଆକାର ପୃଥିବୀ ସହିତ ପ୍ରାୟ ସମାନ ଥିବାରୁ ଏହାକୁ ପୃଥିବୀର 'ଯାଆଁଳା ଭଉଣୀ' କୁହାଯାଏ। ଏହା ହେଉଛି ଆକାଶର ତୃତୀୟ ଉଜ୍ଜ୍ୱଳତମ ଜ୍ୟୋତିଷ୍କ। ଏହା ସନ୍ଧ୍ୟା ସମୟରେ କିମ୍ବା ପାହାନ୍ତା ସମୟରେ ଦେଖାଯାଉଥିବାରୁ ଏହାକୁ ସନ୍ଧ୍ୟାତାରା ବା କୁଆଁତାରା ମଧ୍ୟ କୁହାଯାଏ। ଏହା ପୃଥିବୀବାସୀଙ୍କୁ ବହୁକାଳରୁ ଆକର୍ଷିତ କରି ଆସିଛି। ଏଣୁ ମହାକାଶ ଯୁଗ ଆରମ୍ଭ ହେବା ପରେ ଏହା ନିକଟକୁ କେତୋଟି ମହାକାଶ ଯାନ ପଠାଯାଇ ତଥ୍ୟ ସଂଗ୍ରହ କରାଯାଇଛି। ସୋଭିଏତ୍ ରୁଷ ୧୯୬୧ ମସିହାରେ ପ୍ରଥମେ ଏହା ନିକଟକୁ ଭେନେରା-୧ ଯାନ ପଠାଇଥିଲା। ରୁଷର ଭେନେରା-୩ ଯାନ ୧୯୬୬ ମସିହାରେ ଶୁକ୍ର ପୃଷ୍ଠରେ ଅବତରଣ କରିଥିଲା। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଓ ୟୁରୋପୀୟ ମହାକାଶ ସଂସ୍ଥାର କେତୋଟି କୃତ୍ରିମ ଉପଗ୍ରହ ଶୁକ୍ର କକ୍ଷରେ ଅବସ୍ଥାପିତ ହୋଇଥିଲା। ଏହାସତ୍ତ୍ୱେ ଶୁକ୍ର ସମ୍ବନ୍ଧରେ ବିଶେଷ ତଥ୍ୟ ମିଳିପାରିନାହିଁ। ଏଣୁ ପୁଣି କେତୋଟି ଦେଶ ଶୁକ୍ର ଅଭିମୁଖେ ଯାନ ପଠାଇବା ପାଇଁ ଘୋଷଣା କରିଛନ୍ତି। ମହାକାଶ ଅଭିଯାନ କ୍ଷେତ୍ରରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ହେଉଛି ଏକ ଅଗ୍ରଣୀ ସଂସ୍ଥା। ସଫଳତାର ସହ ଚନ୍ଦ୍ର ଅଭିଯାନ, ମଙ୍ଗଳ ଅଭିଯାନ ଓ ସୌର ଅଭିଯାନ ପରେ ବର୍ତ୍ତମାନ ଏହା ଶୁକ୍ର ଅଭିଯାନ ପାଇଁ ଘୋଷଣା କରିଛି। ଏହି ଅଭିଯାନକୁ ଭାରତ ସରକାର ଚଳିତ ସେପ୍ଟେମ୍ବର ମାସରେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିପାଇଁ ୧୨୩୬ କୋଟି ଟଙ୍କା ଅଟକଳ କରାଯାଇଛି, ଯେଉଁଥିରେ କେବଳ ମହାକାଶ ଯାନ ନିର୍ମାଣ ପାଇଁ ୮୨୪ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଅଭିଯାନରେ ଗୋଟିଏ ମହାକାଶ ଯାନ ଯାଇ ଶୁକ୍ର ଗ୍ରହ କକ୍ଷରେ ଅବସ୍ଥାପିତ ହେବ ଏବଂ ଏହାକୁ ପରିକ୍ରମଣ କରିବ। ଅଭିଯାନର ନାମ ରଖାଯାଇଛି ଶୁକ୍ରଯାନ-୧। ଏହା ହେଉଛି ଶୁକ୍ର ଗ୍ରହ ଅଭିମୁଖେ ଭାରତର ପ୍ରଥମ ଅଭିଯାନ। ଯାନରେ ସାଂଶ୍ଲେଷିକ ରେଡାର, ଅବଲୋହିତ ଓ ଅତିବାଇଗଣୀ କ୍ୟାମେରା ଏବଂ ସଂବେଦୀ ଖଞ୍ଜାଯିବ। ଏହି ଅଭିଯାନରେ ଶୁକ୍ରର ବାୟୁମଣ୍ଡଳ, ପୃଷ୍ଠ ଓ ଭୂତାତ୍ତ୍ୱିକ ଗଠନ ଆଦିକୁ ଅଧ୍ୟୟନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ମଧ୍ୟ ଗ୍ରହର ଜଳବାୟୁ, ବାୟୁମଣ୍ଡଳୀୟ ଉପାଦାନ ଏବଂ ଆଗ୍ନେୟଗିରି ଉଦ୍‌ଗିରଣ କିମ୍ବା ଭୂକମ୍ପ ସମ୍ବନ୍ଧୀୟ ତଥ୍ୟ ଆହରଣ କରିବ। ଶୁକ୍ରର ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଓ ଗନ୍ଧକାମ୍ଳର ଘନ ବାଦଲ ଅଛି। ଏହାକୁ ଏହି ଅଭିଯାନରେ ଅଧ୍ୟୟନ କରାଯିବ। ଏହି ଅଭିଯାନର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ପୃଥିବୀର ଭବିଷ୍ୟତ ସମ୍ବନ୍ଧରେ ଜାଣିବା। ଶୁକ୍ର ଗ୍ରହରେ ପୂର୍ବରୁ ସମୁଦ୍ର ଥିବାର ବିଶ୍ୱାସ କରାଯାଉଥିଲା। କିନ୍ତୁ କୌଣସି କାରଣରୁ ଏଠାରେ ସବୁଜଗୃହ ପ୍ରଭାବରୁ ଏହାର ପୃଷ୍ଠ ତାପମାତ୍ରା ୪୭୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ପହଞ୍ଚିଛି। ଏହାର ଅତ୍ୟଧିକ ତାପମାତ୍ରା ଏବଂ ଘନ ବାୟୁମଣ୍ଡଳ ଯୋଗୁଁ ଏହାକୁ ଭଲ ଭାବରେ ଅଧ୍ୟୟନ କରାଯାଇପାରି ନାହିଁ। ଶୁକ୍ରର ବାୟୁମଣ୍ଡଳକୁ ପୃଥିବୀର ବାୟୁମଣ୍ଡଳ ସହିତ ତୁଳନା କରି ବୈଜ୍ଞାନିକମାନେ ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳୀୟ ଗତିବିଜ୍ଞାନ ଏବଂ ଗ୍ରାହିକ ବିବର୍ତ୍ତନ ସମ୍ବନ୍ଧରେ ଜାଣିପାରିବେ ବୋଲି ଆଶା କରିଛନ୍ତି। ଶୁକ୍ର, ପୃଥିବୀ ଏବଂ ଏପରିକି ମଙ୍ଗଳର ଆକାର ଓ ଓଜନ ପ୍ରାୟ ସମାନ ହୋଇଥିଲେ ସୁଦ୍ଧା ଶୁକ୍ରର ବାୟୁମଣ୍ଡଳରେ ଅନେକ ପାର୍ଥକ୍ୟ ଅଛି। ଉଦାହରଣ ସ୍ୱରୂପ, ପୃଥିବୀର ବାୟୁମଣ୍ଡଳୀୟ ଚାପ ୧ ବାର୍ ହୋଇଥିବା ବେଳେ ଶୁକ୍ରରେ ଏହା ହେଉଛି ୧୦୦ ବାର୍। ତୁଳନାତ୍ମକ ଭାବେ ମଙ୍ଗଳରେ ଏହା ହେଉଛି ପୃଥିବୀ ଚାପର ଏକଶହ ଭାଗରୁ ଏକ ଭାଗ। କୌଣସି ଭୌତିକ ପ୍ରକ୍ରିୟା ଯୋଗୁଁ ଏହି ପାର୍ଥକ୍ୟ ଦେଖାଯାଉଛି। ଏହି ପ୍ରକ୍ରିୟା ବୁଝିପାରିଲେ ପୃଥିବୀର ଭବିଷ୍ୟତ ସମ୍ବନ୍ଧରେ ଆକଳନ କରିହେବ ଏବଂ ଆମ ଗ୍ରହ ପ୍ରତି ବଢୁଥିବା ଆଶଙ୍କାର ପ୍ରତିକାର ପାଇଁ ବିହିତ ବ୍ୟବସ୍ଥା କରିହେବ। ଏଣୁ ପୃଥିବୀର ଭବିଷ୍ୟତ ପାଇଁ ତଥ୍ୟ ସଂଗ୍ରହ କରିବା ଭାରତର ଶୁକ୍ର ଅଭିଯାନର ମୂଳ ଲକ୍ଷ୍ୟ ବୋଲି ଇସ୍ରୋ ଅଧକ୍ଷ ଏସ୍ ସୋମନାଥ କହିଛନ୍ତି। ଶୁକ୍ର ଅଭିଯାନ-୧ ନିଶ୍ଚିତ ଭାବେ ଇସ୍ରୋର ଗୌରବ ବୃଦ୍ଧି କରିବ। ଏହା ମଧ୍ୟ ଇସ୍ରୋର ଭବିଷ୍ୟତ ମହାକାଶ ଅଭିଯାନ ପାଇଁ ସାହାଯ୍ୟ କରିବ। ଭବିଷ୍ୟତରେ ଅଧିକ ପେଲୋଡ୍ ସହିତ ଅଧିକ ସଠିକ କକ୍ଷ ପ୍ରବେଶ ପାଇଁ ଏହି ଅଭିଯାନରୁ ଶିକ୍ଷା ମିଳିବ। ମହାକାଶ ଯାନ ଏବଂ ଉତ୍‌କ୍ଷେପଣ ରକେଟ୍‌ର ନିର୍ମାଣ ଓ ବିକାଶ ସମୟରେ ଭାରତୀୟ ଶିଳ୍ପଗୁଡ଼ିକର ଅନେକ ସମ୍ପୃକ୍ତି ରହିବ। ପୁନଶ୍ଚ ଏହି ଅଭିଯାନର ଡିଜାଇନ୍, ଯାନ ନିର୍ମାଣ, ପରୀକ୍ଷଣ, ଉତ୍‌କ୍ଷେପଣ ଏବଂ ତଥ୍ୟ ସଂଗ୍ରହରେ ଛାତ୍ରଛାତ୍ରୀମାନଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ଇସ୍ରୋ ଘୋଷଣା କରିଛି। ଅଭିଯାନର ତଥ୍ୟ ଭାରତୀୟ ବୈଜ୍ଞାନିକମାନଙ୍କର ଗବେଷଣାରେ ସାହାଯ୍ୟ କରିବ। ଶୁକ୍ରଯାନ-୧କୁ ୨୦୨୮ ମସିହା ମାର୍ଚ୍ଚ ମାସରେ ଉତ୍‌କ୍ଷେପଣ କରିବା ପାଇଁ ଯୋଜନା କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା ୨୦୨୮-୨୦୩୦ ମସିହା ମଧ୍ୟରେ ଶୁକ୍ର ଗ୍ରହକୁ ଡାଭିନ୍‌ସି ଓ ଭେରିଟାସ ଯାନ ପଠାଇବା ପାଇଁ ଯୋଜନା କରିଥିବା ବେଳେ ୟୁରୋପୀୟ ମହାକାଶ ସଂସ୍ଥା ୨୦୩୦ ଦଶକ ଆରମ୍ଭରେ ଏକ ଅଭିଯାନ ପଠାଇବା ପାଇଁ ଘୋଷଣା କରିଛି। ରୁଷିଆର ଭେନେରା-ଡି ଅଭିଯାନ ମଧ୍ୟ ଶୁକ୍ରକୁ ଯିବା ପାଇଁ ଘୋଷଣା କରାଯାଇଛି। ଆମେରିକା, ରୁଷିଆ ଓ ଚୀନ୍ ଆଦି ଦେଶ ଶୁକ୍ର ଅଭିଯାନ ପାଇଁ ତତ୍ପରତା ପ୍ରକାଶ କରିଥିବା ବେଳେ ଭାରତର ପ୍ରସ୍ତାବିତ ଶୁକ୍ର ଅଭିଯାନ ଆମର ଜାଗତିକ ମହାକାଶ ଲକ୍ଷ୍ୟକୁ ପୂରଣ କରିବ।

# ଗୟାଶ୍ରାଦ୍ଧ




ବିପିନ ବିହାରୀ ମହାନ୍ତି




ଆଶ୍ୱିନ କୃଷ୍ଣ ପକ୍ଷକୁ ପିତୃପକ୍ଷ କୁହାଯାଏ। ଏହି ପକ୍ଷରେ ପିତୃପୁରୁଷମାନଙ୍କୁ ତର୍ପଣ-ଶ୍ରାଦ୍ଧ ଦିଆଯାଏ। ଏହାର ଉଦ୍ଦେଶ୍ୟ : ପିତୃପୁରୁଷଙ୍କୁ ତୃପ୍ତିଦାନ କରିବା ସହିତ ପିଣ୍ଡଦାନ ଦେଇ ତାଙ୍କ ମୋକ୍ଷଗତି କାମନା କରିବା।

ଶାସ୍ତ୍ରମତେ ତର୍ପଣ-ଶାଦ୍ଧ ନିଜବାସଗୃହ, ପୋଖରୀ ତୁଠ, ନଦୀକୂଳ ବା ସମୁଦ୍ରତଟମାନଙ୍କରେ ଦିଆଯାଏ। ଶ୍ରୀମନ୍ଦିରର ବାଇଶି ପାହାଚ ବା ବେଢ଼ା ଭିତରେ ବି ଦିଆଯାଇପାରେ। ବିଶେଷ ଭାବରେ ତ୍ରିବେଣୀ ତଟ, ଗୟା, ବଦ୍ରିନାଥ ଏବଂ ବ୍ରହ୍ମକୁଣ୍ଡଳ ଆଦି ସ୍ଥାନ ଶାସ୍ତ୍ରାନୁମୋଦିତ ଉତ୍ତମ ସ୍ଥାନ ବୋଲି ଉଲ୍ଲେଖ ଅଛି। ତେବେ ଗୟା ଶ୍ରାଦ୍ଧକୁ ଶ୍ରେଷ୍ଠତ୍ୱ ପ୍ରଦାନ କରାଯାଇଛି। ଏହା ମୋକ୍ଷ ଧାମ ନାମରେ ନାମିତ। ଏଠାକୁ ପିତୃ ପୁରୁଷମାନେ ପିଣ୍ଡଦାନ ବା ତର୍ପଣ ଗ୍ରହଣ କରିବାକୁ ଖୋଦ୍ ଆସିଥାନ୍ତି।

ଏଠାରେ ସବୁପ୍ରକାର ଶ୍ରାଦ୍ଧ ଦିଆଯାଇପାରେ। ତେବେ ମହାଳୟା ଶ୍ରାଦ୍ଧ ପିତୃପକ୍ଷରେ ଦେବା ବିଧି ଅଛି। ଅନ୍ୟଥା ଅନ୍ୟ ଶ୍ରାଦ୍ଧଗୁଡ଼ିକ ଯେଉଁ ଦିନରେ ଦେବା କଥା ଏଠି ସେ ଦିନ ବା ଯେ କୌଣସି ଦିନ ଦିଆଯାଇପାରିବ। ଯେହେତୁ ପିତୃପୁରୁଷମାନଙ୍କ ପିଣ୍ଡଦାନ ମାଧ୍ୟମରେ ମୋକ୍ଷ କରାଯାଏ, ତେଣୁ ଯେଉଁମାନେ ତାଙ୍କ ପିତୃପୁରୁଷମାନଙ୍କର ଶୀଘ୍ର ମୋକ୍ଷ ଚାହାଁନ୍ତି, ସେମାନେ ଗୟାରେ ଶ୍ରାଦ୍ଧଦେବା ଉଚିତ୍। ପିତୃପୁରୁଷମାନଙ୍କ ଉଦ୍ଧାରାର୍ଥେ ଏଠାରେ ଭଗବାନ ବିଷ୍ଣୁ ଗଦାଧର ନାମରେ ଅନ୍ୟାନ୍ୟ ଦେବତାମାନଙ୍କ ସହ ଆସିଥାଆନ୍ତି। ଏଇଥିପାଇଁ ଜାଣିବା ଶୁଣିବା ଜାଣିବା ହିନ୍ଦୁମାନେ ଏଠାକୁ ଆସି ପିଣ୍ଡଦାନ କରିଥାନ୍ତି। ବାୟୁ ପୁରାଣମତେ ଗଙ୍ଗା, ପ୍ରୟାଗ, ପୁଷ୍କର ଏବଂ ଅମର କଣ୍ଟକ ଆଦି ସ୍ଥାନରେ ପିତୃପୁରୁଙ୍କୁ ଶ୍ରାଦ୍ଧ ଦିଅନ୍ତି, ସେମାନେ ପିତୃପୁରୁଷଙ୍କ ତୃପ୍ତି ଓ ମୋକ୍ଷ ଦାନ ଦେବା ସହିତ ନିଜକୁ ବି ପବିତ୍ର ଓ ଧନ୍ୟମନେ କରିଥାନ୍ତି। ତେବେ ଗୟା ଶ୍ରାଦ୍ଧରେ କେବଳ ପିତାଙ୍କର ଜନ୍ମିତ ପୁତ୍ରମାନଙ୍କ ମଧ୍ୟରୁ କେହି ହେଲେ ଜଣେ ଦେଲେ ଚଳିବ; ଅନ୍ୟମାନେ ଆଦୌ ନୁହଁନ୍ତି। ନିଜର ସଦ୍‌ଗତି କାମନା ନିମନ୍ତେ ପିତାମାନେ ପୁତ୍ରମାନଙ୍କୁ ଜନ୍ମ ଦେଇଥାନ୍ତି, ଏମିତିକି ଏକାଧିକ, କାରଣ ସେମାନେ ତାଙ୍କର ମୁକ୍ତିମାର୍ଗ। ସେହିପରି ମାତୃଋଣକୁ ପୁତ୍ରମାନେ ଶ୍ରାଦ୍ଧ ମାଧ୍ୟମରେ ପରିଶୋଧ କରିଥାନ୍ତି।

ଗୟାରେ ଶ୍ରାଦ୍ଧଦେବା ସ୍ଥାନଗୁଡ଼ିକ ନିର୍ଦ୍ଦିଷ୍ଟ ହୋଇଛି ଯଥା : 'ଲଗୁନଦୀ ତଟ, ବିଷ୍ଣୁପଦ ମନ୍ଦିର ଏବଂ ଅକ୍ଷୟବଟ ତଳେ ଶ୍ରାଦ୍ଧ ଆଦି କର୍ମ କରାଯାଏ। ତା' ପୂର୍ବରୁ ଫାଲଗୁନୀ ନଦୀ, ବ୍ରାହ୍ମ ତୀର୍ଥ, ସୋମତୀର୍ଥ ଏବଂ ରାମ ହ୍ରଦ ଇତ୍ୟାଦି ସ୍ଥାନରେ ସ୍ନାନ କରିବାକୁ ହୁଏ। ଭସ୍ମକୁଟ ଗାୟତ୍ରୀ, ସାବିତ୍ରୀ ତଥା ସରସ୍ୱତୀରେ ତର୍ପଣ କରାଯାଏ; ନଦୀତଟରେ ଥିବା ଧର୍ମାରଣ୍ୟ, ଧର୍ମକୂପ, ଧେନୁକାରଣ୍ୟ, ଭାରତାଶ୍ରମ, ପାଣ୍ଡୁଶିଳା ଓ କୌଶଳୀ ହ୍ରଦରେ ଶ୍ରାଦ୍ଧ ଦିଆଯାଏ। ଏତଦ୍‌ଭିନ୍ନ ବିଷ୍ଣୁପଦ, ଅକ୍ଷୟବଟ, ତଥା ବ୍ରହ୍ମାକୁଣ୍ଡରେ ମଧ୍ୟ ଶ୍ରାଦ୍ଧ ଦିଆଯାଏ।

ପ୍ରାଚୀନ କାଳରୁ ଏଠାରେ ପାଖାପାଖି ୪୦୦୦ ମନ୍ଦିର ଅଛି। ଏମାନଙ୍କ ମଧ୍ୟରେ ଅଛନ୍ତି ବିଷ୍ଣୁପଦ ମନ୍ଦିର, ବୋଧଗୟା, ମଙ୍ଗଳା ଗୌରୀ ମନ୍ଦିର, ବାଗେଶ୍ୱରୀ ମନ୍ଦିର ... ଇତ୍ୟାଦି ସୁନାମଧନ୍ୟ ଧାର୍ମିକ ମନ୍ଦିର ସମୂହ। ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ମଧ୍ୟରେ ଅଛନ୍ତି ବରାବର ଗୁମ୍ଫା, ଅକ୍ଷୟ ବାଟ, ବ୍ରାହ୍ମଯୋଡ଼ି ପାହାଡ଼, କୋକଲତ ଜଳପ୍ରପାତ, ରାଜଗିରି ଓ ନାଳନ୍ଦା ପ୍ରଭୃତି। ଗୟା ବିହାରର ରାଜଧାନୀ ପାଟନା ଠାରୁ ମାତ୍ର ୧୦୦ କି.ମି. ଦୂରରେ ('ଲଗୁ ନଦୀ କୂଳରେ) ଅବସ୍ଥାପିତ। ଏହା ସଡ଼କ ଓ ରେଳପଥ ଯୋଗେ ସଂଯୁକ୍ତ। ଗୟାକୁ ତୀର୍ଥେଶ୍ୱର ବା ତୀର୍ଥରାଜ ବୋଲି କୁହାଯାଏ। ଏହା ପିତୃପୁରୁଷଙ୍କର ମୋକ୍ଷମାର୍ଗ। ଏଣୁ ପିତୃପକ୍ଷରେ ପିତୃପୁରୁଷ ଆସିବା ଏବଂ ଦେଢ଼ମାସ ଆମ ଗହଣରେ ରହିବା ପରେ, ଆମେ ସେମାନଙ୍କୁ ଦୀପାବଳୀ ଦିନ ବିଦାୟ ଦେଇ କାଉଁରିଆ କାଠିର ଆଲୋକରେ କହୁ : ବଡ଼ ବଡ଼ିଆ ହୋ, ଗଙ୍ଗା ଯା', ଗୟା ଯା..... ସ୍ୱର୍ଗେ ଯା,... ଅମୃତ ଭୋଜନ କରୁଥା। ଏଠାରେ ସେମାନଙ୍କୁ ଗୟାକୁ ନିର୍ଦ୍ଦେଶ କରିବାର ଅର୍ଥ ଏହି ଯେ ଏହାହିଁ ମୋକ୍ଷମାର୍ଗ। ତୁମେ ସେହିବାଟେ ଯା'।

କିମ୍ବଦନ୍ତୀ : ଗୟାକୁ ତୀର୍ଥ ରାଜ କିହବାର କିମ୍ବଦନ୍ତୀ ଅଛି। ଏଠାରେ ସୂର୍ଯ୍ୟଦେବତାଙ୍କ ଜ୍ୟେଷ୍ଠପୁତ୍ର ସୁଧୁମ ପୁତ୍ର 'ଗୟା'। ବସାଇଥିବା କୁହାଯାଏ। ଏଠାରେ ସେ ଏକଶହ ବାର ଅଶ୍ୱମେଧ ଯଜ୍ଞ କରିଥିଲେ। ତାଙ୍କରି କାରଣରୁ ଏ ତୀର୍ଥର ନାମ ଗୟା ହୋଇଛି।

ଭିନ୍ନ ଏକ କାହାଣୀ ମତେ ପ୍ରାଚୀନ କାଳରେ ଗୟାସୁର ନାମକ ଏକ ଦାନବ ତା ତପବଳରେ ସମସ୍ତ ଦେବାତାମାନଙ୍କୁ ନିଜ ଆୟତକୁ ନେଇ ଯାଇଥିଲା। ସେମାନଙ୍କ ଉଦ୍ଧାରାର୍ଥେ ବ୍ରହ୍ମା ଯଜ୍ଞ ପାଇଁ ତା' ଶରୀର ଭିକ୍ଷା କଲେ। ସେ ଆନନ୍ଦର ସହିତ ଶରୀର ସମର୍ପି ଦେଲା। ଯଜ୍ଞାର୍ଥେ ବ୍ରହ୍ମାଙ୍କ ନିର୍ଦ୍ଦେଶମତେ ଉତ୍ତରକୁ ମୁଣ୍ଡ ଏବଂ ଦକ୍ଷିଣକୁ ଗୋଡ଼ କରି ଶୟନ କଲା। ହେଲେ ଯଜ୍ଞ ବେଳେ ତା' ଶରୀର ଅସ୍ଥିର ହେଲା। ଏଣୁ ସମସ୍ତ ତୀର୍ଥମାନେ ତାକୁ ମାଡ଼ିବସି ସ୍ଥିର ରଖିବାକୁ ଚେଷ୍ଟାକଲେ। ତଥାପି ଅସମ୍ଭବ। ଏବେ ସେମାନେ ଭଗବାନ ବିଷ୍ଣୁଙ୍କୁ ନିବେଦନ କଲେ। ସେ ଗଦାଧର ରୂପେ ଆସି ନିଜ ପାଦ ଦ୍ୱାରା ତାକୁ ଚାପି ଦେଲେ ଏବଂ ସ୍ଥିରତା ଆସିଲା। ଯଜ୍ଞ ଚାଲିଲା। ସେତିକିବେଳେ ତା' ଉତ୍ସର୍ଗୀକୃତ ଭାବ ତଥା ତପ ପାଇଁ ତାକୁ ବରଦେଇ ବିଷ୍ଣୁ କହିଥିଲେ : ଏବେଠାରୁ ଏ ସ୍ଥାନର ନାମ ହେଲା ଗୟା। ଏଠାରେ ଯିଏ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବ, ତାର କୂଳ ଉଦ୍ଧାର ହେବ। ସେ ନିଜେ ମଧ୍ୟ ଦେହାନ୍ତେ ପରମଧାମ ପାଇବ।

ଭବିଷ୍ୟ ପୁରାଣମତେ ଏଠାରେ ଅକାଳମୃତ୍ୟୁ ପାଇଥିବା ବ୍ୟକ୍ତିଙ୍କୁ ଶ୍ରାଦ୍ଧଦେଲେ, ସେମାନେ ବିମୋକ୍ଷ ପାଆନ୍ତି। ମାର୍କଣ୍ଡପୁରାଣମତେ ଏଠାରେ ତର୍ପଣ-ଶ୍ରାଦ୍ଧ ଫଳରେ ପିତୃଗଣ ମୋକ୍ଷ ପାଇବା ସହ, ଶ୍ରାଦ୍ଧକାରୀର ସୁଖ, ସମୃଦ୍ଧି, ସନ୍ତାନପ୍ରାପ୍ତି ଇତ୍ୟାଦି ଲାଭ ହୁଏ। ଶ୍ରାଦ୍ଧ ଦାତା ପୁତ୍ର ପିତୃଋଣରୁ ମୁକ୍ତି ପାଏ। ପୁତ୍ର ହୋଇ ଅନ୍ତତଃ ଥରଟିଏ ଗୟାଯାଇ ପିତୃପୁରୁଷଙ୍କୁ ଶ୍ରାଦ୍ଧ ନଦେବା, ଏକ ଅଧମତା ହୋଇପାରେ।


+ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ
ମୋ : ୯୯୩୮୩୪୪୧୩୮


# ଅବାଂଛିତ ଫୋନ କଲରୁ କେମିତି ମିଳିବ ମୁକ୍ତି ?




ଗୋପାଳ ମହାପାତ୍ର


ଏବେ ଦେଶରେ ଟିଲିମାର୍କେଟିଂ ଜୋର ସୋରରେ ଚାଲିଛି। ଏଥିପାଇଁ ଟେଲିକମ୍ କମ୍ପାନୀ ମାନେ କେବଳ ଦାୟୀ ନୁହଁନ୍ତି ଆମେ ମାନେ ମଧ ଦାୟୀ। ଆମ ମାନଙ୍କ ମଧ୍ୟରୁ ଅନେକ ଲୋକ ନିଜର ସୋସିଆଲ ମିଡିଆରେ ଫୋନ ନମ୍ବର ଦେଇଛେ। ଏଥି ସହ ଆମେ ଅନେକ ସମୟରେ ସୋସିଆଲ ମିଡିଆରେ ଆସୁଥିବା ଅନେକ ପୋଷ୍ଟରେ କମେଣ୍ଟ ଦେବା ସହ ନିଗ ଫୋନ (ମୋବାଇଲ) ନମ୍ବର ମଧ ଦେଇଦେଉଛେ। ଏସବୁରୁ ଟେଲିମାର୍କେଟିଙ୍ଗ କମ୍ପାନୀ ମାନେ ମୋବାଇଲ ନମ୍ବରକୁ ଦେଖି ପାରୁଛନ୍ତି ଏବଂ ସେମାନଙ୍କ ମାର୍କେଟିଙ୍ଗର ଖେଳ ଆରମ୍ଭ କରି ଦେଉଛନ୍ତି। ଏସବୁର ସିଧାସଳଖ ଅର୍ଥ ହେଉଛି ସୋସିଆଲ ମିଡିଆରୁ ମୋବାଇଲ ନମ୍ବରକୁ ଏକତ୍ରିତ କରି ଟେଲିଫୋନ ବା ମୋବାଇଲ ମାଧମରେ ନିଜର ଉତ୍ପାଦ ବିକ୍ରୀ କରୁଥିବା କମ୍ପାନୀମାନେ ଲୋକଙ୍କୁ ଟେଲିଫୋନ କରିବା ଆରମ୍ଭ କରିଦେଉଛନ୍ତି। ଅନେକ ସମୟରେ ଟେଲିମାର୍କେଟିଙ୍ଗ କମ୍ପାନୀ ମାନଙ୍କ ଫୋନ ଲୋକେ ଉଠାଇଥାନ୍ତି। ଅପର ପକ୍ଷରୁ ଟେଲିକମ ଅପରେଟର କିମ୍ବା କମ୍ପ୍ୟୁଟରର ସ୍ୱର ଶୁଣିବାକୁ ମିଳିଥାଏ। ଏଭଳି ଫୋନ୍ କଲ ଲୋକଙ୍କୁ ଅସୁବିଧାରେ ପକାଇଥାଏ ଓ ଲୋକେ ଫୋନ କଲରୁ ମୁକ୍ତି ପାଇବାକୁ ଚାହିଁଥାନ୍ତି। ଏଭଳି ଫୋନକଲ ଲୋକଙ୍କୁ ବ୍ୟାଙ୍କ ସେବା ଅଥବା ଅନ୍ୟ କିଛି ସେବା ଯୋଗାଇ ଦେବାର ପ୍ରତିଶୃତି ଦେଇ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ବାବଦରେ ସୂଚନା ମାଗିଥାନ୍ତି। ଏହି ଟେଲିମାର୍କେଟିଙ୍ଗ ଫୋନ କଲରେ ଲୋକଙ୍କୁ ବିଭିନ୍ନ ବିକ୍ରୀ ଏପରିକି କ୍ରେଡିଟ କାର୍ଡ ଭଳି ସେବା ମଧ ବିକ୍ରୀ କରାଯିବା କଥା କୁହାଯାଇଥାଏ। ଲୋକଙ୍କ ସହମତି ବିନା ଏହିଫୋନ କଲ ସବୁ ଆସିଥାଏ ଏବଂ ଲୋକଙ୍କୁ ବାରମ୍ବାର ଏହିଭଳି ଫୋନ କଲ ଆସିଥାଏ ଯାହା ଲୋକଙ୍କୁ ହଇରାଣ କରିଥାଏ। କେତେକ ସମୟରେ ଲୋକେ ବିଶ୍ୱାସ କରି ସେବା ଗ୍ରହଣ ପାଇଁ ରାଜି ହୋଇ ଠକାମୀରେ ପଡିଥାନ୍ତି।

ଲୋକଙ୍କ ଇଚ୍ଛା ନଥିବା ସତ୍ତ୍ୱେ ଆସୁଥିବା ଏଭଳି ଫୋନ କଲକୁ ଅନଓ୍ୱାଣ୍ଟେଡ୍ କଲମଧ କୁହାଯାଇପାରେ। କେତେକ ଏଭଳି କଲ ମଧ ଆସେ ଯେ ଯେଉଁଥିରେ କଲ କରିଥିବା ବ୍ୟକ୍ତି ବ୍ୟାଙ୍କରୁ କହୁଛିବୋଲି କହି ବ୍ୟକ୍ତିଗତ ସୂଚନା ମାଗିଥାନ୍ତି। ଏସବୁ ଫୋନକଲ ଲୋକଙ୍କୁ ଅଯଥାରେ ହଇରାଣ କରିଥାଏ ଓ ମାନସିକ ଚାପ ସୃଷ୍ଟି କରିଥାଏ। ଏପରିକି ବିଶ୍ୱାସ କରି ଲୋକେ ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରିବା କାରଣରୁ ବ୍ୟାଙ୍କରେ ଥିବା କଷ୍ଟଲବ୍ଧ ଅର୍ଥକୁ ମଧ ତାଙ୍କ ଆକାଉଣ୍ଟରୁ ଟ୍ରାନସ୍‌ଫର କରାଇ ନେଇଥାନ୍ତି। ଯଦି ଏଭଳି ଫୋନ କଲ ଆସୁଥାଏ ତେବେ ସେଇ ଫୋନ କଲକୁ ବ୍ଲକ କରିହେବ। ଟେଲିମାର୍କେଟିଙ୍ଗ ଗ୍ରାହକ ମାନଙ୍କ ସହ ଯୋଡିହେବା ସହ ସେମାନଙ୍କ ଉତ୍ପାଦକୁ ବିକ୍ରୀ କରିବା ପାଇଁ ଏକ ଶକ୍ତିଶାଳୀ ବ୍ୟବସ୍ଥା ଅଟେ। ଏଭଳି ସଂସ୍ଥାମାନେ ଲୋକଙ୍କୁ ଫୋନକରି ସେମାନଙ୍କ ବିଶ୍ୱାସ ଭାଜନ ହେବାପାଇଁ ଉଦ୍ୟମ କରିଥାନ୍ତି ଏବଂ ଲୋକଙ୍କୁ ସର୍ବୋତ୍ତମ ଉତ୍ପାଦ/ସେବା ବିକ୍ରୀ କରିବାର ପ୍ରତିଶୃତି ଦେଇଥାନ୍ତି। ଲୋକଙ୍କର ଯେହେତୁ ଦୈନନ୍ଦିନ ଜୀବନ ପାଇଁ ଅନେକ ଜିନିଷର ଆବଶ୍ୟକତା ରହିଛି ତେଣୁ ଏହି ସଂସ୍ଥାମାନେ ଅନେକଙ୍କୁ ଉତ୍ପାଦବିକ୍ରୀ/ସେବା ବିକ୍ରୀ କରିବାରେ ସକ୍ଷମ ହୋଇଥାନ୍ତି।

ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଗତ ଅଗଷ୍ଟ ମାସରେ ଏକ ଆଦେଶ ଜାରି କରିଛନ୍ତି ଓ ଆଦେଶର ଉଦେଶ୍ୟ ହେଉଛି ଅନ୍‌ୟୋ୍ୱାଣ୍ଟେଡ୍ କଲ ଓ (ସ୍ପାମକଲସ୍) ଉପରେ ଅଙ୍କୁଶ ଲଗାଇବା। ଏହି ଆଦେଶରେ ରେକର୍ଡ କରାଯାଇଥିବା ସନ୍ଦେଶ ମଧ ସାମିଲ। ଟେଲିମାର୍କେଟିଙ୍ଗ କରୁଥିବା ବ୍ୟକ୍ତି/ ସଂସ୍ଥା ପକ୍ଷରୁ ଅବାଂଛିତ ଏବଂ ସ୍ପାମ୍ କଲସ୍ ଏବେ ବଢ଼ିବାରେ ଲାଗିଛି। ଏହା ଫଳରେ ମୋବାଇଲ ଉପଭୋକ୍ତା ମାନଙ୍କର ବ୍ୟକ୍ତିଗତତାର ହନନ ହେଉଛି ଏବଂ ଏଭଳି ସମସ୍ୟାର ସମାଧାନ କ'ଣ ଏବଂ କିପରି ଏସବୁକୁ ରୋକାଯାଇ ପାରିବ ତାକୁ ନେଇ ଲୋକେ ଚିନ୍ତିତ। ଦୂର ସଞ୍ଚାର ନିୟାମକ ଏବଂ ସରକାର ଏଭଳି ଅବାଂଛିତ ଫୋନ କଲକୁ ରୋକିବା ପାଇଁ ପ୍ରୟାସ କରିଥିଲେ ଓ ଏଥିପାଇଁ ମଧ ଆଇନ୍ ପ୍ରଣୟନ କରା ଯାଇଥିଲା। ଟେଲିକମ କମର୍ଶିଆଲ କମ୍ୟୁନିକେସନର କଷ୍ଟମର ପ୍ରିଫରେନ୍ସ ରେଗୁଲେସନ ୨୦୧୮ ଆଇନ କିନ୍ତୁ ସ୍ପାମକଲସକୁ ରୋକିପାରୁ ନାହିଁ। ଅଣପଞ୍ଜିକୃତ ଟେଲିମାର୍କେଟିଙ୍ଗ କମ୍ପାନୀମାନେ ବୈଷୟିକଜ୍ଞାନ କୌଶଳ ସହାୟତାରେ ମୋବାଇଲ ଉପଭୋକ୍ତା ମାନଙ୍କୁ ବିଭିନ୍ନ ସମୟରେ ଫୋନ କରି ସେମାନଙ୍କର ମାନସିକ ସ୍ଥିତି ସହ ଖେଳୁଛନ୍ତି। କିନ୍ତୁ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ମାନେ ଏଭଳି ଘଟଣାକୁ ଗୁରୁତ୍ୱ ଦେଉନାହାଁନ୍ତି।

ଟ୍ରାଇପକ୍ଷରୁ ଏବେ ଯେଉଁ ନିର୍ଦେଶ ଜାରି କରାଯାଇଛି ତାହା ସ୍ପାମକଲକୁ ରୋକିବାରେ ସକ୍ଷମ ହୋଇପାରିବ ବୋଲି କୁହାଯାଉଛି। ଟ୍ରାଇ ପକ୍ଷରୁ ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାକୁ କୁହାଯାଇଛି ଯେ ବିଭିନ୍ନ ସେବା ପ୍ରଦାନ କରିବା କଥା କହି ଫୋନକଲ କରାଯାଉଥିବା ଅଣ ପଞ୍ଜିକୃତ ସଂସ୍ଥାମାନଙ୍କୁ ସବୁ ଦୂର ସଂଞ୍ଚାର ସଂସ୍ଥା ଦୁଇବର୍ଷ ପାଇଁ ବାଛନ୍ଦ କରିବା ଆବଶ୍ୟକ। ଏ ବାବଦରେ ଉପଭୋକ୍ତା ମାନେ ଅଭିଯୋଗ କଲେ ଯଦି ଅଭିଯୋଗ ସତ୍ୟ ହୁଏ ତେବେ ଟେଲିମାର୍କେଟିଙ୍ଗ ସଂସ୍ଥାଙ୍କୁ ଟେଲିମାର୍କେଟିଙ୍ଗ ପାଇଁ ସୁଯୋଗ ନ ଦିଆଯିବା ପାଇଁ ଟ୍ରାଇ ପକ୍ଷରୁ କୁହାଯାଇଛି। ଟ୍ରାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସ୍ପାମ କଲକୁ ବନ୍ଦକରିବା ପାଇଁ ଉଦ୍ୟମ କରାଯାଉଛି। ୨୦୨୩ ମସିହାରେ ଅଣ ପଞ୍ଜିକୃତ ଟେଲିମାର୍କେଟର୍ସଙ୍କ ବିରୁଦ୍ଧରେ ୧୨ ଲକ୍ଷରୁ ଅଧିକ ଅଭିଯୋଗ କରାଯାଇଥିଲା। ୨୦୨୪ ମସିହାରେ ପ୍ରଥମ ୬ ମାସ ମଧ୍ୟରେ ୭ଲକ୍ଷ ୯୦ ହଜାର ଅଭିଯୋଗ ଦରଜ କରାଯାଇ ସାରିଲାଣି। ଟ୍ରାଇ ଏବେ ଯେଉଁ ନିର୍ଦେଶ ଜାରି କରିଛି ତାହା ଫଳରେ ଟେଲିମାର୍କେଟିଙ୍ଗ୍ ସଂସ୍ଥା ମାନଙ୍କ ବିରୁଦ୍ଧରେ ଅଙ୍କୁଶ ଲଗାଯାଇ ପାରିବ କି ନାହିଁ ସେକଥା ଆଗାମୀ ଦିନରେ ଜଣାପଡିବ।

କେବଳ ଟେଲିମାର୍କେଟିଙ୍ଗ ନୁହେଁ ଭାରତର ସାଇବର ଅପରାଧ ବଢ଼ିବାରେ ଲାଗିଛି। ଦକ୍ଷିଣ ଏସିଆର ବିଭିନ୍ନ ଦେଶରୁ ସାଇବର ଅପରାଧକୁ ନିୟନ୍ତ୍ରଣ କରାଯାଉଛି। ସାଇବର ଅପରାଧ ବିଶେଷ କରି ଟେଡିଙ୍ଗଆପ୍, ଲୋନ ଆପ୍, ଗେମିଙ୍ଗଆପ, ଡ୍ରେଟିଙ୍ଗ୍ ଆପ ଏବଂ ଏଲଗୋରିଦିନ ହେରଫେର ସହ ଜଡିତ। ଦେଶ ଭିତରେ ଥିବା ସାଇବର ଅପରାଧି ବେଳେବେଳେ ଧରାପଡୁଛନ୍ତି। ଦେଶ ବାହାରର ସାଇବର ଅପରାଧିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏକ ବଡ଼ ପ୍ରଶ୍ନବାଚୀ। ସାଇବର ଅପରାଧକୁ କେମିତି ରୋକିହେବ ସେ ଦିଗରେ ଠୋସ୍ ପଦକ୍ଷେପ ନିଆଯିବା ଉଚିତ୍। ଦେଶର ରାଜ୍ୟ ମାନଙ୍କରେ ସାଇବର ଅପରାଧକୁ ରୋକିବା ପାଇଁ ଡେସ୍କ ରହିଛି ଓ ଲୋକଙ୍କୁ ଏ ବାବଦରେ ସଚେତନ କରିବା ପାଇଁ ଉଦ୍ୟମ ହେଉଛି। ଏବର୍ଷ ପ୍ରଥମ ୪ମାସ ମଧ୍ୟରେ ୧୨୦୩ କୋଟି ଟଙ୍କାର ଡିଜିଟାଲ ଠକେଇ ହୋଇଥିବା ବାବଦରେ ୪୫୯୯ଟି ଅଭିଯୋଗ ହୋଇଛି ବ୍ୟବସାୟିକ ଠକେଇ ବାବଦରେ ୨୦୦୪୩ ଅଭିଯୋଗ ହୋଇଛି ଏବଂ ୧୪୨୦୪ କୋଟି ଟଙ୍କା ଠକି ନିଆଯାଇଛି। ନିବେଶ ସମ୍ବନ୍ଧିତ ୨୨୨୫.୮୨ କୋଟିର ଠକେଇ ବାବଦରେ ୬୨୬୮୭ ଅଭିଯୋଗ ହୋଇଛି। ଏଭଳି ଅନ୍ୟ କେତେକ ମାମଲାରେ ମଧ ଠକେଇ ବାବଦରେ ଅଭିଯୋଗ ହୋଇଛି। ଏଭଳି ପ୍ରସଙ୍ଗରେ ସମୁଦାୟ ୧୦ ହଜାର ମାମଲ ଦରଜ ହୋଇଛି। ଏବେ ସୁଦ୍ଧା ୩ଲକ୍ଷ୨୫ ହଜାର ବ୍ୟାଙ୍କ ଖାତାକୁ ଜବତ କରାଯାଇଛି ଓ ୫ଲକ୍ଷ ୩୦ ହଜାର ମୋବାଇଲ ସିମ୍‌କାର୍ଡ ରଦ୍ଦ କରାଯାଇଛି, ହ୍ୱାଟସଆପ୍ ଗ୍ରୁପ୍ ସହିତ ୩୪୦୧ ସୋସିଆଲ ମିଡିଆ ଆକାଉଣ୍ଟ ବନ୍ଦ କରି ଦିଆଯାଇଛି।


ରାମଚନ୍ଦ୍ରପୁର, ରଣପୁର
ମୋ ୯୪୩୮୪୮୫୦୯୪


## କବିତା କୋଣାର୍କ

### କାହିଁକି ?


ଭାବଗ୍ରାହୀ ମେହେର


କାହିଁକି ମୁଁ ତୁମକୁ
ଯେତେ ଘୃଣା କରିବାକୁ
ଚେଷ୍ଟା କଲେବି ବିଫଳ ହେଉଛି ?

କାହିଁକି ତୁମ ମୁହଁକୁ
ଚାହିଁଦେଲା ପରେ
ତୁମ ଶବ୍ଦବାଣସବୁ ଭୁଲି ଯାଉଛି ?

କାହିଁକି ତୁମକୁ ନ ଚାହିଁବାର
ପ୍ରତିଜ୍ଞା ସବୁ
ତୁମରି ସ୍ମିତହାସ୍ୟର ସ୍ମୃତିରେ
ଜଳିପୋଡି ପାଉଁଶ ହେଇ ଯାଉଛି ?

ନାହିଁ କି ମୋ ପାଇଁ
ତୁମରି ବିକଳ୍ପ,
ନା ତୁମରି ବିକଳ୍ପରେ
ମୁଁ ତୁମକୁ ଖୋଜୁଛି ?


କଁସିଲ, ବଙ୍ଗୋମୁଣ୍ଡା, ବଲାଙ୍ଗୀର
ମୋ - ୯୭୭୭୫୦୬୪୮୩


### ବୁଝିଲେ ମଙ୍ଗଳ


ଦୀପକ କୁମାର ନାଏକ




ଦିନଥିଲା ନାରୀମାନେ ସବୁବେଳେ
ରହୁଥିଲେ ଘର କଣେ
ଏବେ ଭିଡିଓ ଏମିତି କରୁଛନ୍ତି
ଗାଆଁଠୁ ସହର ଜାଣେ !!
ଫୁଙ୍ଗୁଳା ଦେହକୁ ଦେଖେଇ ବୋହୁଟି
ରିଲ୍ସ ଭିଡିଓ କରେ
ଏଇକଥା ଶାଶୁ କରିଲେ ବାରଣ
ତା ମାନମହତକୁ ସାରେ !!
ସବୁକିଛି ସହି ଶାଶୁ ମାଆ ତାର
ପୁଅ ଆଗେ କହିଥାଏ
କୁଳାଙ୍ଗାର ପୁଅ ଓଲଟି ମାଆକୁ
ଯାହା ଇଛା ଗାଳିଦିଏ !!
ପୁଅବୋହୁ ଙ୍କ ର ଗାଳିମନ୍ଦ ଶୁଣି
ନିଜକୁ ପଚାରେ ମାଆ
ବାରଣ କରିବା ବୋଧେ ଭୁଲ୍ ମୋର
କରୁଅଛ କର ଯାହା !!
ବାପାମାଆ କେବେ ଚାହାନ୍ତି ନାହିଁ
ପୁଅବୋହୁ ଅମଙ୍ଗଳ
ପୁଅବୋହୁ ଯେବେ ବୁଝିବେ ଏକଥା
ହୋଇବ ନିଜର ମଙ୍ଗଳ
ହୋଇବ ନିଜର ମଙ୍ଗଳ !!


ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,
ପିନ୍-୭୫୯୦୨୧
ମୋ: ୮୬୩୭୨୬୧୮୨୮



### ମୁଁ ସଙ୍ଗୀତ ଦୁନିଆର ସାରସ୍ୱତ ସାଧକ


ଶିବ ପ୍ରସାଦ ବାହିନୀପତି




ମୁଁ ସଙ୍ଗୀତ ଦୁନିଆର ସାରସ୍ୱତ ସାଧକ
ସ୍ୱର ସଂରଚନା ମୋର ଅମାପ
ଅନେକ;
କେବେ ବିରହୀ ଗାୟକ
କେବେ ସାଜେ ମୁଁ ନାୟକ
କେବେ କେବେ ପୁଣି ଛଳନାର
ଖଳନାୟକ ।
କେବେ ଭଗୀରଥ ହୋଇ
ଘୋର ତପ ଆଚରେ
ଧୋଇବାକୁ ଧରିତ୍ରୀ ଚରଣ ଜାହ୍ନବୀ
ନୀରେ;
କେବେ ଭକ୍ତ ପ୍ରବର
କେବେ ନାସ୍ତିକ ନର
କେବେ କେବେ ମୁଁ ଗଜଲର
ଗରିଷ୍ଠ ଗାୟକ ।
ସଙ୍ଗୀତର ସାତସୂରେ ବନ୍ଧା ମୋର
ଜୀବନ
ସଙ୍ଗୀତର ସ୍ପର୍ଶ ପ୍ରାପ୍ତେ କଥା କହେ
ପାଷାଣ ;
କେବେ କାହା ହୃଦ ଜିଣେ
କେବେ ବିଷ ବୀଜ ବୁଣେ
ସଙ୍ଗୀତର ଶାଶ୍ୱତ ସ୍ୱରେ ଗଢ଼ି
ତୋଳେ ସମ୍ପର୍କ ।
ମୋ ସଙ୍ଗୀତେ ଦୃଶ୍ୟ କେବେ ଗିରି
ବନ ନିର୍ଝର
ନଦୀ ସରୋବର ଅପୂର୍ବ ପ୍ରକୃତି
ସମ୍ଭାର ;
କେବେ ମରେ କେବେ ମାରେ
କେବେ ଜିତେ କେବେ ହାରେ
ଶେତେ ଭୁଞ୍ଜିଲେ ସରେନି ମୋ
ସଙ୍ଗୀତର ଭୋକ ।
ସଙ୍ଗୀତ ମୋ ପାଇଁ ସରୁ ତଣ୍ଡୁଳର
ଅନ୍ନ
ସେ ମିଷ୍ଟାନ୍ନ ବ୍ୟଞ୍ଜନ ଭୁଞ୍ଜି ରଖିଛି
ମୋ ପ୍ରାଣ ;
ତା' ବିହୁନେ ଏ ଜୀବନ
ନାହିଁ ମୋର ପ୍ରୟୋଜନ
ସଦା ରଖିବି ସାଇତି ତାକୁ ଜୀବନ
ଯାକ ।
ସଙ୍ଗୀତ ଏମିତି ସୁରା ତା'ର ଅଜବ
ନିଶା
କାହା ପାଇଁ ସେ ମନୋରଞ୍ଜନ ମୋ
ପାଇଁ ପେଶା ;
ସଙ୍ଗୀତ ମୋ ରକ୍ଷାସୂତ୍ର
ସଙ୍ଗୀତ ମୋ ଖାଦ୍ୟ ବସ୍ତ୍ର
ସଙ୍ଗାତ ମୋର ନବର ମୁଁ ସଙ୍ଗୀତ
ଭିକ୍ଷୁକ ।


ଭାଟପଡ଼ା, ନିରାକାରପୁର
କଣାସ, ପୁରୀ



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୩୬



ଡ.ସିନ୍ଧୁ ସେନ୍

ମଧ୍ୟ କରୁଥିଲେ । ତେଣୁ ମନ୍ଦୋଦରୀ ସମଗ୍ର ଲଙ୍କା ରାଜ୍ୟର ପ୍ରିୟ ମହାରାଣୀ । ମନ୍ଦୋଦରୀଙ୍କ ନିକଟରେ ଅନେକ କିଛି ଭଲଗୁଣ ମଧ୍ୟ ଥିଲା । ସେ କେବଳ ପ୍ରଜାମାନଙ୍କୁ ନୁହେଁ ମୋ ପରିବାର ସଦସ୍ୟ ମାନଙ୍କ ପ୍ରତି ତାର ଥିଲା ଅଜସ୍ର ସ୍ନେହ ।

ଧର୍ମପଥକୁ ଅନୁସରଣ କରିବାକୁ ଉପଦେଶ ଦେଇଚି । ସେ କେବଳ ମୋର ଧର୍ମପତ୍ନୀ ନଥିଲା । ଏକାଧାରରେ ଥିଲା ଜାୟା, ଜନନୀ, ଭଗ୍ନୀ ପୁଣି ସହକର୍ମିଣୀ, ସହଧର୍ମିଣୀ । ମୋ ପରିବାରର ସମସ୍ତ ସଦସ୍ୟଙ୍କୁ ସେ ଅତି ଆପଣାର କରି ନେଇଥିଲା । ମୋର ସାନସାନ ଭାଇ ଓ ଭଉଣୀକୁ ସେ ଏକାନ୍ତ ଭାବେ ସ୍ନେହ, ଶ୍ରଦ୍ଧା କରୁଥିଲା । କେବଳ ତାରି ପାଇଁ ମୋତେ ମୋ ସଂସାର, ପରିବାର କଥା କିଛି ବି ବୁଝିବାକୁ ପଡୁନଥିଲା । ମୁଁ ବେଶ୍ ଆଶ୍ୱସ୍ତ ଥିଲି । ସାରାଦିନ ରାଜକାର୍ଯ୍ୟରେ ବ୍ୟସ୍ତ ରହୁଥିଲି । ତା ସହ ଟିକିଏ ସୁଖ ଦୁଃଖ ହେବାକୁ ମଧ୍ୟ ମୋର ସମୟ ନଥିଲା । ତେଣୁ ପ୍ରତ୍ୟେହ ସନ୍ଧ୍ୟାରେ ନଗର ଭ୍ରମଣ କରିବା ମୋର ଏକ ଅଭ୍ୟାସ ଥିଲା । ଆଉ ସେହି ନଗର ଭ୍ରମଣ ସମୟରେ ମୋ ସାଂଗରେ ରହୁଥିଲେ ମନ୍ଦୋଦରୀ । ଆମେ ଦୁହେଁ ନଗର ପରିଭ୍ରମଣରେ ଯାଇ କେବଳ ନଗରର ସୌନ୍ଦର୍ଯ୍ୟକୁ ଯେ ଉପଭୋଗ କରୁଥିଲୁ ତା ନୁହେଁ, ପ୍ରଜାମାନଙ୍କ ପାଖକୁ ଯାଇ ସେମାନଙ୍କ ସୁଖ ଦୁଃଖ ମଧ୍ୟ ବୁଝୁଥିଲୁ । ବିଶେଷକରି ଦେବୀ ମନ୍ଦୋଦରୀ ହିଁ ଏଥିପ୍ରତି ବେଶି ନଜର ରଖୁଥିଲେ । ପ୍ରଜାମାନଙ୍କ ସୁଖ ଦୁଃଖରେ ନିଜକୁ ସାମିଲ୍ କରୁଥିଲେ । ସମସ୍ତଙ୍କର ଅଭାବ ଅସୁବିଧା ବୁଝଇ ତାକୁ ଦୂର କରିବାକୁ ଚେଷ୍ଟା କରୁଥିଲେ । ପାଟରାଣୀ ହୋଇ ମଧ୍ୟ ମନ୍ଦୋଦରୀଙ୍କ ଏହି ଗୁଣକୁ ପ୍ରଜାମାନେ ଯେମିତି ତାରିଫ କରୁଥିଲେ ସେତିକି ସମ୍ମାନ ସମସ୍ତଙ୍କ ଆବଶ୍ୟକତା ଅନୁଯାୟୀ ସେ ସବୁ ଯୋଗାଇଦେବାରେ ଥିଲେ ବେଶ୍ ଦକ୍ଷ । ମନ୍ଦୋଦରୀ ଦେବୀଙ୍କ ପାଇଁ ଆମେ ସମସ୍ତେ ସୁଖରେ ଥିଲୁ । ମୋ ପରି ଜଣେ ରୁକ୍ଷ ପ୍ରକୃତିର ବ୍ୟକ୍ତି ମଧ୍ୟ ସୁଖକୁ ଅନୁଭବ କରିପାରୁ ଥିଲା । ଭାବୁଥିଲି ସୁଖ ଏକ ସୂକ୍ଷ୍ମ ଭାବନା, ଐଶ୍ୱରୀୟ ବରଦାନ । ମଣିଷ ଯେତେ ସୁଖୀ ହୁଏ, ସେତେ ସେ ଜୀବନକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବରେ ଅତିବାହିତ କରେ । ସୁଖକୁ କଳନା କରିବା ପାଇଁ କୌଣସି ପରିମାପକ ନାହିଁ । ମୋ ସୁଖୀ ଜୀବନରେ ସଫଳତା ହେଉଛନ୍ତି ମୋ ଧର୍ମପତ୍ନୀ ମନ୍ଦୋଦରୀ ଦେବୀ । ଯାହାଙ୍କ ପାଇଁ ସମଗ୍ର ଲଙ୍କାର ପ୍ରଜା ତଥା ମୋ ପରିବାର ବେଶ୍ ସୁଖରେ ଜୀବନ ଅତିବାହିତ କରିପାରୁଛନ୍ତି । ମୟ ଦାନବଙ୍କ ସୁକନ୍ୟା ସେ । ପିତାଙ୍କ ଠାରୁ ସେ ପାଇଛନ୍ତି ଶୃଙ୍ଖଳା ଜ୍ଞାନର ଶିକ୍ଷା । ତାଙ୍କର ଆଚରଣ, ଉଚ୍ଚାରଣ ସଂଯମତା ନ ରହିବ କାହିଁକି ?

ସେଦିନ ସନ୍ଧ୍ୟା ଗଡ଼ି ଯାଉଥିଲା । ଦେବୀ ମନ୍ଦିରରୁ ଘଣ୍ଟ, ଶଙ୍ଖର ଧ୍ୱନି ଭାସି ଆସୁଥିଲା । ନଗର ପରିଭ୍ରମଣ ପାଇଁ ମୁଁ ବ୍ୟଗ୍ର ହୋଇ ଉଠୁଥିଲି । ଅଥଚ ମନ୍ଦୋଦରୀଙ୍କର ଏଯାଏ ଦେଖା ନାହିଁ । କୁଆଡ଼େ ଗଲେ ସେ । ଅନୁଚରଙ୍କ ହାତରେ ତାଙ୍କୁ ଡକାଇବି ବୋଲି ଭାବି ଡାକ ଛାଡ଼ିଲି । ହେଲେ କୁଆଡ଼େ ଥିଲେ, ମନ୍ଦୋଦରୀ ଆସି ମୋ ସମ୍ମୁଖରେ ଠିଆ ହୋଇଗଲେ, କହିଲେ ନଗର ପରିଭ୍ରମଣରେ ଯିବା ପୂର୍ବରୁ ପ୍ରଥମେ ନିଜ ପରିବାର ପାଇଁ କିଛି ସମୟ ତ ଦିଅନ୍ତୁ ରାଜନ୍ ।

ମନ୍ଦୋଦରୀଙ୍କ କଥା କିଛି ବୁଝିପାରିଲି ନାହିଁ । ମନ୍ଦୋଦରୀ କ'ଣ କହିବାକୁ ଚାହୁଁଛନ୍ତି ? କାହା କଥା କହୁଛନ୍ତି ? ମୋ ପରିବାର ମଧ୍ୟରେ କ'ଣ କିଛି ଅଘଟଣ ଆଉ ଘଟିନି ତ ? ଏମିତି ସବୁ ଆନମନା ଚିନ୍ତାଧାରା ମଧ୍ୟରେ ଥାଇ ଶୁଣିବାକୁ ପାଇଲି, ମୋ ଅଲିଅଳ ଭଉଣୀ ସୂର୍ପଣଖା ଘର କୋଣରେ ବସି କାନ୍ଦୁଥିବାର ମନ୍ୋଦରୀ ଦେଖିଛନ୍ତି ।

କ'ଣ ଅସୁବିଧା ହୋଇଥାଇ ପାରେ ? ଆମ ତିନିଭାଇରେ ସେ ଏକମାତ୍ର ଅଲିଅଳୀ ଭଉଣୀ । ଏମିତି କ'ଣ ଅଭାବ ରହିଗଲା ଯେ ତାକୁ ଲୁହ ଗଡ଼ାଇବାକୁ ପଡ଼ିଲା । ତାଛଡ଼ା ମନ୍ଦୋଦରୀ ଥାଉଥାଉ ଏସବୁ ତ ଘଟିବାର ନୁହେଁ ।

ମନ୍ଦୋଦରୀଙ୍କ ମୁହଁରୁ ସବୁକଥା ଶୁଣିଲି । ସୂର୍ପଣଖା ଏବେ ଆଉ ଛୋଟ ଝିଅଟିଏ ହୋଇ ରହିନି । ଏହାଭିତରେ ସେ ଅନେକ ବଡ଼ ହୋଇଯାଇଚି । ସେ ଯୌବନରେ ପାଦ ଦେଇଛି । ଆଉ ବଡ଼ଭାଇ ହିସାବରେ ତା ପ୍ରତି ମୋର କିଛି କର୍ତ୍ତବ୍ୟ ରହିଚି । ରାଜକାର୍ଯ୍ୟରେ ବ୍ୟସ୍ତ ରହି ମୁଁ ସିନା ସମୟ ଦେଇପାରୁନି ତେବେ ମୋ ଅଲିଅଳୀ ଭଉଣୀ ଆଖିର ଲୁହ ମୋ ପାଇଁ ଅସହ୍ୟ । ମନ୍ଦୋଦରୀ କହୁଥିଲେ ସୂର୍ପଣଖା ଜଣେ ରାକ୍ଷସ କୁମାରଙ୍କୁ ଭଲପାଇ ବସିଛି । ତାଙ୍କୁ ହିଁ ବିବାହ କରିବାକୁ ଚାହେଁ । ବେଶ୍ ଭଲକଥା । ସୂର୍ପଣଖାର ଇଚ୍ଛା ନିଶ୍ଚୟ ପୂରଣ ହେବ । ତାଛଡ଼ା ଆମ ରାକ୍ଷସ ଜାତିରେ ସ୍ୱେଚ୍ଛାକୃତ ଭାବେ ପତି ନିର୍ବାଚନର ଅଧିକାର ତ କନ୍ୟାମାନଙ୍କୁ ଦିଆଯାଇଛି । ଆଉ ଏହି ପରମ୍ପରା ମଧ୍ୟ କାହିଁ କେବେ ଠାରୁ ପ୍ରଚଳିତ ହୋଇ ଆସିଛି । ତେଣୁ ସୂର୍ପଣଖା ପାଇଁ ଅସୁବିଧା ରହିଲା କେଉଁଠି ?

ବରଂ ମୋତେ କୁହ, କିଏ ସେଇ ଭାଗ୍ୟବାନ ବ୍ୟକ୍ତି ଯିଏ ମୋର ଭିଣୋଇ ହେବାର ଅଧିକାର ପାଇବେ ।

ରାଜନ, ସେ କେବଳ ଜଣେ ବୀର ନୁହଁନ୍ତି ମହାବୀର । ସୂର୍ପଣଖା ବୁଦ୍ଧିମତୀ, ସେ ପତି ନିର୍ବାଚନରେ କେବେବି ଭୁଲ୍ କରିବେନି । ତେବେ କୁହ କିଏ ସେଇ ରାକ୍ଷସକୁମାର ?

ସେ ଆଉ କେହି ନୁହଁନ୍ତି ରାକ୍ଷସବୀର ବିଦ୍ୟୁଜିହ୍ୱ । ଯିଏ ଗତ କିଛିଦିନ ହେଲା ସୂର୍ପଣଖା ସହ ମିଳିତ ହୋଇଛନ୍ତି । ନଣନ୍ଦ ମୋର ତାଙ୍କରି ପ୍ରତୀକ୍ଷାରେ କ୍ରନ୍ଦନ କରୁଛନ୍ତି । ଆପଣ ସେ ଦୁହିଁଙ୍କ ବିବାହ ଖୁବ୍ ଶୀଘ୍ର ଆୟୋଜନ କରନ୍ତୁ ।

ଦେବୀ ମନ୍ଦୋଦରୀଙ୍କ ସହ ମୁଁ ନଗର ଭ୍ରମଣ କରୁଥିଲି ସତ, ହେଲେ ମୋ ମନ ଘୂରି ବଲୁଥିଲା ଅନ୍ୟଆଡ଼େ । ଭାବୁଥିଲି ବିଦ୍ୟୁଜିହ୍ୱଙ୍କ କଥା । ସୂର୍ପଣଖା ଆମର ଏକମାତ୍ର ଭଉଣୀ । ପିଲାଟି ଦିନରୁ ବହୁତ ଗେହ୍ଲାରେ ସେ ବଢ଼ିଛି । ବିଦ୍ୟୁଜିହ୍ୱଙ୍କ ପାଖରେ ସେ ଖୁସିରେ ରହିପାରିବ ତ ? ତା ଜୀବନ ସୁରକ୍ଷିତ ହୋଇପାରିବ ତ ? ବିଦ୍ୟୁଜିହ୍ୱ ମୋ ନିକଟରେ ଅପରିଚିତ ନୁହଁନ୍ତି ତାଙ୍କୁ ମୁଁ ଭଲଭାବେ ଜାଣେ । ବୀର ଭାବେ ରାକ୍ଷସ କୁଳରେ ତାଙ୍କର ସ୍ୱତନ୍ତ୍ର ସୁନାମ ରହିଛି । ଆବଶ୍ୟକ ବେଳେ ସେ ମୋତେ ସାହାଯ୍ୟ ମଧ୍ୟ କରିପାରିବ । ହେଲେ ଅନ୍ୟ କିଛି କାରଣରୁ ମୋ ମନରେ ଭୟ ମଧ୍ୟ ଜାତ ହେଉଥିଲା । ବିଦ୍ୟୁଜିହ୍ୱ ବହୁତ ସ୍ପଷ୍ଟବାଦୀ ସତ, ହେଲେ ମହାକ୍ରୋଧୀ । ଏକଜିଦିଆ । ଯାହା ଥରେ ମୁଣ୍ଡକୁ ପଶିଯାଏ, ତାହା କରିବାକୁ ସେ କେବେ କୁଣ୍ଠାବୋଧ କରନ୍ତି ନାହିଁ । ତାଛଡ଼ା ରାଜନୀତି ଦିଗରେ ସେ ବହୁତ ଦୁର୍ବଳ । ଜଣକୁ ରାଜନୀତିଜ୍ଞ ହେବାକୁ ହେଲେ କୂଟନୀତିଜ୍ଞ ମଧ୍ୟ ହେବାକୁ ପଡ଼ିବ । କୂଟନୀତିକୁ ଛାଡ଼ି ସଫଳ ରାଜନୀତିଜ୍ଞ ହେବା ସମ୍ଭବ ନୁହେଁ । ମୁଁ ରାଜା ମୋତେ କେବଳ ରାଜନୀତିକୁ ଆଶ୍ରୟ କଲେ ଚଳିବନି । ରାଜ୍ୟ ଶାସନ ପାଇଁ ମୋତେ ରାଜନୀତି ସହ କୂଟନୀତି ବିଦ୍ୟାକୁ ମଧ୍ୟ ଆଶ୍ରୟ କରିବାକୁ ପଡ଼ିବ । ଶ୍ୟାଳକ ହିସାବରେ ମୋତେ ପରାମର୍ଶ ଦେବାର ଅଧିକାର ରହିଛି । ମାତ୍ର ମୁଁ ଯଦି ତାଙ୍କର ଉପଦେଶ ଗ୍ରହଣ ନକରେ, ତେବେ, ସେ ହୁଏତ ମୋ ବିରୋଧରେ ମଧ୍ୟ ଯାଇପାରନ୍ତି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ) ୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୬୧ ॥

ମରିଚୀଙ୍କ ଜନ୍ମ ସମ୍ପର୍କରେ ସବୁଠାରୁ ଉତ୍ତମ, ରୋଚକ ସମ୍ଭାବନାଟି, ସେ ଅତ୍ରି ମୁନିଙ୍କ ବଂଶୀ ଓ ସଂପର୍କୀୟ ସହୋଦର ଥିଲେ । ପ୍ରାୟ ପୁରା ପାଷାଣ କାଳରେ ଆଫ୍ରିକାର ପଶ୍ଚିମ ପାଖରୁ ଦଳେ ନୌବାହୀ ଜାତି ଦୁଇ ଭାଗ ହୋଇ ଦଳେ ପଶ୍ଚିମ ୟୁରୋପ ଏବଂ ଦଳେ ଭାରତ କୁ ଆସିଥିଲେ । ଏହା ସହିତ ଆହୁରି ଅନେକ ଲୋପ ହୋଇଥିବା ଜନ ଜାତି ମଧ୍ୟ ଭାରତକୁ ଆସିଥିଲେ । ସେମାନେ ଯେପରି ନୌବାହୀ କୈବର୍ତ୍ତ ଥିଲେ ସେହିପରି ଯୋଦ୍ଧା ମଧ୍ୟ ଥିଲେ । କେତେକ ଆରବ ସାଗରର ଉଭୟ ପାଖରେ ଶିକାର, ମାଛ ଧରିବା, ବ୍ୟବସାୟ ଅବା ପଶୁ ପାଳନ କରୁଥିଲେ । ଏହି ନୌବାହୀ ଜାତି ଦ୍ରାବିଡ଼ ମାନଙ୍କ ଦଳପତି ଥିଲେ ଓ ବନ୍ୟା, ହିଂସ୍ର ଆକ୍ରମଣ ଆଦି ବିପଦ ଆପଦରେ ସେମାନଙ୍କୁ ସୁରକ୍ଷିତ ରଖୁଥିଲେ । ସ୍ୱୟମ୍ଭୁ ଓ ଶତ ରୂପାଙ୍କ ସୃଷ୍ଟି ପରେ ବ୍ରହ୍ମା ସେମାନଙ୍କୁ ସମୁଦ୍ରର (ଆରବ ସାଗର, ଭାରତ ମହା ସାଗର ନିକଟ) ଦ୍ୱୀପ ମାନଙ୍କରେ ସ୍ଥାପନ ଦେଇଥିଲେ । ତେଣୁ ଏହି ମାନଙ୍କୁ ଦତ୍ତ କୁହାଯାଉଥିଲା । ଅତ୍ରି ଏହି ବଂଶର ଥିଲେ ଯିଏ ବ୍ରହ୍ମାଙ୍କ ଚକ୍ଷୁର ଜୀବକୋଷରୁ ଜନ୍ମ ହୋଇଥିଲେ । ସେ ସତ୍ତ୍ୱ, ରଜ, ତମ ତ୍ରିଗୁଣ, ତ୍ରିତାପାତୀତ ଥିଲେ । ସେ କର୍ଦ୍ଦମ୍ ମୁନିଙ୍କ କନ୍ୟା ଅନୁସୂୟାଙ୍କୁ ବିବାହ କରିଥିଲେ । ତାଙ୍କ ପ୍ରଥମ ପୁତ୍ରଙ୍କ ନାମ ଦତ୍ତାତ୍ରେୟ ଥିଲା । ସେ ବିଷ୍ଣୁ ରୂପୀ । ବିଶର ଅର୍ଥ ବିଶ୍ୱ ଏବଂ ବିଶ୍ୱ ଯାହାକୁ ଅନୁସରଣ କରେ ସେ ବିଷ୍ଣୁ । ଗ୍ରୀକ୍‌ରେ ବିଶ ଉର୍ଦ୍ଧ୍ୱରେ ଯେ ଥାନ୍ତି ସେ ବିଶପ ବା ପୁରୋହିତ । ବିଷ ବା ପଦ୍ମ ନାଡ ଉପରେ ସେ ବସନ୍ତି, କାରଣ ସେ ବ୍ରହ୍ମା, ସେ ବ୍ରାହ୍ମଣ । ଇତିହାସରେ ରାଜ୍ୟର ନାମ ବିଶ ଥିଲା । ଏହି ଅତ୍ରିଙ୍କ ବଂଶ ଉଦ୍ଭବ ଅଗ୍ନିହୋତ୍ରଙ୍କଠାରୁ ଅଗ୍ନି ବଂଶ, ଚନ୍ଦ୍ର ବଂଶ ମଧ୍ୟ ସୃଷ୍ଟ ହୋଇଥାଇପାରେ ।

ଅତ୍ରିଙ୍କ ସମୟରେ ବନ୍ୟା ଓ ସମୁଦ୍ର ଜୁଆରରେ ସିନ୍ଧୁ ପ୍ରଦେଶର ଅଧିକାଂଶ ଭାଗ ମରୁଭୂମିରେ ପରିଣତ ହେଲା । ଅନେକ ମୃତ୍ୟୁ ଲାଭ କଲେ । ଅନେକ ପଳାୟନ କଲେ । ଅନେକ ଦାସ ଓ ଦସ୍ୟୁରେ ପରିଣତ ହେଲେ । ଏହି ସମୟରେ କୌଣସି ଦାସୀ ଗର୍ଭରେ ବ୍ରହ୍ମା ଏହି ବଂଶକୁ ରକ୍ଷା କରିବା ପାଇଁ ମରିଚୀଙ୍କୁ ନିଜ ମନରୁ ଜନ୍ମ ଦେଇଥିଲେ ବା ପାଳନ କରିଥିଲେ । ତେବେ ମରିଚୀ ଯେପରି ଜନ୍ମ ହୁଅନ୍ତୁ ତାହା ତାତ୍ପର୍ଯ୍ୟ ପୂର୍ଣ୍ଣ ନୁହେଁ । କିନ୍ତୁ ଦକ୍ଷ ପ୍ରଜାପତି ଏବଂ କଶ୍ୟପ କିପରି ନୂତନ ସୃଷ୍ଟି ସର୍ଜନା କଲେ, ତାହା ହିଁ ତାତ୍ପର୍ଯ୍ୟ ପୂର୍ଣ୍ଣ ଅଟେ ।

ପ୍ରାୟ ହଜାର ହଜାର ବର୍ଷ ପୂର୍ବରୁ ଭାରତୀୟ ରାଜ ବଂଶ ଗୁଡ଼ିକର ଇତିହାସ ଏକ ପ୍ରକାର ଛବି ଲିପି ସାହାଯ୍ୟରେ ମାଦଳା ପାଞ୍ଜି ପରି ଲିପିବଦ୍ଧ ଥିଲା ଅବା ଲୋକ ମୁଖରେ କୁହା ଯାଉଥିଲା । ବେଦ ବ୍ୟାସ ଦ୍ୱାପର ଯୁଗରେ ଏହା ସଂଗ୍ରହ କରି ଶ୍ରୀମଦ୍ ଭାଗବତରେ ଲେଖି ଥିଲେ । କିନ୍ତୁ ତାଙ୍କ ଅନ୍ୟ ଭାଇ ମାନଙ୍କ ବିଷୟରେ ଇତିହାସ ସମୟ କ୍ରମେ ଅପହୃତ ହୋଇ ଅଛି । କେବଳ ଜଣା ଯାଏ ଯେ ତ୍ରେତୟା ଯୁଗରେ ଶତୃଘ୍ନ, ଭରତ ଓ ଆର୍ଯ୍ୟମାନ ଅସୁର ଦେଶ ଐଶ୍ୱର୍ଯ୍ୟ ବିରୁଦ୍ଧରେ ଯୁଦ୍ଧ କରିଥିଲେ ଓ ତୁର୍କରେ ୧୨୦୦୦ ବର୍ଷ ପୁରୁଣା ଏକ ହିନ୍ଦୁ ମନ୍ଦିର ଅଛି । ସେମାନଙ୍କ ମତରେ ଆର୍ଯ୍ୟ ମାନେ କାସପୀୟାନ ସାଗର କୂଳରେ ବାସ କରୁଥିଲେ । କିନ୍ତୁ ଭାଗବତ ଅନୁସାରେ ଆର୍ଯ୍ୟ ମାନେ ସପ୍ତ ଦ୍ୱିପରେ ଅଧିପତି ଥିଲେ । ଏମାନଙ୍କ ଅନ୍ୟ ଭାଇ, ପୁତ୍ର, କନ୍ୟା, ଜାମାତା, ମିତ୍ର ଆଦିଙ୍କ ସହ ଏମାନଙ୍କର ବଂଶ ଗଢି ଉଠିଥିଲା । କିନ୍ତୁ ଏହି ରାଜା ବଂଶ ମାନେ ଦ୍ୱୀପର ଲକ୍ଷ, ଲକ୍ଷ ବଂଶ ମଧ୍ୟ ରେ ମାତ୍ର ଗୋଟିଏ ବଂଶ ଥିଲେ । ହୁଏତ ପୂର୍ବରୁ ଏଠାରେ ଥିବା ଶାସକ ମାନେ ଏମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ଥିଲେ । ବେଳେ, ବେଳେ ଯୁଦ୍ଧରେ ରାଜ ବଂଶ ମାନ ଲୋପ ପାଉଥିଲା । କେହି ଅପୁତ୍ରିକ ନିଜ ଜାମାତା ବା ତାଙ୍କ ପୁତ୍ରଙ୍କୁ, ଅବା ମିତ୍ରଙ୍କୁ ରାଜା ପଣ ପ୍ରଦାନ କରିଥିଲେ । ସେତେବେଳେ ବିଦେଶ ନାରୀ ମଧ୍ୟ ବହୁ ପତି ବିବାହ କରୁଥିଲା । ଦ୍ୱିତୀୟ ବିବାହ ଓ ବିଧବା ବିବାହ ପ୍ରଚଳିତ ଥିଲା । ବାଲ୍ୟ ବିବାହ ନଥିଲା । ଶତ ରୂପାଙ୍କ ବେଳକୁ ଭାରତୀୟ ମାନେ ଜାଣି ପାରିଲେ ଯେ କେବଳ ପୁତ୍ର ହିଁ ପିତାର ବଂଶ କ୍ରମକୁ ବହନ କରିଥାଏ । ତେଣୁ ନାରୀର ସତୀତ୍ୱ ଉପରେ ସତ୍ୟ ଯୁଗରେ ଗୁରୁତ୍ୱ ଦିଆଗଲା । ଏହି ପରି ଧୀରେ ଧୀରେ ଏହି ବଂଶରୁ ଭାରତୀୟ ସତ୍ତା ଲୋପ ପାଇଥିଲା ।

ଏହି ରାଜ ବଂଶ ମାନେ ଜମ୍ବୁ ଦ୍ୱୀପରେ ଦ୍ରାବିଡ଼ ଏବଂ ପରେ ପୂର୍ବ ଉତ୍ତରକୁ ଗତି କରି ସ୍ୱୟଂ ଭୁବଙ୍କ ପରେ ଗଙ୍ଗା ନଦୀ ତୀରରେ ଆର୍ଯ୍ୟ ରାଜା ରୂପେ ଶାସନ କରିଥିଲେ ।

ପୁଷ୍କର ଦ୍ୱୀପରେ ଏହି ବଂଶର ନାମ ଶାକ, କ୍ରଉଞ୍ଚ ଦ୍ୱୀପରେ ମଙ୍ଗଳ, କୁଶ ଦ୍ୱିପରେ କୁଶାନ, ଶାକ ଦ୍ୱିପରେ ରୁଦ୍ର, ପ୍ଲକ୍ଷ ଦ୍ୱିପରେ ଆର୍ଯ୍ୟ, ଶାଲ୍ମଳୀ ଦ୍ୱିପ ରେ ପ୍ରାଚୀ (ଏହା ଅଷ୍ଟ୍ରେଲିଆ , ଛ ହଜାର ସାତଶହ ବର୍ଷ ପୂର୍ବେ ଭାରତୀୟ ରାଜା ପ୍ରାଚୀ ବାରାହୀ ଏହା ଅଧିକାର କରିଥିଲେ ।) ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜରେ ମଙ୍ଗଳ, ପଶ୍ଚିମ ଦ୍ୱିପ ସମୂହ ରେ ଦତ୍ତ, ଜମ୍ବୁ ଦ୍ୱିପରେ ଦ୍ରାବିଡ଼ ଥିଲା । ସିନ୍ଧୁ ପ୍ରଦେଶରେ ରାଜପୁତ, ଭୋଲଗା ନଦୀ କୂଳରେ ଭିଲ, ମଙ୍ଗଳ ଓ ଶାକ ବଂଶର ମିଶ୍ରଣରେ ହୁନ ବଂଶ ସୃଷ୍ଟି ହେଲା । କିନ୍ତୁ ଏହି ସମସ୍ତ ରାଜବଂଶ ମାନଙ୍କ ଅଧିପତିମାନେ ଆର୍ଯ୍ୟଙ୍କ ପୂର୍ବଜ ଥିଲେ, ଯେଉଁମାନେ ଅର୍ଯ୍ୟମା ନାମକ ସୂର୍ଯ୍ୟ, ମାତୃକା ନାମକ ପୃଥିବୀ ଓ ହିମାଳୟରେ ବ୍ରହ୍ମଙ୍କଠାରୁ ଉତ୍ପତ୍ତି ହୋଇଥିଲେ । ଏହା ବ୍ୟତୀତ ଅନେକ ଜାତି ଓ ପ୍ରାଚୀନ ଜନ ଜାତି ବାସ କରୁଥିଲେ ।

ସେତେବେଳେ ଦେବହୁତି ନେପାଳର କପିଳ ବାସ୍ତୁ ଛାଡି ସରସ୍ୱତୀ ତୀରରେ ନିଜ ପୁତ୍ର ଭଗବାନ କପିଳଙ୍କ ସହିତ ବାସ କରୁଥିଲେ । ମରିଚୀଙ୍କ ଅଧ୍ୟୟନ ପରେ ସେ ନିଜର ପ୍ରଥମ କନ୍ୟା କଳାଙ୍କୁ ତାଙ୍କ ସହ ବ୍ରାହ୍ମ ରୀତିରେ ବିବାହ ଦେଇଥିଲେ । ତାଙ୍କ ଠାରୁ ପାକିସ୍ଥାନର କଶ୍ୟପପୁର ଅବା କାଶ୍ମୀର ବା କାଶୀ ନଗରରେ ଆଷାଢ଼ ତ୍ରୟୋଦଶୀ ତିଥିରେ କଶ୍ୟପ ଜନ୍ମ ଗ୍ରହଣ କରିଥିଲେ ।

ଏହିପରି କୈବର୍ତ୍ତ ମାନେ ନୌକା ଦ୍ୱାରା ହିଁ ସୃଷ୍ଟିକୁ ରକ୍ଷାକରି ପ୍ରଳୟ ମଧ୍ୟରେ ବ୍ରହ୍ମାଙ୍କ କଳ୍ପନାକୁ ନୂତନ ଜୀବନ୍ୟାସ ଦେଇଥିଲେ । ଏହି ମରିଚୀ ପ୍ରଜାପତିଙ୍କଠାରୁ କଶ୍ୟପ କିପରି ଓ କେଉଁଠାରେ ଜନ୍ମ ହେଲେ ? ?

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଝାଲ୍ ମୁଢ଼ିବାଲା

### ସୁଶ୍ରୀ ପଲ୍ଲବିତା ସାହୁ



ଝାଲ୍ ମୁଢ଼ିବାଲା
ହସୁଥିବା ମେଘଖଣ୍ଡେ ବେନାମୀ ଚିଠିର
ଜଣା ନ ଥାଇ ଆସିଥିବା
ସରାଗର ଠିକଣା, କେଉଁ ଅଜଣା ସ୍ୱର୍ଗର
ଛାପା ଜୀବନ ଅକ୍ଷରର ଜୀବନ୍ତ ବହିଟିଏ ସତେ
ଯା'ର ଲିପି ଓ ଲୁହ ଉଭୟେ ମାର୍ମିକ
ତୁଳନା ନାହିଁ ; ବୟସର ଅପରାହ୍ନେ
ଖୋଜିବୁଲୁଥିବା ସେ ସ୍ୱାବଲମ୍ବନର
ସୀମା କେଡେ ସ୍ନେହବନ୍ତ !

ତୁଷାରର ଛବି ଆଉ ଶୀତଳତା ପରି
କହି ହେଉ ନ ଥିବା ତା' ଭାଗ୍ୟର
ସିଲଟେ, ତୁନି ହୋଇ ଖେଳୁଥିବା
ଖୁସିର ପରିଧି ; ହାଲ୍ କହେ
ଜୀବିକାର , ଯା' ପାଖରେ
ସେବା ଦିଏ ଏ ମଣିଷ
ସ୍ୱପ୍ନ ଆଉ ବିଫଳତା ବାନ୍ଧି

ସେ ଆସିଲେ ସବୁଦିନ ପାଟି କରି ଡାକେ
" ଝାଲ୍ ମୁଢ଼ି ନିଅ ଝାଲ୍ ମୁଢି"

ପିଲା, ଟୋକା ଆଉ ବୁଢ଼ାବୁଢ଼ୀ
ପାଗେଇ ଦେବି ମୁଁ ଝାଡିଝୁଡି
ମନ ଲାଗିଯିବ ପଥ ହୁଡି
ଝାଲ୍ ମୁଢ଼ି ନିଅ ଝାଲ୍ ମୁଢ଼ି
ଖାଉଥିବ ଆହେ ଝାଡିଝୁଡି "

ତା' ଆସିବାଟା ଯେମିତି
ଏକ ଅପେକ୍ଷିତ ଲଗ୍ନ
ସେ ଆସିଗଲେ, ବେଢ଼ିଯା'ନ୍ତି
ମୁଢିଭକ୍ତମାନେ ଆନନ୍ଦରେ, ଉଲ୍ଲାସରେ
ମନଭରି ସତେ ସୃଷ୍ଟି ହୁଏ
ଉନ୍ମାଦର ଅପ୍ରତ୍ୟାଶିତ ନଈବଢି

ଚିରୁଡାଏ ହସ, ହସରେ ବଞ୍ଚିବାର ଶୋଷ
ମଣିଷ ମେଳରେ ଥିବା ଏଇ
ଗାଉଁଲି ମନର ଅକୁହା ବୟସ
ଭାରି ତାଗିଦ୍ କରିବାକୁ ପଡେ
ନିଜକୁ ଯଦି ଚଳାଇନେବାର ଅଛି
ଦାରୁଣରେ ଦୟାର ବାରିଧି ହୋଇ
ବର୍ଷିବାକୁ ହେବ ବାରମାସ

ମୁଢି, ମଟର ସିଝା, ବୁଟଭଜା, ମୁଗଗଜା
ପିଆଜ, ତେଲ, ମସଲା ସାଙ୍ଗକୁ
ମିକ୍ସଚର ସଜା
ଆମ୍ବକଷିଆ ଅଦାଛେଚା ସହ କଟା ଲଙ୍କା ଆଉ
ଲୁଣ ଟିକେ ଦେଇ କାଗେଜି ଲେମ୍ବୁରସ ଭିଜା
ସେ ସ୍ୱାଦିଷ୍ଟ କ୍ଷଣପାକ ;
ଚଟ୍ ପଟ୍ ଚର୍ବଣ ଲିପସୁ ଲୋକଙ୍କ
ଆକର୍ଷିତ ଭୋକ

ଝାଲ୍ ମୁଢ଼ି ଫେଣ୍ଟିଲାବେଳେ
ବାକିଥିବା ଅବଶୋଷ ଗୁଡ଼ାକ ବି
ସେ ଫେଣ୍ଟିଦିଏ
ତା'ର ନିଜସ୍ୱ ଭାବନା, ନିୟତି
ଭାଗ୍ୟର ସମ୍ବିଧାନ ନିଜେ ଗଢିଦିଏ
"ଯେତିକି ପାଇଛି ସେତିକିରେ ଖୁସି
ହରି ହେ ! କୃପା ରଖିଥାଅ
ଦୁଃଖେ ସୁଖେ ସବୁ ଦିବାନିଶି ??"

ଆମେ ସିନା ଆମ କ୍ଷଣକୁ
ସୁନ୍ଦର କରୁ, ସେ କିନ୍ତୁ ତା'
ମନକୁ ସୁନ୍ଦର କରେ, ଆମ
ଖୁସି, ହସ ଆଉ ଥଟ୍ଟାଗମାତରେ
ବେଉସା ପ୍ରତି ମନଊଣା ନ ଥାଏ
କାରୁଣ୍ୟରେ ସମର୍ପଣ ଥାଏ
ବିଧି ଆଉ ବିଚାରରେ ସମ୍ବେଦନ ଥାଏ

ଝାଲ୍ ମୁଢ଼ିବାଲା
ଶରଧାର ଚଟୁଳ ଇଙ୍ଗିତ !
ସଂଗ୍ରାମର ଖଡ୍ଗଧାରେ ସ୍ୱପ୍ନ ଆଶାତୀତ
ଖଟିପାରେ, ବାଣ୍ଟିପାରେ ଜୀବନର
ଅମାପ ବିରତି
କର୍ମେ ଦେଖେ ଆଲିଙ୍ଗନ
ସେନେହର ଉଦାର ଆଦୃତି !!

+ଅଧ୍ୟାପିକା
ରାଜସୁନାଖଳା, ମହାବିଦ୍ୟାଳୟ
ମୋ- ୭୭୩୫୫୯୧୯୩୩

## ଫେରିଯାଅ ତୁମେ ଗାନ୍ଧୀ

### ମୀରା ବେଉରା



ଏବେ ତୁମ ପରି ଭାରତ ବର୍ଷେ ଶହଶହ
ସଫେଦ୍ ଧୋତି ପିନ୍ଧା, ଟୋପି ପିନ୍ଧା ଗାନ୍ଧୀ
ହିଂସା, ଅସତ୍ୟ ଅସହିଷ୍ଣୁତାକୁ ଅସ୍ତ୍ର କରି
ରାଷ୍ଟ୍ରର ସ୍ୱାର୍ଥକୁ ବଳିଦେଇ
ନିର୍ବାଚନ ବୈତରଣୀ ହୁଅନ୍ତି ପାରି
ପୁଣି ତୁଚ୍ଛା ଅସ୍ମିତାକୁ ଅସ୍ତ୍ର କରି
ଆତ୍ମନିର୍ଭର ହେବାକୁ ଯାଆନ୍ତି ପାସୋରି
ଗାଁ 'ଠୁ ସହର ଯୋଜନା ନାମରେ ଜେତେ
ଶବୁ ଭୋଟ୍ ବ୍ୟାଙ୍କ
ଖୋଲା ଏଠି ସଞ୍ଜଠୁ ସକାଳ
ସତରେ ଗାନ୍ଧୀ ନାଥୁରମ୍ ଗର୍ଡସେଙ୍କ ଗୁଳି
ଯେତିକି ବିନ୍ଧି ନଥିବ ତୁମ ୫୬ ଇଞ୍ଚର ଛାତିକି
ତାଠୁ ଅଧିକ ଯନ୍ତ୍ରଣା ଦାୟକ
ନିର୍ଭୟାର ଆର୍ତ୍ତ ଚିତ୍କାର ଜନିତ ସ୍ମୃତି
ଦଳୀୟ ସ୍ୱାର୍ଥରେ ରାଷ୍ଟ୍ର ଏଠି
ପ୍ରତିମୁହୂର୍ତ୍ତେ ଶ୍ୱାସରୁଦ୍ଧ
ତୁମ ସ୍ୱଚ୍ଛତାର ଭାଷା ଏବେ ଭିନ୍ନ
ଭିନ୍ନ ତୁମ ମୌଳିକ ଶିକ୍ଷା
ତୁମ କୁଟୀର ଶିଳ୍ପ ଏବେ ପଙ୍ଗୁ ପ୍ରାୟ
ତୁମ ବିଚାରଧାରା ଧୀରେ ଧୀରେ
ଏବେ ତାର ହଜାଇଛି ସତ୍ତା
ଗାଁ ଠୁ ସହର ସବୁଠି ମଦର ବନ୍ୟା
ଦୁର୍ନୀତି ଏବେ ହୋଇଛି ଜାତୀୟ ନୀତି
ଅସହାୟ ଗଣତନ୍ତ୍ର ପୁଣି ବିକ୍ରିହୁଏ
ଦୀନ ଦ୍ୱିପହରେ ମାତ୍ର
କିଛି ଟଙ୍କା ଓ ମଦ ମାଂସରେ
ମିଥ୍ୟା ହେଉପଛକେ ସେ
ଆଇନଷ୍ଟାଇନଙ୍କ କଥା
ଆଉ ରକ୍ତ ମାଂସର ଶରୀର ଧରି
ଏ ଧରକ୍ଷ ପୃଷ୍ଠରେ ବିଚରଣ କରନା
ଫେରି ଯାଅ ଫେରିଯାଅ ହେ ଗାନ୍ଧି
ନହେଲେ ହୃଦୟେ ପାଇବ ଅନେକ ବ୍ୟଥା
ପିନ୍ଧିବ ପୁଣି ମଥାରେ ବିଜୟ ବଦଳେ
ପରାଜୟର ଟୀକା ।

ମୋ: ୯୮୫୩୩୫୦୩୮୪



## ପ୍ରେମକବିତା

### ସୁନନ୍ଦା ମହାନ୍ତି



ଧୋକା ଖାଇ ଯିଏ ଲେଖୁଛି କବିତା
ଛାତିକୁ ନିଜର ଚିରି
ପ୍ରେମ ନମିଳୁ ପ୍ରେମିକା ନମିଳୁ ପଛେ
କବିତା ମିଳିଲା ଆକାଶ ଭରି
ଛୋଟ ଛୋଟ ଶବ୍ଦ ପ୍ରେମ ପାଇଁ ବିବାଦ
କବିତା ଛୁଟେ ହୃଦୟ ପରି
ଦିଏନାହିଁ ପ୍ରତାରଣା ଅବା ଧୋକା
କବିତା କାଚକେନ୍ଦୁ ବର୍ଷାବାରି
କ୍ଷମା ମାଗିବାକୁ ପଡ଼େନା କିମ୍ବା କହିବାକୁ ସରି
କବିତା ନିଜେ ଲତା ଓ ବନିତା ସବୁଙ୍କରି
ପ୍ରେମରେ ଥାଏ ଛଳନା କବିତା ଲଳନା ସତ
ଏତେ ଆଦୃତ କବି ଯାଏ ବତୁରି
କବିତା ବନିତା ମିଳିଗଲେ କବିପ୍ରାଣ
ପୁଲକିତ ଯାଦୁଗରୀ
ଶବ୍ଦର ଚାତୁରୀ ଶବ୍ଦକାରିଗରୀ ଶବ୍ଦନାଉରୀ
ଆହୁଲା ମାରଇ ଥିରି
ପ୍ରେମ ପାଇଁ ଲୋଡ଼ା କି ମନ୍ତ୍ର ତନ୍ତ୍ର
କବିତା ରଫ ଖାତାରେ ଯାଏ ଉତୁରି
ପ୍ରେମ କଲେ ସିନା ସଫଳ କି ଅସଫଳ
ଦୁହେଁ ହେଉଥାଆନ୍ତି ଝୁରି ଘାରି
କବିତା ଲେଖି ବଢ଼ାଇ ଯଶ ଗୌରବ ଶିରୀ
ମନ ବୃନ୍ଦାବନେ ସପ୍ତପୁରୀ
ଆଜି ନହେଲେ ଆସନ୍ତା କାଲି ଆସିବ
ପ୍ରେମକବିତା ଥିରି ଥିରି ଗୋଲାପ ବାସ୍ନା ଭରି
ପ୍ରେମ କବିତାରେ କଣ୍ଟକ ବଦଳେ
ଅମୃତ କଳସରୁ ମଧୁବାରି ପଡୁଥିବ ଝରି
ଆଗାମୀ ପିଢ଼ି ହେଉଥିବେ ଝୁରି ।

+ସାକ୍ଷିଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# କୋଟଗଡର ଧରାକୋଟ ଗାଁ କାଦୁଅରେ ଭରା: ଯାତାୟାତ ବାଧାପ୍ରାପ୍ତ

କନ୍ଧମାଳ, ୦୨/୧୦ (ନି.ପ୍ର): କାଦୁ ପଚ ପଚ ରାସ୍ତାରେ ଧରାକୋଟ ବାସୀଙ୍କ ଯାତାୟତ ବାଧାପ୍ରାପ୍ତ ହେଉଛି। କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ଧରାକୋଟ ପଂଚାୟତର ରାଣୀପଦର, ଖଜୁରୀ ସାହି, ବଡ ସାହି, ଯାମ ପଡ଼ା, ଇନ୍ଦିରା ସାହି, ନୁଆସାହି ଓ ଭାଲିଆ ପଦର ଏହି ସବୁ ଗ୍ରାମଗୁଡିକୁ ରାସ୍ତା ଘାଟ ନାହିଁ। ଗ୍ରାମରେ ଲୋକେ ପୂର୍ବ ପୁରୁଷ ଅମଳରୁ ବସ ବାସ କରିଆସୁଛନ୍ତି। ଲୋକ ସଂଖ୍ୟା ୩୦୦ ରୁ ଉର୍ଦ୍ଧ। ୯୦ ପରିବାର ଲୋକେ ରହନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାଇ ଏହି ସବୁ ଗ୍ରାମ ଗୁଡିକୁ ଆରଡି ରୋଡ଼ କିମ୍ବା ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତା ଘାଟ କରିବା ନିମନ୍ତେ ଦାବି କରିଛନ୍ତି। ପାନୀୟ ଜଳ କଥା ନ କହିବା ଭଲ କାରଣ ସରକାର ସୋଲାର ପାଣି ଟାଙ୍କି ଦେଇଥିଲେ ସତ କିନ୍ତୁ ୧ ବର୍ଷ ରୁ ଉର୍ଦ୍ଧ ହେବ ଅଚଳ ଅବସ୍ଥାରେ ପଡି ରହିଛି। ନା ଅଛି ନଳକୂପ, ନା ଅଛି କୁଅ, ନା ଅଛି ଷ୍ଟାଣ୍ଡ ପାଇପ ପାନୀୟ ଜଳର କୌଣସି ସୁବିଧା। ଗ୍ରାମବାସୀ ନାଳ, ଚୁଆ ପାଣି ପିଇ ଜୀବନ ବିତାନ୍ତି। ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ଅଛି କିନ୍ତୁ ଅଙ୍ଗନବାଡି କେନ୍ଦ୍ର ଟିଏ ମଧ ନାହିଁ କି ଆଶା ଦିଦି ମଧ ଦିଆଯାଇନଥିଲା। କୁନି କୁନି ୭୦ ରୁ ଉର୍ଦ୍ଧ ଶିଶୁ ଅଛନ୍ତି। ୩ ରୁ ୪ କି.ମି. ଦୂରକୁ ଗଲେ ଧରାକୋଟରେ ଏକ ଅଙ୍ଗନୱାଡି କେନ୍ଦ୍ର ଅଛି। ସେହି କେନ୍ଦ୍ରକୁ କୁନି କୁନି ଶିଶୁମାନେ ଯାତାୟାତ କରନ୍ତି। ସବୁ ବେଳେ ଯିବା ସମ୍ଭବ ହେଇ ପାରୁନାହିଁ, କି କେନ୍ଦ୍ର ରୁ ଖାଦ୍ୟ ମଧ ଆଣି ଯିବା କଷ୍ଟକର ହେଉଛି। ଯାହା ଫଳରେ କୁନି କୁନି ଶିଶୁଙ୍କ ଭବିଷ୍ୟତ ଅନ୍ଧକାରରେ କଟୁଛି। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବା ଗ୍ରାମବାସୀ ମାନେ ଅଭିଯୋଗ କରୁଛନ୍ତି। ଉକ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ କୋଟଗଡ ବ୍ଲକ ଘେରାଉ କରିବୁ ବୋଲି ଚେତାବନୀ ଦେଇଛନ୍ତି। ୱାର୍ଡ ମେମ୍ବର ବିଜୟ ବଡ଼ ନାୟକ, ଉଗ୍ରେସନ ବସ୍ତି ରାୟ, ନାର୍ଦ୍ଧନ ବସ୍ତି ରାୟ, ଗଜ ପାରାସେଟ, ମିଛ ପତି ସାନସେଟ, ମର୍ଚ୍ଚ ଫୁଲ ପାଲଟା ସିଂ, ବିରଂଚି ପରାସେଟ, ହରିଚନ୍ଦ୍ର ବଡ଼ ନାୟକ, ବାଲେଶ୍ୱ ମାଝୀଆ ସେଟ, ନାରାୟଣ ସାନସେଟ, ଦିଲୀପ ବସ୍ତି ରାୟ, ବାବୁଲା ବଡ଼ ନାୟକ ଇକୁଡୁ ଦେଶୀ ନାୟକ, ନକୁଳ ସାନସେଟ, ସୁରଜ ବଡ଼ ନାୟକ, ରାହୁଲ ଉଠାଣ ସିଂ, କନେଇ ପାରାସେଟାମଲ ପ୍ରମୁଖ ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ହେଲା ମହୁରିର ଶାରଦୀୟ ବିଶେଷାଙ୍କ



ଭବାନୀପାଟଣା, ୦୨/୧୦ (ନି.ପ୍ର): ଓଡ଼ିଆ ସାହିତ୍ୟ ଜଗତରେ ଚର୍ଚ୍ଚିତ ସାହିତ୍ୟ ପତ୍ରିକା କଳାହାଣ୍ଡି କବିତା ଆନ୍ଦୋଳନର ଶାଶ୍ୱତ ସ୍ୱନ୍ଦନ 'ମହୁରି' ଏ ବର୍ଷର ଶାରଦୀୟ ବିଶେଷାଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଭବାନୀପାଟଣାରୁ ନିୟମିତ ପ୍ରକାଶ ପାଉଥିବା ଏହି ସମ୍ଭ୍ରାନ୍ତ ପତ୍ରିକା ଆଜି ରାଜଧାନୀ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀ ନିବାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମହୁରିର ମୁଖ୍ୟ ସମ୍ପାଦକ ଡ. ଭବାନୀ ଶଙ୍କର ନିଆଲ, ସମ୍ପାଦକ ସୁକାନ୍ତ ସାହୁ ଉପସ୍ଥିତ ଥିଲେ। ଗତ ୨୦୦୮ ମସିହାରେ ଆତ୍ମପ୍ରକାଶ କରିଥିବା ମହୁରି ଓଡ଼ିଆ ସାହିତ୍ୟ ଜଗତରେ ଏକ ଆଲୋଡନ ସୃଷ୍ଟି କରିଆସିଛି। ସାହିତ୍ୟ ସହିତ ଓଡ଼ିଆ ଅସ୍ମିତା ରକ୍ଷା କରିବାରେ ମହୁରି ବେଶ ଉଦ୍ୟମ କରିଆସିଛି। ଆଜି ମହୁରି ଏକ ସାହିତ୍ୟ ଆନ୍ଦୋଳନ ରୂପରେ ଉଭା ହୋଇଥିବାବେଳେ ବିଭିନ୍ନ ବର୍ଗର କବି, ଲେଖକ, ପାଠକ, ବୁଦ୍ଧିଜୀବୀଙ୍କ ପାଇଁ ନୂଆ ନୂଆ ସୁଯୋଗ ଓ ନୂତନ ଆହ୍ୱାନ ସୃଷ୍ଟି କରିଛି। ଆଜିର ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଳାହାଣ୍ଡି ମାଟି ତଥା ଓଡ଼ିଆ ସାହିତ୍ୟକୁ ବୁଦ୍ଧିମନ୍ତ କରିବାରେ ମହୁରି ଅଗ୍ରଣୀ ଭୂମିକା ନିର୍ବାହ କରୁଛି ବୋଲି କହିବା ସହିତ ତାଙ୍କ ସରକାର ଓଡ଼ିଆ ଅସ୍ମିତା ରକ୍ଷା କରିବା ଦିଗରେ ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ଷୋହଳ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା ମହୁରିର ଏହି ସଂଖ୍ୟାରେ ଦୁଇଶହରୁ ଅଧିକ ଲେଖକଙ୍କ ଲେଖା ସ୍ଥାନ ପାଇଛି। ଏବଂ ଏହା ପାଠକ ମହଲରେ ବେଶ ଆଦୃତ ହେବ ବୋଲି ମହୁରିର ସମ୍ପାଦକ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ବାଲାଜୀ କଲେଜ ଅଫ୍ ନର୍ସିଂରେ ବିଶ୍ୱ ମାନସିକ ସପ୍ତାହ ପାଳନ

ବଲାଙ୍ଗିର, ୦୨/୧୦ (ନି.ପ୍ର): ପୁଇଁନ୍ତଲା ବାଲାଜୀ କଲେଜ ଅଫ୍ ନର୍ସିଂରେ ବିଶ୍ୱ ମାନସିକ ସପ୍ତାହ ପାଳନ ହୋଇଯାଇଅଛି। ବାଲାଜୀ କଲେଜ ଅଫ୍ ନର୍ସିଂର ବିଭାଗୀୟ ମୁଖ୍ୟ ଦେବାଶିଷ ପାଣ୍ଡିଆଙ୍କ ସଂଯୋଜନାରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା. ଶୁଖିଶ୍ୟାମ ତ୍ରିପାଠି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କଲେଜର ନିର୍ଦ୍ଦେଶକ ଅଭିଳାସ ଅଗ୍ରୱାଲ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ନର୍ସିଂ ଛାତ୍ର ଛାତ୍ରିମାନଙ୍କ ଦ୍ୱାରା ମାନସିକ ରୋଗ ଉପରେ ବିତର୍କ ପ୍ରତିଯୋଗିତା ରଖାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ଉମା ମଲ୍ଲିକା ସାହୁ ପ୍ରଥମ ସ୍ଥାନରେ ଥିବା ବେଳେ, ଦ୍ୱିତୀୟରେ ପ୍ରିତିମୟି ସାହୁ ଏବଂ ତୃତୀୟରେ ମୋନିକା କୁମ୍ଭାର ରହିଥିଲେ ଏବଂ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ବିଭାଗୀୟ ଦାୟିତ୍ୱରେ ଥିବା ମଳୟ କୁମାର ନାଗ, ସବ୍ୟସାଚି ସିଂ, ସୁବୋଧ ବିଶ୍ୱାଳ ତୁଳାଇ ଥିବା ବେଳେ କଲେଜ ଅଫ୍ ନର୍ସିଂର ଅଧାପିକା ଜ୍ୟୋତିର୍ମୟୀ ଶତପଥି, ଜ୍ୟୋତିର୍ମୟୀ ପଟ୍ଟନାୟକ, ସୁଶ୍ରି ସୁଜାତା ଦାସ, ପ୍ରଗତିରାଣୀ ଛାତ୍ରିଆ ଓ ଅଧାପକ ମନୋରଞ୍ଜନ ପୁରୋହିତ ସହଯୋଗ କରିଥିଲେ।

# କୋଇଲା ଗାଡିରେ ନିଆଁ ଲଗାଇଲେ ନକ୍ସଲ

ହଜାରିବାଗ, ୦୨/୧୦ (ନି.ପ୍ର): ଜିଲ୍ଲାର କେରେଡାରୀରେ ପୁଣି ଥରେ ନକ୍ସଲମାନେ ଅଗ୍ନିକାଣ୍ଡ ଏବଂ ଗୁଳିକାଣ୍ଡ ଘଟାଇଛନ୍ତି। ନକ୍ସଲମାନେ ଏନଟିପିସିର କେରେଡାରୀ ଏବଂ ଚଟ୍ଟୀବରିୟାତୁ କୋଇଲା ପ୍ରକଳ୍ପରୁ କୋଇଲା ପରିବହନରେ ନିୟୋଜିତ ପାଂଚ ଜଣ ହାଇୱା ଗାଡି ଡ୍ରାଇଭରଙ୍କୁ ମାଡ ମାରି ଗାଡିରେ ନିଆଁ ଲଗାଇ ଦେଇଛନ୍ତି। ଅଗ୍ନିକାଣ୍ଡ ଘଟଣାରେ ପାଂଚଟି ।ନର କ୍ୟାବିନ ଏବଂ ଇଞ୍ଜିନ ପୋଡି ପାଉଁଶ ହୋଇଯାଇଛି। ଏହା ବ୍ୟତୀତ ନକ୍ସଲମାନେ ଭୟ ସୃଷ୍ଟି କରିବା ପାଇଁ ଏକ ଗାଡି ଉପରକୁ ଦୁଇ ରାଉଣ୍ଡ ଏବଂ ତିନି ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଗାଡି କେରେଡାରୀର ପେଟୋ ପଂଚାୟତ ସମିତିର ସଦସ୍ୟ ଅରବିନ୍ଦଙ୍କର ହୋଇଥିବାବେଳେ ଅନ୍ୟ ଚାରୋଟି ଗାଡି ହଜାରିବାଗରୁ ବୋଲି କୁହାଯାଉଛି। ଘଟଣାଟି ଗତ ସୋମବାର ବିଳମ୍ବିତ ରାତିରେ ଘଟିଥିଲା। ଘଟଣା ସମ୍ପର୍କରେ କୁହାଯାଇଛି ଯେ ପାଂଚଟି ଗାଡି କୋଇଲା ଲୋଡ କରିବା ପାଇଁ ମାଇନ୍ସ ଯିବାକୁ ଷ୍ଟାଫ ହୋଟେଲ ନିକଟରେ ପାର୍କିଂ କରାଯାଇଥିଲା। ଏହି ସମୟରେ ନକ୍ସଲମାନେ ଆତଙ୍କ ବିସ୍ତାର କରିବା ପାଇଁ ପାର୍କିଂ ହୋଇଥିବା ପାଂଚଟି ଗାଡିକୁ ନିଆଁ ଲଗାଇ ଦେଇଥିଲେ। ଘଟଣାର ସୁଚନା ମିଳିବା ପରେ କେରେଡାରୀ ଥାନା ଦାୟିତ୍ୱରେ ଥିବା ଅଜିତ କୁମାର ଦଳ ତାଙ୍କ ଟିମ ସହ ଘଟଣାସ୍ଥଳରେ ପହଁଚିଥିଲେ।

# ଶିକ୍ଷକଙ୍କ ଅନ୍ୟତ୍ର ବଦଳି ପ୍ରତିବାଦ ଓ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକଙ୍କ ବିକ୍ଷୋଭ

କନ୍ଧମାଳ, ୦୨/୧୦ (ନି.ପ୍ର): ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି ଓ କେଉଁଠି ଶିକ୍ଷକ ଅଭାବ ପାଇଁ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ତ ଆଉ କେଉଁଠି ଭିତିଭୂମିର ଅଭାବ ପାଇଁ ପାଠ ପଢିବା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଓ ଏଭଳି ଏକ ଅବହେଳିତ ବିଦ୍ୟାଳୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ରତଙ୍ଗ ପଂଚାୟତର ସେସ୍କାଯୋଡି ଗାଁ ରେ ଓ ସୂଚନା ଅନୁସାରେ, ଏହି ସେସ୍କାଯୋଡି ଗାଁ ରେ ରହିଛି ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ଶହେ ଶଯ୍ୟା ବିଶିଷ୍ଟ ଆବାସିକ ଆଶ୍ରମ ବିଦ୍ୟାଳୟ ଓ ବିଦ୍ୟାଳୟଟି ବହୁପୁରାତନ ହୋଇଥିବା ବେଳେ ବର୍ତ୍ତମାନ ଏହି ବିଦ୍ୟାଳୟ ପାଇଁ ଶିକ୍ଷକ ଅଭାବ ଏକ ପ୍ରମୁଖ କାରଣ ସାଜିଛି ଓ ବିଦ୍ୟାଳୟରେ ହଷ୍ଟେଲ ଛାତ୍ରଛାତ୍ରୀଙ୍କୁ ମିଶାଇ ପ୍ରାୟ ଶହେ ଜଣ ଛାତ୍ର ଛାତ୍ରୀ ପାଠପଢୁଥିବା ବେଳେ ପ୍ରଥମରୁ ପଂଚମ ଶ୍ରେଣୀ ଯାଏ ରହିଛି ଏବଂ ଏହି ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢେଇବା ପାଇଁ ପ୍ରଧାନ ଶିକ୍ଷକଙ୍କ ସହ ତିନିଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ଓ ତେବେ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ରମେଶ୍ୱର କହଁର ବିଭିନ୍ନ ସମସ୍ୟା ରହିଥିବା ଦର୍ଶାଇ ଅଧିକାଂଶ ସମୟ ବିନା ଛୁଟିରେ ବିଦ୍ୟାଳୟରେ ଅନୁପସ୍ଥିତି ରହୁଥିବା ବେଳେ ଅନ୍ୟ ଦୁଇ ଜଣ ଶିକ୍ଷକରେ ବିଦ୍ୟାଳୟଟି ଚାଲିଥିଲା ଓ କିଛିଦିନ ହେଲା ଏହି ଦୁଇ ଶିକ୍ଷକଙ୍କ ମଧ୍ୟରୁ ଅନୁପ ବେହେରା ନାମକ ଜଣେ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ବର୍ତ୍ତମାନ ଜଣେ ମାତ୍ର ଶିକ୍ଷୟିତ୍ରୀ ବିଦ୍ୟାଳୟରେ ପାଠ ପଢ଼ାଇବା ସହ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ମଧ ରହିଛନ୍ତି ଓ ବର୍ତ୍ତମାନ ବିଦ୍ୟାଳୟରେ ପାଠପଢା ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଏହାକୁ ନେଇ ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ମାନଙ୍କ ମାଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ଓ ଦୁଇ ଶିକ୍ଷକ ମଧ୍ୟରୁ ଯେଉଁ ଶିକ୍ଷକଙ୍କୁ ବଦଳି କରାଯାଇଛି ତାକୁ ବିରୋଧ କରିଛନ୍ତି ଅଭିଭାବକ ଓ ଗ୍ରାମବାସୀ ଓ ଅନ୍ୟତ୍ର ବଦଳି ହୋଇଥିବା ଅନୁପ ବେହେରା ନାମକ ଏହି ଶିକ୍ଷକ ଜଣକ ବିଦ୍ୟାଳୟରେ ସର୍ବଦା ଉପସ୍ଥିତ ରହିବା ସହ ଛାତ୍ରଛାତ୍ରୀ ମାନଙ୍କୁ ପାଠ ମଧ ଠିକ ପଢ଼ାଉଥିବା ଅଭିଭାବକ ମାନେ ମତ ଦେଇଛନ୍ତି ଓ ଜଣେ ଭଲ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବା ଘଟଣାକୁ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନେ ଘୋର ବିରୋଧ କରିବା ସହ ବାଧହୋଇ ଶିକ୍ଷକଙ୍କ ବଦଳି ବାତିଲ ସହ ବିଦ୍ୟାଳୟରେ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ଫାଟକରେ ବିକ୍ଷୋଭ କରିବା ସହ ପ୍ରତିବାଦ କରିଥିଲେ ଓ ପରେ ଫିରିଙ୍ଗିଆ ବ୍ଲକ ଦାୟିତ୍ୱରେ ଥିବା ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଇପ୍ସିତା ଜେନା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିପିନ ଭୁକ୍ତା ଙ୍କ ଆଲୋଚନା ପରେ ଅଭିଭାବକ ମାନେ ବିକ୍ଷୋଭ ପ୍ରଦର୍ଶନ ସ୍ଥଗିତ କରିଥିଲେ ଓ ସେପଟେ ଆଗାମୀ କିଛିଦିନ ମଧରେ ଏହି ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କିମ୍ବା ବଦଳି ହୋଇଥିବା ଶିକ୍ଷକଙ୍କୁ ପୁନଃ ଅବସ୍ଥାପିତ କରାନଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ପରିଚାଳନା କମିଟି ସଭାପତି ବିପିନ ଭୁକ୍ତା, କମିଟିର ସଦସ୍ୟ ପ୍ରଦୀପ ସାହାଣୀ, ପ୍ରଭାତ କୁମାର ଭୁକ୍ତା ସାଇନ୍ଦ୍ରି ସାହାଣୀ, ସଚ୍ଚିଦାନନ୍ଦ ଭୁକ୍ତା, ଗୋଲାପୀ ମଳିକ,ଗାଁ ର ୱାର୍ଡ ସଭ୍ୟ ଅନାମ ଚନ୍ଦ୍ର ମଳିକ, ପୂର୍ବତନ ସମିତି ସଭ୍ୟ ପ୍ରକାଶ ନାଏକ ଙ୍କ ସହ ସମସ୍ତ ଅଭିଭାବକ, ଅନ୍ୟ କମିଟି ସଦସ୍ୟ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଓ ସେପଟେ ଘଟଣା ବିଷୟରେ ଫିରିଙ୍ଗିଆ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ଇପ୍ସିତା ଜେନାଙ୍କୁ ପଚାରିବାରୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇଛି ଓ ଖୁବଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଛନ୍ତି।

# ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ଗାନ୍ଧୀଜି ଓ ଶାସ୍ତ୍ରୀଙ୍କ ଜନ୍ମ ଜୟନ୍ତୀ ପାଳିତ



ଜଳେଶ୍ୱର ୨/୧୦(ନୀପ୍ର) ସତ୍ୟ, ନ୍ୟାୟ, ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୧୫୫ ତମ ଏବଂ ନିଷ୍ଠା ନ୍ୟାୟ ଓ ଆଦର୍ଶର ପ୍ରଧାନ ମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଙ୍କର ଜନ୍ମ ଜୟନ୍ତୀ ସାନ୍ତିଆ ସ୍ଥିତ ଗାନ୍ଧୀ ସେବାଶ୍ରମରେ ମିଳିତ ନିଶାନିବାରଣ ଅଭିଯାନ ପକ୍ଷରୁ ପୂର୍ବାହ୍ନ ୮ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତାର ୭୮ ବର୍ଷପରେ ଗାନ୍ଧୀଙ୍କର ସପ୍ନର ଭାରତ କେତେଦୂର ପୂରଣ ହୋଇଛି ତାହାକୁ ପର୍ଯ୍ୟାଲୋଚନା କରି ଗାନ୍ଧୀଙ୍କର ଦର୍ଶନ ଆଜିର ସମାଜ ପାଇଁ କେତେ ତାତ୍ପର୍ଯ୍ୟ ରହିଛି ତା'ଉପରେ ବକ୍ତା ମାନେ ଆଲୋଚନା କରିଥିଲେ। ଗାନ୍ଧୀଙ୍କର' ଈଶ୍ୱର ଆଲ୍ଲା ତେରେ ନାମ ସବକୋ ସମ୍ମତିଦେ ଭଗବାନ' ଆମ ଭିତରେ ହଜି ଯାଇ ଦେଶର ଏକତା ଏବଂ ଭାଇଚାରାକୁ ବିଭାଜିତ କରୁଛି। ଦେଶ ସ୍ୱାଧିନ ହେବାର ୨୪ଘଣ୍ଟା ମଧ୍ୟରେ ସମଗ୍ର ଦେଶରୁ ନିଶା ବନ୍ଦ ହେଉ ବୋଲି ଗାନ୍ଧୀ ଡାକରା ଦେଇଥିଲେ ମାତ୍ର ଆଜି ପ୍ରତି ଗଳିକନ୍ଦିରେ ନିଶାର ପ୍ରସାର ବଢ଼ିବଢ଼ି ଚାଲିଛି। ନିଶା ଦ୍ୱାରା ଆସକ୍ତ ହୋଇ କୋମଳମତି ଛାତ୍ରଛାତ୍ରୀ ଓ ଯୁବପିଢ଼ି ନିଜର ଭବିଷ୍ୟତକୁ ଅନ୍ଧାର କରିବା ସଙ୍ଗେ ସଙ୍ଗେ ସମଗ୍ର ଦେଶ ଏକ ଅନ୍ଧକାର ଗହ୍ୱର ମଧ୍ୟକୁ ଠେଲିହୋଇ ଯାଉଛି। ସମୁଦ୍ର ବେଳାଭୂମି ରୁ ସ୍କୁଲ୍, କଲେଜ ଗାଁ-ଗଣ୍ଡାରେ ସର୍ବତ୍ର ମଦର ବନ୍ୟା। ଏହା ପୁଣି ସରକାରଙ୍କ ପ୍ରୋତ୍ସାହନରେ ଚାଲିଛି। ଏଣୁ ସମାଜକୁ ନିଶାର କବଳରୁ ରକ୍ଷା କରିବା ପାଇଁ ଆମ୍ଭେମାନେ ନିଶାକୁ ବନ୍ଦ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ପ୍ରୟାସ ଜାରୀ ରଖିବାର ଆବଶ୍ୟକତା ରହିଛି। ପ୍ରଥମେ ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୁର୍ତ୍ତିରେ ମାଲ୍ୟାର୍ପଣା ପରେ ଏକ ଆଲୋଚନା ଚକ୍ରରେ ମିଳିତ ନିଶା ନିବାରଣ ଜଳେଶ୍ୱର ଶାଖା ର ସଭାପତି ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ସୀତାଂଶୁ ସେନାପତି, ଭାଗବତ ପରିଡ଼ା, କମଳ ଚକ୍ରବର୍ତ୍ତୀ, ଲଳିତ ରଞ୍ଜନ ସେନାପତି, ଶ୍ୟାମା ଚରଣ ଦାସ , ଶ୍ରୀମନ୍ତ ଘୋଷ, ଆଶୋକ କୁମାର ଜେନା,ପ୍ରଦୀପ ସିଂ, ସୁନିଲ ଗିରି, ଭାସ୍କର ମିଶ୍ର, କାର୍ତ୍ତିକ ଗିରି, ଅଶୋକ ଦାସ, ଜ୍ୟୋତିଷ ଚନ୍ଦ୍ର କର ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ। ପରି ଶେଷରେ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରି ଥିଲେ।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପ୍ରୟାସରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ମାଲକାନଗିରି, ୦୨/୧୦ (ନି.ପ୍ର): ଆଜି ମାଲକାନଗିରି ଜିଲ୍ଲାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଓ ଆଂଚଳିକ ନିର୍ଦ୍ଦେଶକ, ଜାତୀୟ ସମାଜ ସେବାସଂସ୍ଥା, ଭୁବନେଶ୍ୱରର ମିଳିତ ପ୍ରୟାସ କ୍ରମେ ' ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମର ଆରମ୍ଭରେ ପିଲାମାନଙ୍କ ଦ୍ୱାରା ଏକ ରାଲି କରାଯାଇ ସ୍ୱଛତା, ସ୍ୱାସ୍ଥ୍ୟ ସଚେତନତା ସଂପର୍କରେ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ମହାବିଦ୍ୟାଳୟର ଅଧକ୍ଷ ଡ. ଆଲୋକ କୁମାର ପାତ୍ରଙ୍କ ନେତୃତ୍ୱରେ ପ୍ରାୟ ଦୁଇ ଶହ ଛାତ୍ରଛାତ୍ରୀଙ୍କ ସହିତ କଲେଜର ସମାଜସେବା ଅଧିକାରୀ ଡ଼ଃ. ଦେବାଶିଷ ପାହି, ଯୁବ ରେଡକ୍ରସ୍ ସୋସାଇଟିର ଅଧିକାରୀ ଡ. ନାଇଜେଲ୍ ପିଟର୍ ଓବ୍ରିନ୍ଏ, ଅଧାପକ ଗୁରୁପ୍ରସାଦ ଲେଙ୍କା, ସତ୍ୟ ନାରାୟଣ ସାହୁ ଏ ବଂ ଅନ୍ୟାନ୍ୟ ଅଧାପକ ଅଧାପିକାଙ୍କ ପ୍ରତ୍ୟକ୍ଷ ସହଯୋଗ କ୍ରମେ ଏମ୍.ଭି-୩ର ଗାଁ, ପ୍ରାଥମିକ ବିଦ୍ୟାଳୟ, ବସଷ୍ଟାଣ୍ଡ ଓ କଲେଜ ପରିସରରେ ସଫେଇ କାମ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ୧୫୫ ଗାନ୍ଧୀ ଜୟନ୍ତୀ ପାଳିତ



ବାଲେଶ୍ୱର, ୦୨/୧୦ (ନି.ପ୍ର): ଆଜି ବାଲେଶ୍ୱର ଜିଲ୍ଲା ସଦର ମହକୁମାସ୍ଥିତ ସହିଦ ପାର୍କ ଓ ନୂତନ କଲେକ୍ଟୋରେଟଠାରେ ଜିଲ୍ଲାସ୍ତରୀୟ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ୧୫୫ ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଶହୀଦ ପାର୍କ ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତିରେ ସକାଳ ୮ ଘଟିକା ୩୦ ମିନିଟ୍ ସମୟରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହା ପରେ ନୂତନ କଲେକ୍ଟୋରେଟ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ ଦତ୍ତ ଯୋଗ ଦେଇଥିଲେ ଓ ଏଥିସହିତ ବରଣ୍ୟେ ଅତିଥି ଭାବେ ଜିଲ୍ଲା ପରିଷଦର ମାନ୍ୟବର ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଗାନ୍ଧୀଜୀଙ୍କ ନୂତନ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯିବା ସହିତ ଉପସ୍ଥିତ ଅତିଥିମାନେ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିବା ସହ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ବିକାଶ ସଭା ଆରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆମେ ନିଜ ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣିପାରିଲେ ଦେଶର ବିକାଶ ସାଧିତ ହେବା ସହ ଗାନ୍ଧିଜୀଙ୍କ ପ୍ରତି ତାହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସବୁ ବାଧାବିଘ୍ନ ସତ୍ତ୍ୱେ କିଭଳି ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରିଥିଲେ ଏବଂ ନିଜର ନୈତିକତା ଓ ଆଦର୍ଶ ପାଇଁ ଶାନ୍ତିର ଦୂତ ଭାବେ ପରିଚିତି ଲାଭ କରିପାରିଥିଲେ ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଆଲୋଚକ ଶ୍ରୀ ପ୍ରଶାନ୍ତ ଦାସ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୀବନୀ ଓ ବିଚାର ସମ୍ପର୍କରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଚାରିଗାଁ ସଂସ୍କୃତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ମନ୍ମଥ କୁମାର ମିଶ୍ର ଗୀତା ପାଠ କରିଥିବା ବେଳେ ବାଲେଶ୍ୱର ଜିଲ୍ଲା ସ୍କୁଲର ମଷ୍ଟର ଅଲ୍ଲୀ ଖାଁ କୋରାନ ପାଠ କରିଥିଲେ। ଖ୍ରୀଷ୍ଟିଆନ ଉଚ୍ଚ ବିଦ୍ୟାଳୟର ଶ୍ରୀ ସଂଗ୍ରାମ କିଶୋର ସିଂ ବାଇବେଲ ପାଠ କରିଥିଲେ। ନୃତ୍ୟସଙ୍ଗୀତ କଳାମନ୍ଦିରର କଳାକାରବୃନ୍ଦ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ପରିବେଷଣ କରିଥିଲେ। ପୂର୍ବରୁ ବିଭିନ୍ନ ବର୍ଗରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ଛାତ୍ର-ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏଥି ସହିତ ସ୍ୱଚ୍ଛତା ହିଁ ସେବା ଅଭିଯାନ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କୃତି ପ୍ରତିଯୋଗୀ ଓ ପଞ୍ଚାୟତ ସମିତିଙ୍କୁ ମଧ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଜ୍ଲିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ଓ ସଭା ଶେଷରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ଆୟୋଜିତ ହୋଇଥିବା ପ୍ରଦର୍ଶନୀକୁ ଅତିଥିମାନେ ପରିଦର୍ଶନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଠାରେ ପ୍ରକାଶ କି ପ୍ରାତଃ ୪ଘଟିକା ୩୦ମିନିଟ୍ ସମୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସହର ମଧରେ ରାମଧୂନ ପରିବେଷଣ କରାଯାଇଥିଲା।

# ଜଳେଶ୍ୱର କଂଗ୍ରେସ ଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ



ଜଳେଶ୍ୱର , ୦୨/୧୦ (ନି.ପ୍ର): ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ଜଳେଶ୍ୱର କଂଗ୍ରେସ ତରଫରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମଜୟନ୍ତୀ ସ୍ଥାନୀୟ ପୁରୁଣା କୋର୍ଟ ନିକଟରେ ପାଳନ କରାଗଲା। ଉକ୍ତ କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀଙ୍କ ଫୋଟୋ ଚିତ୍ର ରେ ମାଲ୍ୟାର୍ପଣ ପରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ , ରାଜୀବ କୁମାର ପରିଡା, ଗିରିଜା ଶଙ୍କର ଦାସ, ସୁଦାମ ପାତ୍ର, ସବ୍ୟସାଚୀ ଦାସ, ପ୍ରଦୀପ ପ୍ରଧାନ, ଆଶିଷ ଘୋଷ, ସରୋଜ ଦାସ,ଭଗବାନ ଜେନା, ଶ୍ରୀକାନ୍ତ ସିଂ, ଦୀପକ ଜେନା, ସୁଦର୍ଶନ ବେହେରା ଏବଂ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସ୍ମୃତିସଭା ପରେ ଗାନ୍ଧୀ ସେବାଶ୍ରମ ରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା।

# ପାରାଦୀପ ନଗର ବିଜେଡିର ଜନସମ୍ପର୍କ ପଦଯାତ୍ରା



ପାରାଦୀପ, ୦୨/୧୦ (ନି.ପ୍ର): ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ଆଜି ଜନସମ୍ପର୍କ ପଦଯାତ୍ରା ର ଶୁଭାରମ୍ଭ କରାଯାଇଛି।ସକାଳେ ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳଙ୍କ ଆହ୍ୱାନରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇ ବୃନ୍ଦାବନ କଲୋନୀ ଶିବ ମନ୍ଦିରଠାରେ ଶେଷ ହୋଇଥିଲା। ଶିବ ମନ୍ଦିରଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ ନଗର ବିଜେଡି ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ ପୌରହିତ୍ୟ କରିଥିଲା ବେଳେ ଜିଲ୍ଲା ସମ୍ପାଦକ ଉଲ୍ଲାସ ଚନ୍ଦ୍ର ବିଶ୍ୱାଳ, ନଗର ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ଜିଲ୍ଲା ସମ୍ପାଦକ ମନୋଜ କୁମାର ବେହେରା, ପାରିଷଦ ଅଜିତ କୁମାର ଷଡଙ୍ଗୀ, ଗୋଲକ ବିହାରୀ ସାହୁ, ନାରୀ ନେତ୍ରୀ ଚପଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ନବୀନ ସରକାରଙ୍କ ୨୪ ବର୍ଷର ଲୋକାଭୀମୁଖୀ କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ପାରାଦୀପର ବିଭିନ୍ନ ଅଂଚଳମାନଙ୍କରେ ଜନସମ୍ପର୍କ ପଦଯାତ୍ରା କରାଯାଇ ଲୋକମାନଙ୍କ ସହିତ ଯୋଡି ହେବାର କାର୍ଯ୍ୟକ୍ରମ ସହିତ ସଦସ୍ୟତା ଅଭିଯାନ କାର୍ଯ୍ୟ କରାଯିବ ବୋଲି ନଗର ସଭାପତି ଶ୍ରୀ ବିଶ୍ୱାଳ କହିଥିଲେ।

# ଆନ୍ତର୍ଜାତିକ ଅହିଂସା ଦିବସ ତଥା ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା କଂଗ୍ରେସର ପଦଯାତ୍ରା ଶାସଙ୍ଗରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାଲେଶ୍ୱର, ୦୨/୧୦ (ନି.ପ୍ର): ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ କୁ ଆନ୍ତର୍ଜାତିକ ଅହିଂସା ଦିବସ ରୂପେ ସାରା ବିଶ୍ୱ ପାଳୁଥିବା ବେଳେ।ଆଜି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ,ରେମୁଣା ନିର୍ବାଚନ ମଣ୍ଡଳୀ ଶାସଙ୍ଗ ଗ୍ରାମରେ ଶାସଙ୍ଗ ଗ୍ରାମର ନେତା,ସମାଜ ସେବୀ ତଥା ବାଲେଶ୍ୱର ଜିଲ୍ଲା କଂଗ୍ରେସ ଗଣମାଧମ ଓ ଯୋଗାଯୋଗ ବିଭାଗର ପୂର୍ବତନ ଜିଲ୍ଲା ଅଧ୍ୟକ୍ଷ ବିକାଶ କୁମାର ଦାସ ଙ୍କ ପ୍ରଚେଷ୍ଟା ଓ ଶ୍ରୀ ଦାସ ଙ୍କ ହିତାକାଂକ୍ଷୀ ବନ୍ଧୁ ଙ୍କ ସହଯୋଗରେ ଜାତିର ପିତା ମହାତ୍ମା ଗାନ୍ଧୀଜୀ ଙ୍କର ପ୍ରତିମୂର୍ତ୍ତି ଓଡିଶା ପ୍ରଦେଶ କଂଗ୍ରେସ ର ପୂର୍ବତନ ରାଜ୍ୟ ସଭାପତି ତଥା ପୂର୍ବତନ ଗୃହମନ୍ତ୍ରୀ ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ ଙ୍କ କର କମଳ ରେ ଉନ୍ମୋଚିତ ହୋଇଯାଇଅଛି। ଆଜି ସକାଳ ୮ ଟା ରେ ପ୍ରଥମେ ଜିଲ୍ଲା କଂଗ୍ରେସ



କାର୍ଯ୍ୟାଳୟ ରେ ଶ୍ରୀମାନ ହରିଚନ୍ଦନ,କଂଗ୍ରେସ ଜିଲ୍ଲା ସଭାପତି ସଞ୍ଜୀବ ଗିରି,ରେମୁଣା ର ପୂର୍ବତନ ବିଧାୟକ ସୁଦର୍ଶନ ଜେନା,ପିସିସି ମୁଖପାତ୍ର ଦେବାଶିଷ ଭୁଇଁୟା, ବରିଷ୍ଠ ନାରିନେତ୍ରୀ ତଥା ପିସିସି ପୂର୍ବତନ ସାଧାରଣ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦି,ନାରୀ ନେତ୍ରୀ ଉର୍ମିଳା ମାଝୀ,କୁମୁଦୁନି ବେହେରା, ଯୁବନେତା ସରୋଜ ଲେଙ୍କା, ପୂର୍ବତନ ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଗୌତମ ସାହୁ,ପ୍ରମୁଖ ଗାନ୍ଧିଜୀ ଓ ଲାଲବାହାଦୁର ଶାସ୍ତ୍ରୀ ଜୀ ଙ୍କ ଜନ୍ମଦିନ ଉପଲକ୍ଷେ ଉଭୟଙ୍କ ଫୋଟଚିତ୍ର ରେ ପୁଷ୍ପାଞ୍ଜଳି ଦେଇ ଓ ସହିଦପାର୍କରେ ଥିବା ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଦେବା ପରେ ସକାଳ ୯:୪୫ ମିନିଟ ସମୟରେ ଶାସଙ୍ଗ ଗ୍ରାମର ନାରାୟଣ ପ୍ରସାଦ ହାଇସ୍କୁଲ ଛକ ଠାରେ ପହଞ୍ଚି ଆନ୍ତର୍ଜାତିକ ଅହିଂସା ଦିବସ ଉପଲକ୍ଷେ ଜାତୀୟ କଂଗ୍ରେସ ତରଫରୁ ବହୁ ପଞ୍ଚାୟତ ଓ ବ୍ଲକ ରୁ ଆସିଥିବା ଗାନ୍ଧୀଙ୍କୁ ଭଲ ପାଉଥିବା ବ୍ୟକ୍ତି ଓ କର୍ମୀଙ୍କ ଗହଣରେ ଏକ ପଦଯାତ୍ରା ରେ ଯାଇ ଦ୍ୱାଦଶ ଶତାବ୍ଦୀରୁ ବିଜେ କରିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଆୟୋଜିତ ଗାନ୍ଧିଜୀ ଙ୍କ ନୂତନ ମୂର୍ତ୍ତି ଉନ୍ମୋଚନ ଉତ୍ସବରେ ପହଞ୍ଚି ଥିଲେ।ଓ ପ୍ରଥମେ ମନ୍ଦିରକୁ ଯାଇ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରି , ଶ୍ରୀମାନ ହରିଚନ୍ଦନ, ଶ୍ରୀମାନ ଗିରି, ଶ୍ରୀମାନ ଜେନା ଓ ଶାସଙ୍ଗ ର ଗାନ୍ଧିବାଦୀ ମଣିଷ ଶ୍ରୀଯୁକ୍ତ ବାରେନ୍ଦ୍ର ନାରାୟଣ ଦାସ ଗାନ୍ଧିଜୀଙ୍କ ମୂର୍ତ୍ତିକୁ ମିଳିତ ଉନ୍ମୋଚନ କରିଥିଲେ। ପରେ ଉପସ୍ଥିତ ଛାତ୍ର ଛାତ୍ରୀ, ମହିଳା, ଯୁବକ, ବରିଷ୍ଠ ନାଗରିକ ଓ ସମସ୍ତ ବର୍ଗର ବ୍ୟକ୍ତି ମାନେ ଗାନ୍ଧିଜୀ ଙ୍କୁ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନେହି ବେହେରା, ଜୁବୁଲି ପଣ୍ଡା, ରମେଶ ଦାସ, ମିଳନ ମଲ୍ଲିକ,ମଲ୍ଲିକ ଜଲାଲ, ଲକ୍ଷ୍ମୀନାରାୟନ ଜେନା, ପ୍ରଭାସ ଦାସ, ଗୋପୀନାଥ ଦାସ, ଯୁଗଳ ମୋହନ, ଲକ୍ଷ୍ମୀପ୍ରିୟା ଦାସ, ରଞ୍ଜିତା ବେହେରା, ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ନାରାୟଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଘନଉଛି ତୃତୀୟ ...

ଯଦି ଇସ୍ରାଏଲ ଏବଂ ଇରାନ ମଧ୍ୟରେ ସାମରିକ ବିବାଦ ବଢ଼ିଯାଏ ତେବେ ପାଶ୍ଚାତ୍ୟ ଦେଶ ମଧ୍ୟ ଏଥିରେ ସାମିଲ ହେବାର ସମ୍ଭାବନା ରହିଛି। ଇରାନର ସହଯୋଗୀ ରୁଷିଆ, ଉତ୍ତର କୋରିଆ ଏବଂ ଚୀନ୍ ମଧ୍ୟ ସାମ୍ପ୍ରତିକ ବିକାଶ ଉପରେ ନଜର ରଖିଛନ୍ତି। ୟୁକ୍ରେନରେ ମଧ୍ୟ ଏକ ବିବାଦ ଜାରି ରହିଛି। ରୁଷିଆ ବିରୁଦ୍ଧରେ ଲଢୁଥିବା ୟୁକ୍ରେନକୁ ପାଶ୍ଚାତ୍ୟର ସମର୍ଥନ ରହିଛି। ଏସବୁ ସ୍ଥିତି ତୃତୀୟ ବିଶ୍ୱଯୁଦ୍ଧର ଭୟକୁ ବୃଦ୍ଧି କରୁଛି। ବିଶେଷଜ୍ଞମାନଙ୍କ ଅନୁସାରେ ଏକ ଭିନ୍ନ ରୂପରେ ବିଶ୍ୱ ଏକ ବିଶ୍ୱଯୁଦ୍ଧରେ ଜଡିତ ହୋଇସାରିଛି। ଏହାକୁ 'ହାଇବ୍ରିଡ୍ ଯୁଦ୍ଧ' କୁହାଯାଉଛି। ଯାହା ପରଦା ପଛରେ ଲଢ଼ାଯାଉଛି। ଏଥିରେ ଗୁପ୍ତ ସାମରିକ କାର୍ଯ୍ୟ, ଅସ୍ଥିରତା ମିଶନ, ବିଚ୍ଛିନ୍ନତା, ନିର୍ବାଚନରେ ହସ୍ତକ୍ଷେପ ଏବଂ ହ୍ୟାକିଂ ଇତ୍ୟାଦି ଅନ୍ତର୍ଭୁକ୍ତ। ପଡୋଶୀ ଦେଶ ଉପରେ ଆକ୍ରମଣ କରିବା ପଛରେ ଇସ୍ରାଏଲର କାରଣ ହେଉଛି ଯେ ଏହା ନିଜକୁ ସୁରକ୍ଷିତ ରଖିବା ପାଇଁ ଏସବୁ କରୁଛି। ଦୀର୍ଘ ଦିନ ଧରି ଇସ୍ରାଏଲ ହମାସ ଏବଂ ହିଜବୁଲ୍ଲା ଦ୍ୱାରା ବିପଦ ଅନୁଭବ କରିଆସୁଥିଲା। ଏବେ ଇସ୍ରାଏଲ ସେମାନଙ୍କୁ ହଟାଇବାକୁ ଚାହୁଁଛି। ତେବେ ଏହି ଆକ୍ରମଣ ଲେବାନନ୍ ଏବଂ ପାଲେଷ୍ଟାଇନରେ ଏକ ଗୁରୁତର ଅର୍ଥନୈତିକ ଏବଂ ମାନବିକ ସଙ୍କଟ ସୃଷ୍ଟି କରୁଛି । ଏହାର ପ୍ରଭାବ କେବଳ ସମଗ୍ର ଅଞ୍ଚଳରେ ନୁହେଁ ବିଶ୍ୱସ୍ତରରେ ମଧ୍ୟ ଦେଖିବାକୁ ମିଳୁଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର । ସେ କହିଛନ୍ତି, ''ପୂର୍ବରୁ ବିବାଦକୁ ନେଇ ଭାରତ ଚିନ୍ତିତ ଥିବାବେଳେ ଏବେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତା ପୂର୍ଣ୍ଣ ଯୁଦ୍ଧରେ ପରିଣତ ହେବାର ଆଶଙ୍କା ରହିଛି।'' ମନ୍ତ୍ରୀ ଏହା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ଯେ କୌଣସି ବି ଦେଶ ଅନ୍ତର୍ଜାତୀୟ ମାନବିକ ନିୟମ ପାଳନ କରିବା ସହ ସାଧାରଣ ନାଗରିକଙ୍କ କ୍ଷତି ନକରିବା ଆବଶ୍ୟକ । କେବଳ ଲେବାନନରେ ଘଟିଥିବା ଘଟଣାକୁ ନେଇ ଚିନ୍ତିତ ନାହୁଁ । କେନ୍ଦ୍ରୀୟ ଇସ୍ରାଏଲ ସମେତ ସମସ୍ତ ପ୍ରମୁଖ ଅଞ୍ଚଳକୁ ଟାର୍ଗେଟ୍ କରି ଇରାନ କ୍ଷେପଣାସ୍ତ୍ର ମାଡ଼ ଜାରି ରଖିଛି । ଭାରତୀୟ ସମୟ ରାତି ୧୦ଟା ୨୦ରୁ ତୀବ୍ର ଆକ୍ରମଣ ଆରମ୍ଭ ହୋଇଛି ଏବଂ ମାତ୍ର ୧୦ ମିନିଟ୍ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ୪ ଶହ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ଇସ୍ରାଏଲର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅଧିକାଂଶ କ୍ଷେପଣାସ୍ତ୍ରକୁ ଅଟକାଇବାରେ ସକ୍ଷମ ହୋଇଥିଲେ ମଧ୍ୟ ଅନେକ ଟାର୍ଗେଟ୍‌ରେ ପହଞ୍ଚୁଥିବାରୁ ଭୟାନକ ସ୍ଥିତି ଉପୁଜିଛି । ସମସ୍ତ ନାଗରିକଙ୍କୁ ସୁରକ୍ଷିତ ଆଶ୍ରୟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

### ଜାନୁୟାରୀ ୨୮ରେ...

ଏଦିଗରେ ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଆଲୋଚନା କରାଯିବ । ଓଡ଼ିଶାରେ ପୁଞ୍ଜିଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକରାତ୍ମକ ଇକୋସିଷ୍ଟମ ସମ୍ବନ୍ଧରେ ସେ ଅବଗତ କରାଇବେ । ଏହି ନିବେଶକ ସମ୍ମିଳନୀରେ ତାଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେବେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦ୍ରୁତ ଶିଳ୍ପାୟନ ପଥରେ ଆଗେଇ ନେବା ପାଇଁ ପ୍ରଚେଷ୍ଟା ଜାରି ରହିବ । ଉତ୍କର୍ଷ ମାନେ ଏକ୍ସଲେନ୍ସ ଓ ଉତ୍କର୍ଷ ଓଡ଼ିଶା କନକ୍ଲେଭ ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଉତ୍କର୍ଷ ଆଣିଦେବ । ରାଜ୍ୟବାସୀଙ୍କ ପକ୍ଷରୁ ଏହି କାମର ଶୁଭାରମ୍ଭ କରିବାକୁ ଯାଉଛି ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ଲୋଡୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ସୂଚନାଯୋଗ୍ୟ, ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି । ବିଜେଡି ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା'ର ନାଁ ପରିବର୍ତ୍ତନ କରି ରାଜ୍ୟର ବିଜେପି ସରକାର ଏହାକୁ 'ଉତ୍କର୍ଷ ଓଡ଼ିଶା'ର ନାମକରଣ କରିଛନ୍ତି ।

### ବନ୍ଧା ହେଲେ ଦୁଇ...

ଟୁକୁନାଙ୍କ ଫ୍ଲାଟ୍‌କୁ ଯିବା ଆସିବା କରୁଥିଲେ। ତେଣୁ ତାଙ୍କୁ ସିକ୍ୟୁରିଟି ଗାର୍ଡ କେବେ ଅଟକାଉନଥିଲେ କି ପ୍ରଶ୍ନ କରୁନଥିଲେ। ଏହି ଯିବା ଆସିବା ଭିତରେ ଆପାର୍ଟମେଣ୍ଟରେ ଏକୁଟିଆ ରହୁଥିବା ବ୍ୟକ୍ତିଙ୍କ ଉପରେ ନଜର ପକାଉଥିଲେ ବିକାଶ ଓ ଜଗା। ଅଭିଯୋଗ ଅନୁସାରେ ଗତ ୨୯ ତାରିଖ ବିଳମ୍ବିତ ରାତିରେ ବିକାଶ ଓ ଜଗା ଆପାର୍ଟମେଣ୍ଟରେ ଏକୁଟିଆ ରହୁଥିବା ମହିଳାଙ୍କ ଘରକୁ ଯାଇଥିଲେ। ଆଉ ମହିଳାଙ୍କ ଘରୁ ଗୋଟିଏ ମୋବାଇଲ୍ ଚୋରି କରି ଆଣିଥିଲେ। ଖାଲି ମୋବାଇଲ୍ ଚୋରି କରିନଥିଲେ, ମହିଳାଙ୍କ ଘରର ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କରି ଆସିଥିଲେ। ଚୋରି ପରେ ବିକାଶ ଓ ଜଗା ଉଭୟ ଟୁକୁନାଙ୍କ ରୁମ୍‌କୁ ଆସିଥିଲେ। ଚୋରି ନେଇ ପୂରା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ୩୦ ତାରିଖରେ ରାତି ପ୍ରାୟ ୨ ହେବ। ମହିଳା ଜଣକ ନିଜ ଝିଅ ସହ ଘରେ ନିଘୋଡ଼ ନିଦରେ ଶୋଇ ପଡ଼ିଥିଲେ। ଠିକ୍ ସେହି ସମୟରେ ବିକାଶ ଓ ଜଗା ବାଲକୋନୀ ଗ୍ରୀଲ୍ ଦେଇ ଘରେ ପଶିଥିଲେ। ଆଉ ଘର ବାହାରେ ଆପାର୍ଟମେଣ୍ଟର ସିକ୍ୟୁରିଟି ଗାର୍ଡକୁ ଜଗି ରହିଥିଲେ ଟୁକୁନା। ପ୍ରଥମେ ସେମାନେ ମହିଳାଙ୍କୁ ପରିବା କଟା ଛୁରୀ ଦେଖାଇ ତାଙ୍କଠାରୁ ୨ଟି ମୋବାଇଲ ଓ ହଳେ କାନଫୁଲ ଚୋରି କରିଥିଲେ। ତା'ପରେ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ। ରାତିରେ ଜଣେ ପରେ ଜଣେ ଦୁଷ୍କର୍ମ କରିଥିଲେ। ଦୀର୍ଘ ୨ ଘଣ୍ଟାରୁ ଅଧିକ ସମୟ ଧରି ଉଭୟ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏଥିସହ ଘଟଣା ପ୍ରଘଟ କଲେ ଝିଅକୁ ହତ୍ୟା କରାଯିବ ବୋଲି ଧମକ ମଧ୍ୟ ଦେଇ ଆସିଥିଲେ। ରାତି ପାହିଲା ପରେ ପୀଡ଼ିତା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତାଙ୍କ ବୟାନ୍ ଆଧାରରେ କମିଶନରେଟ୍ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତାଙ୍କ ବୟାନ୍ ରେକର୍ଡ କରିବା ସହିତ ଦୁଷ୍କର୍ମ ହୋଇଥିବା ଘରେ ଯାଞ୍ଚ କରିଥିଲା। ଏଥିସହ ଗେଟ୍‌ରେ ଜଗି ରହିଥିବା ସିକ୍ୟୁରିଟି ଗାର୍ଡକୁ ଜେରା କରିଥିଲା। ଖାଲି ସେତିକି ନୁହେଁ, ଆପାର୍ଟମେଣ୍ଟରେ ରହୁଥିବା କିଛି ଲୋକଙ୍କୁ ମଧ୍ୟ ସନ୍ଦେହରେ ଜେରା କରିଥିଲା। ସେହି ସମୟରେ ଅଟୋ ଚାଳକ ଟୁକୁନା ସନ୍ଦେହ ଘେରକୁ ଆସିଥିଲେ। ତା'ପରେ ପୁଲିସ୍ ବିକାଶ ଓ ଜଗାଙ୍କୁ ଧରିବାରେ ସଫଳ ହୋଇଥିଲା। ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂଙ୍କ କହିବା ଅନୁସାରେ ବିକାଶ ଓ ଜଗା ହେଉଛନ୍ତି ପେସାଗତ ଅପରାଧୀ। ବିକାଶ ନାଁରେ ଚନ୍ଦ୍ରଶେଖରପୁର ଥାନାରେ ୭ଟି ମାମଲା ରହିଛି। ଆଉ ଜଗା ନାଁରେ ଚନ୍ଦ୍ରେଶେଖରପୁର ଓ ଭରତପୁର ଥାନାରେ ୬ଟି ମାମଲା ରହିଛି। ଏମାନେ ବହୁବାର ଜେଲ୍ ଯାଇଛନ୍ତି। ଆଉ ପରବର୍ତ୍ତୀ ସମୟରେ ଜେଲ୍‌ରୁ ବାହାରି ଅପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିଲେ। ଏଥର ବିକାଶ ଓ ଜଗାଙ୍କ ସମେତ ଟୁକୁନାଙ୍କ ନାଁରେ ୧୧୦ ଦଫାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ୍ କମିଶନର କହିଛନ୍ତି।

# ମୟୂରଭଞ୍ଜରେ ପାଳିତ ହେଲା ଜିଲ୍ଲାସ୍ତରୀୟ ୧୫୫ ତମ ଗାନ୍ଧୀ ଜୟନ୍ତୀ ଓ ୧୨୦ ତମ ଶାସ୍ତ୍ରୀ ଜୟନ୍ତୀ

ବାରିପଦା, ୦୨/୧୦ (ନି.ପ୍ର): ସତ୍ୟ ଓ ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜିଲ୍ଲା ସ୍ତରୀୟ ୧୫୫ତମ ଜୟନ୍ତୀ ଓ ଶାନ୍ତିର ଦୂତ ଲାଲ ବହାଦୁର ଶାସ୍ତ୍ରୀଙ୍କ ୧୨୦ ତମ ଜନ୍ମ ଜୟନ୍ତୀ ବୁଧବାର ଦିନ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବାରିପଦା ସହରସ୍ଥିତ ଗାନ୍ଧୀପାର୍କ ପରିସରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଉପ-ବିଭାଗ ଏବଂ ବାରିପଦା ପୌରପାଳିକାଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ, ସକାଳ ୪ଟା ରୁ ସୂଚନା ଲୋକସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ତତ ସହିତ ବିଭିନ୍ନ ସ୍କୁଲ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପ୍ରଥମେ ପ୍ରଭାତ ଫେରି ଏବଂ ପରେପରେ ଗାନ୍ଧୀ ଜୟନ୍ତୀ ସଚେତନତା ମୂଳକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ, ଶ୍ରୀମତୀ ମମତା ମହାନ୍ତ, ମାନ୍ୟବର ବିଧାୟକ, ବାରିପଦା ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସୋରେନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପାଳନୀୟ ଦିବସର କାର୍ଯ୍ୟକ୍ରମ କୁ ଜିଲ୍ଲାପାଳ ମୟୂରଭଞ୍ଜ ଶ୍ରୀଯୁକ୍ତ



ହେମକାନ୍ତ ସୟ. ଭା.ପ୍ର.ସେ. ସଂଚାଳନ କରିଥିଲେ ଏବଂ ସମସ୍ତ ଅତିଥିଙ୍କ ସହ ଗାନ୍ଧୀପାର୍କ ପରିସରରେ ଅବସ୍ଥାପିତ ପୂଜ୍ୟ ମହାତ୍ମାଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀ ଙ୍କ ପ୍ରତିମୂର୍ତ୍ତିରେ "ସାମୁହିକ ମାଲ୍ୟାର୍ପଣ" ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବ ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ସେହି ଠାରେ ଏକ "ସର୍ବଧର୍ମ ପ୍ରାର୍ଥନା ସଭା" ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ଧର୍ମ ପବିତ୍ର ଗ୍ରନ୍ଥ ଗୀତା, ଇସଲାମ ଧର୍ମର ପବିତ୍ର କୋରାନ, ଶିଖ ଧର୍ମ ପବିତ୍ର ଗୁରୁ ଗ୍ରନ୍ଥ ସାହେବ ଏବଂ ଖ୍ରୀଷ୍ଟ ଧର୍ମ ପବିତ୍ର ବାଇବେଲ ପାଠ କରା ଯାଇଥିଲା। ନିଜ ଅଭିଭାଷଣରେ ମାନ୍ୟବର ସାଂସଦ ଶ୍ରୀମତୀ ମହାନ୍ତ ଭାରତର ଶାନ୍ତି, ମୈତ୍ରୀ ଏବଂ ସାର୍ବଭୌମତ୍ୱ ପାଇଁ ଗାନ୍ଧିଜୀ ଏବଂ ଶାସ୍ତ୍ରୀଜୀଙ୍କ ଅବଦାନ ଏବଂ ସାମ୍ପ୍ରତିକ ଯୁଗରେ ତାଙ୍କ ଆଦର୍ଶର ମହନୀୟତା ବିଷୟରେ କହିଥିଲେ। ଏହି ଜିଲ୍ଲା ସ୍ତରୀୟ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ପାଇଁ ସ୍କୁଲ ଓ କଲେଜ ପିଲାଙ୍କ ମଧ୍ୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ, ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ଜିଲ୍ଲାପାଳ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ, ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ଶିକ୍ଷା ବିଭାଗର ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ଗାନ୍ଧୀବାଦୀ ସଂଗଠନର ସମସ୍ତ ବରିଷ୍ଠ ନାଗରିକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସନ୍ଧ୍ୟା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜନସାଧାରଣଙ୍କ ନିମନ୍ତେ ଗାନ୍ଧୀ ଆଦର୍ଶ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଯୋଗାଯୋଗ ଦେଇଥିବା ବେଳେ, ଆଞ୍ଚଳିକ ମହାବିଦ୍ୟାଳୟ ର ରାଜନୀତି ବିଜ୍ଞାନ ରିଡର ଡଃ ସନ୍ଦୀପ ଚାନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗାଯୋଗ ଦେଇଥିଲେ ଏବଂ ଗାନ୍ଧୀଙ୍କ ଆଦର୍ଶ ଏବଂ ଚିନ୍ତାଧାରା ବିଷୟରେ ଆଲୋଚନା କରିଥିଲେ। ଏହି ସମ୍ପୂର୍ଣ୍ଣ ଦିବସୀୟ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ସଂଯୋଜନା କରିଥିବା ବେଳେ, କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ପୋଲିସ, ସ୍ୱାସ୍ଥ୍ୟ ଏବଂ ଅଗ୍ନିଶମ ସେବା ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଏହି ପାଳନୀୟ ଦିବସ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

## ସମ୍ବାଦ ପରିବେଶଣ ପରର ଦୃଶ୍ୟ: ବିଦ୍ୟାଳୟରେ ନାମ ଲେଖାଇଲେ ଛିତା, ଲଦ, ଶଙ୍କରା ଓ ସିନିଗ

ଉଦଳା , ୦୨/୧୦ (ନି.ପ୍ର): ଆଧାର କାର୍ଡ଼ ନଥିବା ଯୋଗୁଁ ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ସାରବସା ଗ୍ରାମର ୪ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଇପାରିନଥିଲେ । ଉକ୍ତ ଘଟଣା ସମ୍ପର୍କରେ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସ୍ୱେଚ୍ଛାସେବି ରୁପାଏ ବାସ୍କେ ଓ ରାମଚନ୍ଦ୍ର ସିଂ ଗଣମାଧମ ପ୍ରତିନିଧି ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଖବରକାଗଜରେ ସମ୍ବାଦ ପରିବେଶିତ ହେବା ପରେ ଶିକ୍ଷା ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା । ଶେଷରେ ଗ୍ରାମ ନିକଟସ୍ଥ ଫୁଲବାଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ସୁନାରାମ ମାର୍ଣ୍ଡିଙ୍କର ୮ ବର୍ଷ ବୟସର କନ୍ୟା 'ଛିତା' ଓ ୭ ବର୍ଷ ବୟସର ପୁତ୍ର 'ଲଦ' ବିଦ୍ୟାଳୟରେ ନାମ ଲେଖାଇଲେ । ସେହିପରି ସମା ସିଂଙ୍କର ୭ ବର୍ଷ ବୟସର ପୁତ୍ର 'ଶଙ୍କରା', ଘାଷିରା ମାର୍ଣ୍ଡିଙ୍କର ୬ ବର୍ଷ ବୟସର କନ୍ୟା 'ସିନିଗ' ମଧ୍ୟ ବିଦ୍ୟାଳୟରେ ନାମ ଲେଖାଇଥିବାର ଖବର ମିଳିଛି । ଉକ୍ତ ଘଟଣାରେ ସାରବସା ଗ୍ରାମର ବାସିନ୍ଦା ଖୁସି ହୋଇ ସ୍ୱେଚ୍ଛାସେବି ରୁପାଏ ଓ ରାମଚନ୍ଦ୍ରଙ୍କ ସମେତ ଗଣମାଧମର ପ୍ରତିନିଧି ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶ ଥାଉକି ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିବା ସହ ବିଦ୍ୟାଳୟରେ ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତା ମୂଳକ ନୁହେଁ ବୋଲି କହିଛନ୍ତି ।

# ଡ୍ରିମ୍ସ ଆଇଡିଆଲ ସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, ୦୨/୧୦ (ନି.ପ୍ର): ଗାନ୍ଧୀ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଡ୍ରିମ୍ସ ଆଇଡିଆଲ ସ୍କୁଲ ତରଫରୁ ପିଲାମାନେ ଓ ବିଦ୍ୟାଳୟ ର କର୍ମଚାରୀମାନେ ସ୍କୁଲ ରୁ ଶୋଭାଯାତ୍ରାରେ ବାହାରି ସିନେମା ଛକ ସ୍ଥିତ ଶହୀଦ୍ ପାର୍କ ରେ ପହଞ୍ଚିଥିଲେ। ସେଠାରେ ଗାନ୍ଧୀଜୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ପିଲାମାନେ ଗାନ୍ଧୀ ଶାସ୍ତ୍ରୀ ଙ୍କ ସ୍ମରଣାର୍ଥେ ବିଭିନ୍ନ ସ୍ଲୋଗାନ



ମାନ ଦେଇଥିଲେ। ବିଦ୍ୟାପୀଠ ର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ ଏହାକୁ ପରିଚାଳନା କରିଥିଲେ। ବିଦ୍ୟାପୀଠର ସଭାପତି ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି, ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି, ରେହାନା ବେଗମ୍, ଆରତୀ ବାଳା ଦାସ, ଅନୀତା ରାଣୀ ଦାସ, ଅନ୍ନପୂର୍ଣ୍ଣା ମଲ୍ଲିକ, ଆଞ୍ଚଲ ପ୍ରିୟା ବେହେରା, ଗୀତିକା ପ୍ରଧାନ, ମୋନାଲିସା ପରିଡ଼ା, ମୋନାଲିସା ଚାନ୍ଦ, ମାମୁନି ମହାପାତ୍ର, ଉର୍ମିଳା ଗିରି, ଅନନ୍ୟାକାଗ ,ସରିଫୁଦ୍ଦିନ୍ ମହମ୍ମଦ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କବିତା ସିଂ, ଭଗବାନ ବେହେରା ପ୍ରମୁଖ କର୍ମଚାରୀ ଗଣ ଉକ୍ତ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ଯାଜପୁରରେ ବିଜେଡିର ତିନି ଗୋଷ୍ଠୀ ମଧ୍ୟରେ ପଦଯାତ୍ରା ପ୍ରତିଯୋଗିତା

ଯାଜପୁର, ୦୨/୧୦ (ନି.ପ୍ର): ଆଜି ହେଉଛି ଜାତୀର ଜନକ ମହାତ୍ମା ଗାନ୍ଧିଙ୍କ ଜୟନ୍ତୀ। ବାପୁଙ୍କର ପୁଣ୍ୟ ଜନ୍ମ ଦିବସକୁ ସାରା ଦେଶ ଧୁମ୍‌ଧାମ୍‌ରେ ପାଳୁଥିବା ବେଳେ ଯାଜପୁର ବିଜେଡିରେ ଦେଖିବାକୁ ମିଳିଛି ବିଚିତ୍ର ଚିତ୍ର। ଜନ ସମ୍ପର୍କ ପଦଯାତ୍ରା ନାଁରେ ନିଜ ପତିଆରା ଦେଖାଇବା ପାଇଁ ବିଜେଡିର ୩ ନେତା ଅଲଗା ଅଲଗା ଯାଇ ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପଦଯାତ୍ରା କରିଛନ୍ତି। ଆଉ ନିଜ ସମର୍ଥକଙ୍କ ମନୋବଳ ବଢ଼ାଇବା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ସତେ ଯେମିତି ଲାଗୁଛି ବିଜେଡି ଭିତରେ ପଦଯାତ୍ରା ପ୍ରତିଯୋଗିତା ଚାଲିଛି। ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଜୟନ୍ତୀରେ ବିଜେଡି ଆରମ୍ଭ କରିଛି ପଦଯାତ୍ରା। ତେଣୁ ଆଜି ସକାଳ ପ୍ରାୟ ୯ଟା ବେଳେ ବଡ଼ଚଣା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ ଓ ତାଙ୍କ ସମର୍ଥକ ବଇରୀରେ ପହଞ୍ଚିଥିଲେ। ପରେ ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତା'ପରେ ବିଶାଳ ଶୋଭାଯାତ୍ରାରେ ଚମ୍ପାପୁର ପର୍ଯ୍ୟନ୍ତ ପଦଯାତ୍ରାରେ ଯାଇଥିଲେ। ଶ୍ରୀ ଶତପଥୀଙ୍କ ପରେ ସକାଳ ପ୍ରାୟ ୧୦ଟା ବେଳେ ବଇରୀଠାରେ ପହଞ୍ଚିଥିଲେ ବିଜେଡି ବିଧାୟକ ପ୍ରାର୍ଥୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ସମର୍ଥକ। ବର୍ଷାଙ୍କ ସାଙ୍ଗରେ ଥିଲେ ବ୍ଲକ୍ ସଭାପତି ଅରବିନ୍ଦ ସାମଲ ଓ ବ୍ଲକ୍ ଅଧ୍ୟକ୍ଷା ମିନତୀ ସେନାପତି। ସମସ୍ତେ ବାପୁଙ୍କ ପ୍ରତିମୂର୍ତ୍ତି ଚାରି ପାର୍ଶ୍ୱରେ ସଫେଇ କରିଥିଲେ। ତା'ପରେ ବାପୁଙ୍କୁ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରି ଭାଷଣ ଦେଥିଲେ। ପରେ ପଦଯାତ୍ରାରେ ଚମ୍ପାପୁରକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ବଇରୀରେ ପହଞ୍ଚିଥିଲେ କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ଓ ତାଙ୍କ ସମର୍ଥକ। ତାଙ୍କ ସାଙ୍ଗରେ ଥିଲେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, କୋଡ଼ିଏ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଜୟଶ୍ରୀ ସେଠୀଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ। ସମସ୍ତେ ବାପୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତା'ପରେ ବିଶାଳ ଶୋଭାଯାତ୍ରାରେ ଚମ୍ପାପୁର ପର୍ଯ୍ୟନ୍ତ ଯାଇଥିଲେ। ଅଲଗା ଅଲଗା କାର୍ଯ୍ୟକ୍ରମ ଆୟୋଜନ ନେଇ ତିନି ନେତାଙ୍କୁ ପ୍ରଶ୍ନ ହୋଇଥିଲା। ହେଲେ ସମାନେ ପ୍ରଶ୍ନଠାରୁ ଦୂରେଇ ଯାଇଥିଲେ।

# ବାଲିଆପାଳରେ ବିଜେଡିର ଜନସଂପର୍କ ପଦଯାତ୍ରା

ଲଙ୍ଗଳେଶ୍ୱର,୦୨/୧୦ (ନିପ୍ର) ଓଡ଼ିଶାର ସ୍ୱାର୍ଥ ଏବଂ ସାଢେ ୪ କୋଟି ଓଡ଼ିଶାବାସୀଙ୍କ ହକ୍ ପାଇଁ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୬ ତାରିଖ ଯାଏଁ ବିଜୁ ଜନତା ଦଳର ପ୍ରଥମ ପର୍ଯ୍ୟାୟ ପଦଯାତ୍ରା ଆୟୋଜିତ ହୋଇଛି । ଏହି ପ୍ରରିପ୍ରେକ୍ଷୀରେ ଆଜି ବସ୍ତା ନିର୍ବାଚନମଣ୍ଡଳୀ ଅଧିନସ୍ଥ ବାଲିଆପାଳ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନସଂପର୍କ ପଦଯାତ୍ରା ଶୁଭାରମ୍ଭ ହୋଇଯାଇଛି । ଏହି ଜନ ସଂପର୍କ ପଦଯାତ୍ରା ଖଗଡାପାଳ ମହାଦେବ ମନ୍ଦିର ଠାରୁ ବାହାରି ଜାମକୁଣ୍ଡା ଛକ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା




ସୁବାସିନୀ ଜେନା ସାମିଲ ହୋଇ ମହାତ୍ମା ଗାନ୍ଧୀଙ୍କ ଅହିଂସା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ତୃଣମୂଳ ସ୍ତରରେ ଦଳକୁ ଆହୁରି ସଂଗଠିତ ଓ ମଜଭୁତ କରି ଲୋକଙ୍କ ସ୍ୱାର୍ଥରେ କାମ କରିବା ପାଇଁ ଆହ୍ୱାନ କରିଥିଲେ । ବାଲିଆପାଳ ବ୍ଲକ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମୁଖ୍ୟ ଅତିଥି ବିଧାୟିକା ଶ୍ରୀମତୀ ଜେନା ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆଜିର ଜନ ସଂପର୍କ ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ,ବରିଷ୍ଠ ନେତା ଅଜୟ ସାମଲ,ଚକ୍ରଧର ଗିରି,ଭଗବାନ ଗିରି,ମହେଶ୍ୱର ଜେନା,ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର,ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ,ବେଣୁଧର ଜେନା, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ,ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର,ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ପୂର୍ବତନ ସରପଞ୍ଚ ଶରତ ପ୍ରଧାନ,ବିଜୟ କୃଷ୍ଣ ବେହେରା,ମନ୍ମଥ ଗିରି,ସପନ ଦାସ, ହରେକୃଷ୍ଣ ଜେନା,ମୃତ୍ୟୁଞ୍ଜୟ ନାୟକ, ସନ୍ତୋଷ ଗିରି,ଧର୍ମପଦ ଗିରି, ନିତ୍ୟାନନ୍ଦ ଜେନା,ଜଗବନ୍ଧୁ ଜେନା, ସରୋଜ ଦାସ,ଶ୍ରୀକାନ୍ତ ନାଥ,ବ୍ଲକ ଛାତ୍ର ସଭାପତି ସୁଶାନ୍ତ ବେହେରା, ରଞ୍ଜିତା ତୁଙ୍ଗ,ସୁଲତା ନାୟକ ପ୍ରମୁଖ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତା ଏବଂ ଶହ ଶହ ପୁରୁଷ ମହିଳା କର୍ମୀ ଏଥିରେ ସାମିଲ ହୋଇଥିଲେ ।

# ଦିବ୍ୟାଂଶୁ ଗିରିଙ୍କର ଚତୁର୍ଥ ଶୁଭ ଜନ୍ମ ଦିନ ପାଳିତ

ରୂପ୍ସା, ୦୨/୧୦ (ନି.ପ୍ର): ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀ ମହୋଦୟ, ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା, କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁ ଲତା ବେହେରା ପ୍ରମୁଖ। ଉପସ୍ଥିତ ଥିଲେ, ପିତା ଶ୍ରୀଯୁକ୍ତ ରାକେଶ ଗିରି-ମାତା ମୁନିମତୀ ଜୟସ୍ମିତା ଗିରି, ଉପାଧ୍ୟକ୍ଷା ମୁନି ରାଜ୍ଞୀ କନକଲତା ମହାପାତ୍ର, ବିମଳା ଲେଙ୍କା, ନିନ ସାହୁ, ବାସନ୍ତୀ ମାହାଳିକ, ଉର୍ମିଳା ରାଉଳ, ବାସନ୍ତୀ ପରିଡା, ସୁମତୀ ଦେହେରା, କୁନୀ ମାଝି, ଯମୁନା



ବର, ମୁନି ଗଣେଶ୍ୱର ବର, ଜଗଦିଶ ପରିଡା, ସତ୍ୟ ସେନାପତି, ମୁନି କୁମାର ତାପସ ପ୍ରମୁଖ।ପ୍ରଥମେ ସମୂହ ପ୍ରଣବ, ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମାନ ଦିବ୍ୟାଂଶୁ ଗିରିଙ୍କୁ, ନିରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭ ସମୂହ ଆଶୀର୍ବାଦ ପ୍ରଦନ କରାଯାଇ ଥିଲା। ଶେଷରେ ଜେଜେମା ଜାହ୍ନବୀ ଗିରି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାମ୍ର ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପାରାଦୀପ ରିଫାଇନରୀରେ ଗାନ୍ଧୀ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଦିବସ ପାଳିତ

ପାରାଦ୍ୱୀପ , ୦୨/୧୦ (ନି.ପ୍ର): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀପକ୍ଷରୁ ଗାନ୍ଧୀ ଜୟନ୍ତୀ ଏବଂ ସ୍ୱଚ୍ଛ ଭାରତ ଦିବସ ପାଳିତ ହେଇଥିଲା । ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜନ୍ମ ବାର୍ଷିକକୁ ଦେଶଭକ୍ତିର ଉତ୍ସାହ ସହିତ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ପାଳନ କରାଯାଇଥିଲା । ଏହି ଅବସରରେ ବରିଷ୍ଠ ଅଧିକାରୀ, ସଂଗଠନର ସଦସ୍ୟ ତଥା ଅନ୍ୟ



ଅତିଥିମାନଙ୍କ ଉପସ୍ଥିତିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ ପୁଷ୍ପମାଲ୍ୟ ଅର୍ପଣ କରି ବାପୁଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗାନ୍ଧିଜୀଙ୍କ ଶିକ୍ଷାକୁ ମନେ ପକାଇ ଶ୍ରୀ ବସୁ କହିଥିଲେ ଯେ ସରଳତା, ସତ୍ୟ ଏବଂ ଅହିଂସା ପରି ମୂଲ୍ୟଗୁଡିକ ସମୟ ପରୀକ୍ଷିତ ଏବଂ ଚିରସ୍ଥାୟୀ ଅଟେ । ମହାତ୍ମା ଗାନ୍ଧୀ ସ୍ୱଚ୍ଛତାର ଜଣେ ଦୃଢପ୍ରୋତ୍ସାହକ ଥିଲେ ଏବଂ ଆମେ ସମସ୍ତେ ଆମର ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାର ମୂଲ୍ୟବୋଧକୁ ଉପଲବ୍ଧି କରିବା ଉଚିତ୍ ବୋଲି ସେ କହିଥିଲେ । ଶ୍ରୀ ବସୁ ସମସ୍ତଙ୍କୁ ସ୍ୱଚ୍ଛତାର ଶପଥ ପାଠ ମଧ୍ୟ କରାଇଥିଲେ । ଏହି ଅବସରରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଚାର କରିବା ପାଇଁ ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସ୍ୱଚ୍ଛତାର କେନ୍ଦ୍ରୀୟ ବିଷୟବସ୍ତୁ ଉପରେ ଏକ 'ନୁକ୍କଡ଼ ନାଟକ' ପରିବେଷିତ କରାଯାଇଥିଲା। ସ୍ୱଚ୍ଛତା ହିଁ ସେବା ଅଭିଯାନର ସମାପନକୁ ଚିହ୍ନିତ କରି ଏହି କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଭାରତ ଦିବସ ଭାବରେ ପାଳନ କରାଯାଇଥିଲା।

# ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ



ନୀଳଗିରି , ୦୨/୧୦ (ନି.ପ୍ର): ସ୍ୱଚ୍ଛତା ହିଁ ସେବା । ସେବା କରିବା ଏକ ଉନ୍ନତ ମାନସିକତାର ପରିଚୟ ବୋଲି ପବିତ୍ର ଗାନ୍ଧୀଜୟନ୍ତୀରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ୟୁଥ୍ ରେଡ୍ କ୍ରସ୍ ଦ୍ୱାରା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ନୀଳଗିରି ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଗାନ୍ଧୀଜୟନ୍ତୀ ଅବସରରେ ୟୁଥ୍ ରେଡ୍ କ୍ରସର ଅଫିସର ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ହାରାହାରି ପଚିଶରୁ ଉର୍ଦ୍ଧ୍ୱ ଛାତ୍ରୀ ନୀଳଗିରି ଚିକିତ୍ସାଳୟରେ ଯୋଗଦାନକରି ଚିକିତ୍ସାଳୟର ସମ୍ପୂର୍ଣ୍ଣ ପରିସରକୁ ସଫେଇ କରିଥିଲେ । ଛାତ୍ରୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଧାୟକ ଶ୍ରୀଯୁକ୍ତ ଖଟୁଆ ମଧ୍ୟ ସଫେଇ କରିଥିବାର ଦେଖାଦେଇଛି । ଉକ୍ତ ସଫେଇ କାର୍ଯ୍ୟକ୍ରମରେ ୟୁଥ୍ ରେଡ୍ କ୍ରସ ତତଫରୁ ହେମଲତା ବେହେରା, ସାଇପ୍ରଭା ସ, ଦୀପାଞ୍ଜଳି ବାରିକ୍, ପ୍ରଜ୍ଞାପରମିତା ବାରିକ୍, ସୁମିତ୍ରା ବେହେରା, ଅନିତା ମହାଳିକ, ଜୟଶ୍ରୀ ବେହେରା, ଜୟଶ୍ରୀ ପଣ୍ଡା, ସ୍ଥିତିପ୍ରଜ୍ଞା ମହାନ୍ତି , ମାନସି ମାଝି, ସୁଭଦ୍ରା ବେହେରା, ରୀତା ସିଂ,ରିମଝିମ୍ ପରିଡ଼ା, ନିବେଦିତା ମହାପାତ୍ର, ଅଙ୍କିତା ଦାସ, ଜ୍ୟୋତ୍ସ୍ନାରାଣୀ ଶିଆଳ, ଶ୍ରାବଣୀ ବିଶ୍ୱାଳ, ରୂପାଲି ମଲ୍ଲିକ, ଇତିଶ୍ରୀ ରାଉତ, ପୂଜା ସାହୁ, ଗାୟତ୍ରୀ ମଲ୍ଲିକ, ମୋନାଲିସା ନାୟକ, ପ୍ରତିମା ସିଂ ଯୋଗଦାନ କରିଥିଲେ । ଏପରି କାର୍ଯ୍ୟକ୍ରମକୁ ଚିକିତ୍ସାଳୟ ଓ ସମସ୍ତ ଜନସାଧାରଣଙ୍କ ତରଫରୁ ସାଧୁବାଦ ପ୍ରଦାନ କରାଯାଇଛି ।

# ସୁବର୍ଣ୍ଣରେଖା ପ୍ରେସ କ୍ଲବ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ



ଲଙ୍ଗଳେଶ୍ୱର ୦୨/୧୦(ନି ପ୍ର ) ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ଓ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ବ୍ଲକ ଛକ ଏସ କେ ଜି ଟ୍ରଷ୍ଟ ସମ୍ମିଳନୀ କକ୍ଷ ରେ ମହାତ୍ମା ଗାନ୍ଧୀ ଓ ଲାଲ ବହାଦୁର ଶାସ୍ତ୍ରୀ ଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରାକ୍ତନ ଡି ଆଇ ସୁବାସ ଚନ୍ଦ୍ର ଚୌଧୁରୀ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ଆବାହକ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, କୃପାସିନ୍ଧୁ ପଣ୍ଡା ବିବରଣୀ, ସଦାଶିବ ସେଠୀ ମଞ୍ଚ ଆହ୍ୱାନ କରିଥିଲେ। ଅତିଥି ଭାବେ ସୈନିକ ସଂଗଠନ ସଭାପତି କମଳ ଲୋଚନ ପିଳା, ଶିକ୍ଷାବିତ ମନ୍ମଥ କୁମାର ସାହୁ, ବିଜୟ କୁମାର ପାତ୍ର,ଶିଶିର କୁମାର ଖଣ୍ଡା, ହରେକୃଷ୍ଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ, ଦିଲ୍ଲିପ କୁମାର ଦାସ, ବୀର ମାଧବ ଦାସ, ସଞ୍ଜୟ ଗିରି, ଜ୍ୟୋତି ରଞ୍ଜନ ପଟ୍ଟାୟତ, ହରେକୃଷ୍ଣ ତ୍ରିପାଠୀ,ରାଧା କୃଷ୍ଣ ଜେନା, ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀ, ପ୍ରତିମା ଜେନା, କବିତା ଗିରି, ଗୋପାଳ କୃଷ୍ଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଭୀଷ୍ମ ଚରଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ତାରେ ବିଜେଡିର ପଦଯାତ୍ରା

ବସ୍ତା , ୦୨/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜନ ସମ୍ପର୍କ ପଦଯାତ୍ରା ବସ୍ତା ଗାନ୍ଧୀ ଛକ ଠାରୁ ଆରମ୍ଭ ହୋଇ ସଦାନନ୍ଦ ପୁର ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାରେ ବସ୍ତା ବିଧାୟିକା ସୁବାସିନୀ ଜେନା ସହିତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ । ଏହି ଜନ ସମ୍ପର୍କ ପଦଯାତ୍ରା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ



ଚାଲୁ ରହିବ । ଏହି ଉପଲକ୍ଷେ ବିଜୁ ଜନତା ଦଳ ପ୍ରତ୍ୟକ ଗାଁକୁ ଯାଇ ଦଳର ଉନ୍ନତି ମୂଳକ କାର୍ଯ୍ୟକ୍ରମ ଉପରେ ଲୋକଙ୍କୁ ବୁଝାଇବ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବ ବୋଲି ବିଧାୟିକା ସୁବାସିନୀ ଜେନା କହିଛନ୍ତି,ଏହି କାର୍ଯ୍ୟକ୍ରମ ଅବସରରେ ଗାନ୍ଧୀ ଛକରେ ମହାତ୍ମାଗାନ୍ଧୀଙ୍କୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ କରିଥିଲେ ।

# କପ୍ତିପଦାରେ ଏକଲବ୍ୟ ଆବାସିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ




କପ୍ତିପଦା,୨/୧୦(ନି ପ୍ର)- କପ୍ତିପଦା ବ୍ଲକ ଅନ୍ତର୍ଗତ ବେଲଡିହା ଗ୍ରାମଠାରେ ନୂତନ କରି ସ୍ଥାପିତ ହୋଇଥିବା ଏକଲବ୍ୟ ଆବାସିକ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ହୋଇଯାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମୁଖ୍ୟଅତିଥିଭାବେ ସ୍ଥାନୀୟ ବିଧାୟକ ଭାସ୍କର ମଢେଇ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆଦିବାସୀ ପିଲାମାନଙ୍କୁ ଶିକ୍ଷିତ କରାଇବା ପାଇଁ ଏହିସବୁର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତାଭାବେ ପିଏ ଆଇଟିଡିଏ ନରେନ୍ଦ୍ର ଖମାରୀ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସୋରେନ୍, ତହସିଲଦାର ନନ୍ଦିତା କୁଜୁର, ଆଇଆଇସି ପ୍ରଭଂଜନ ବେହେରା, ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ, ଏବିଡିଓ ବିଦ୍ୟାଭାରତୀ ନାୟକ, ଏଡିଡ୍ଲୁଓ ଲିପିପୁଷ୍ପା ଦାସ, ଜିଲ୍ଲା ପରିଷଦ ସଦସ୍ୟ ଶିରୁ ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ଆଲେକଜାଣ୍ଡାର ଖାନ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତି ଉଦ୍ୟୋଗ ଯୋଜନାରେ ୪୮ଜଣଙ୍କୁ ଏକ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଉକ୍ତ ବିଦ୍ୟାଳୟରେ ଜନଜାତି ସଂପ୍ରଦାୟର ଷଷ୍ଠ ଶ୍ରେଣୀରେ ୩୦ଜଣ ବାଳକ ଓ ୩୦ଜଣ ବାଳିକା ଆସନ୍ତା ଶିକ୍ଷାବର୍ଷରୁ ଛାତ୍ରାବାସରେ ରହି ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠପଢିବେ ବୋଲି କୁହାଯାଇଛି । ବିଧାୟକ ଶ୍ରୀ ମଢେଇ ଓ ପିଏ ଆଇଟିଡିଏ ଶ୍ରୀ ଖମାରୀ,ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଖାନ୍ ଓ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀ ମଲ୍ଲିକ ପ୍ରମୁଖ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ । ପରେ ବିଦ୍ୟାଳୟର ଉଦ୍‌ଘାଟନ ଫଳକକୁ ବିଧାୟକ ଶ୍ରୀ ମଢେଇ ସ୍ୱିଚ୍ ଟିପି ଉନ୍ମୋଚନ କରିଥିଲେ ।

# କଣ୍ଟାପାଳ ହାଇସ୍କୁଲରେ ଗାନ୍ଧୀ ଜୟନ୍ତୀ ପାଳିତ

ବାରିପଦା, ୦୨/୧୦ (ନି.ପ୍ର): ଶାମାଖୁଣ୍ଟା ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ , କଣ୍ଟାପାଳ ପରିସରରେ ପବିତ୍ର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀ ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥଲା । ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଉଭୟ ବରପୁତ୍ର ଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ' ସ୍ୱଚ୍ଛତା ହିଁ ସେବା ' କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥଲା । ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେତନଟୀ ବ୍ଲକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ ଓ ଗାନ୍ଧୀ ଜୟନ୍ତୀ ପାଳିତ

ବେତନଟୀ, ୦୨/୧୦ (ନି.ପ୍ର): ବେତନଟୀ ବ୍ଲକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ ବେତନଟୀ ଡାକବଙ୍ଗଳା ଠାରେ ପାଳିତ ହୋଇଯାଇଛି । ପବିତ୍ର ମହାଳୟା ଦିନ ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କ ଉଦ୍ୟମରେ ଏହି ବେତନଟୀ ବ୍ଲକ ସାମ୍ବାଦିକ ସଂଘ ଆରମ୍ଭ ହୋଇଥିଲା । ତେଣୁ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଅଧ୍ୟକ୍ଷ ଅଜୟ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତି ଓ ଦିବଂଗତ ସାମ୍ବାଦିକଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯିବା ସହିତ ସ୍ମୃତିଚାରଣ କରାଯାଇଥିଲା । ଉପସ୍ଥିତ



ସାମ୍ବାଦିକ ମାନେ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ସହିତ ମହାତ୍ମା ଗାନ୍ଧୀ ଓ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ଏହି କାର୍ଯ୍ୟକର୍ମରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ସର୍ବେଶ୍ୱର ମହାନ୍ତ, ଉପସଭାପତି ଗତିକୃଷ୍ଣ ମହାନ୍ତ, ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ସାମଲ, ଆଶିଷ ଦାସ, ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ବାରିକ, ଚିନ୍ମୟ ମିଶ୍ର ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ଉପସଭାପତି ସୋନା ଖାତୁନ, ରଞ୍ଜିତା କର,କୁମୁଦିନୀ ମହାନ୍ତ, ମନିଲତା ବଳା, ମିନତୀ ସାହୁ , ଅନିନ୍ଦିତା ସାହୁ ଓ ମାଳତୀ ପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଉପସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହାଣୀ କପ୍ ଫୁଟବଲ୍ - କଟକ ସେମି ଫାଇନାଲରେ



ପାରାଦ୍ୱୀପ, ୦୨/୧୦ (ନି.ପ୍ର): ପାରାଦୀପ ବନ୍ଦର ଓ ଓଡ଼ିଶା ଫୁଟବଲ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ଆନ୍ତଃ ଜିଲ୍ଲା ଜୋନ ସ୍ତରୀୟ ୬୩ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକ ଦଳ ଭୁବନେଶ୍ୱର ଦଳକୁ ୫-୧ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଖେଳର ପ୍ରଥମାର୍ଦ୍ଧରେ କଟକ ଦଳ ସୁନ୍ଦର ଖେଳ ପ୍ରଦର୍ଶନ କରି ୨-୦ ଗୋଲ ବ୍ୟବଧାନରେ ଅଗ୍ରଣୀ ଲାଭ କରିଥିଲା । ଖେଳର ଦ୍ୱିତିୟ ଭାଗରେ କଟକ ଦଳ ଆଉ ୩ଟି ଗୋଲ ଦେଇଥିଲା ଓ ଭୁବନେଶ୍ୱର ଦଳ ୧ଟି ଗୋଲ ଦେଇଥିଲା ଫଳରେ କଟକ ଦଳ ୫-୧ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା । କଟକ ଦଳ ବାରିପଦା ଜୋନର ବିଜେତା ଦଳ ସହିତ ବାରିପଦା ଠାରେ ସେମି ଫାଇନାଲ ମ୍ୟାଚ ଖେଳିବ । ପାରାଦୀପ ବନ୍ଦରର ସହଯୋଗ ପାଇଁ ପାରାଦୀପ ଠାରେ ପ୍ରଥମ ଥର ସାହାଣୀ କପର ଜୋନ ସ୍ତରୀୟ ମ୍ୟାଚ ଅନୁଷ୍ଠିତ ହୋଇ ପାରିଛି । ଆଜିର ଏହି ମ୍ୟାଚକୁ ଦେଖିବା ପାଇଁ ଅନେକ ଦର୍ଶକ ତଥା ଖେଳପ୍ରେମୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ




ଖୋର୍ଦ୍ଧା, ୦୨/୧୦ (ନି.ପ୍ର): ସ୍ଥାନୀୟ ବି.ଜେ.ବି ଉଚ୍ଚ ବିଦ୍ୟାଳୟସ୍ଥିତ ଅଡିଟୋରିଅମରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଚଂଚଳ ରାଣା, ମୁଖ୍ୟବକ୍ତା ପ୍ରଫେସର ଡଃ ନାରାୟଣ ରାଓ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାପାଳ ସତ୍ୟ ଓ ଅହିଂସା ପଥରେ ଚାଲିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ଏବଂ ଗାନ୍ଧୀଜୀଙ୍କ ଆଦର୍ଶ ଜୀବନୀ ଉପରେ କିଛି ପ୍ରଶ୍ନ ପଚାରି ପିଲାମାନଙ୍କୁ ପୁରସ୍କୃତ କରିଥିଲେ । ବୈଠକ ପ୍ରାରମ୍ଭରେ ସର୍ବ ଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଭଗବତ ଗୀତା ପି. ଏନ. କଲେଜ ଅଧ୍ୟାପକ ସୁଶାନ୍ତ ମିଶ୍ର, ମାନୁଏଲ କରାଡୋ ବାଇବେଲ ଓ ମୌଲବୀ ଫତିବୁଦ୍ଧାନ ଖାଁ କୋରାନ ପାଠ କରିଥିଲେ । ଓଡିଆ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ,ଡିବେଟ୍ ରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ କପ ଏବଂ ମାନପତ୍ର ଦେଇ ଅତିଥି ପୁରସ୍କୃତ କରିଥିଲେ । ଏହି ଅବସରରେ ଗାନ୍ଧୀଙ୍କ ବିଚାର ଓ ଦର୍ଶନ କୁ ନେଇ ଏକ ଆଲୋଚନା କରାଯାଇଥିଲା । ଏଥିରେ ପ୍ରଫେସର ରାଓ, ଉମାଶଙ୍କର ପ୍ରସାଦ, ପ୍ରାକ୍ତନ ଅଧ୍ୟାପକ ଗୋପାଳ କୃଷ୍ଣ ଦାସ, ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ । ପ୍ରାତଃ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୁନ ପ୍ରଚାର କରାଯାଇଥିଲା । ପୂର୍ବାହ୍ନରେ ମହାତ୍ମା ଗାନ୍ଧୀଙ୍କ ସଚେତନତା ବାଣୀକୁ ନେଇ ଏକ ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ବିଜେବି ଉଚ୍ଚ ବିଦ୍ୟାଳୟ ଠାରେ ଶେଷ ହୋଇଥିଲା । ତେବେ ପଦଯାତ୍ରା ସମୟରେ ବ୍ୟାଙ୍କଛକ ନିକଟରେ ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ତଥା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପଦଯାତ୍ରା ରେ ଜିଲ୍ଲାପାଳ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଏନ. ସି. ସି., ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇଥିଲେ ।

# ଅବକାରୀ ଚଢାଉ ୧୫ ଲିଟର ପଶ୍ଚିମବଙ୍ଗ ମଦ ସହ ବାଇକ ଜବତ

ନୀଳଗିରି , ୦୨/୧୦ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଆଜି ସଜନାଗଡରେ ଚଢାଉ କରି ଜଣେ ଚୋରା ମଦ ବେପାରୀଙ୍କ ଠାରୁ ୧୫ ଲି ପଶ୍ଚିମବଙ୍ଗ ବିକ୍ରୟ ହୁଇସ୍କି ଜବତ କରିବା ସହିତ ଏକ ଓଡି - ୦୧ଟି-୩୮୮୨ ନମ୍ବରର ଏକ କଳା ପଲସର ଗାଡି ଜବତ କରିଛି ।ଉକ୍ତ ଅଭିଯୁକ୍ତ ଜଣକ ସଦର ଥାନା ଅଧୀନ ତାଳବରୀ ଗ୍ରାମର ଜିତୁ କୁମାର କରନ ବୋଲି ଜଣାପଡିଥିବା ବେଳେ କେସ ନଂ ୧୭୭/୨୪-୨୫ ରେ ତାଙ୍କୁ କୋର୍ଟ ଚାଲଣ କରାଯାଇଛି ।କରନ ବାଇକ ସହାୟତାରେ ସଜନାଗଡଠାରେ ଚୋରାରେ ମଦବିକ୍ରୟ କରୁଥିବା ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢାଉ ହୋଇଥିଲା। ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ଏଏସଆଇ ଜୟମାଧବ ଦାସପଟ୍ଟନାୟକ, କନେଷ୍ଟବଳ ତପନ ମଲ୍ଲିକ, ନାହାନ ମୁର୍ମୁ ସାମିଲ ଥିଲେ।

# ଉପଖଣ୍ଡସ୍ତରୀୟ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତି ପାଳିତ

ଉଦଳା , ୦୨/୧୦ (ନି.ପ୍ର): କପ୍ତିପଦା ଉପଖଣ୍ଡ ସ୍ତରୀୟ ଗାନ୍ଧି ଓ ଶାସ୍ତ୍ରୀ ଜୟନ୍ତି ଉଦଳା ଠାରେ ପାଳିତ ହୋଇ ଯାଇଛି । ଭକ୍ତିଜ୍ଞାନ ସଂଚାର ସେବା ସମିତି, ଉଦଳା ତରଫରୁ ଆୟୋଜିତ ଏହି ଜୟନ୍ତି ଉତ୍ସବ ଅବସରରେ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲିପ କୁମାର ଦୀକ୍ଷିତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ଦେଶକୁ ସ୍ୱାଧିନ କରିବାରେ ମହାତ୍ମାଗାନ୍ଧି ଓ ଲାଲବାହାଦୁର ଶାସ୍ତ୍ରୀଙ୍କର ଭୂମିକା କିପରିଥିଲା ବକ୍ତବ୍ୟ ମାଧ୍ୟମରେ କହିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା




ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମହାତ୍ମାଗାନ୍ଧିଙ୍କ ପାଇଁ ଆମେ ଭାରତବାସୀ କିପରି ଆଜି ସମଗ୍ର ପୃଥିବୀରେ ଆମର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛୁ ଓ ତାସକେଣ୍ଟ ଚୁକ୍ତି ପାଇଁ ଲାଲବାହାଦୁର ଶାସ୍ତ୍ରୀଙ୍କ ସାହସିକତାକୁ ଆମେ କେବେ ଭୁଲିପାରିବୁ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ ଓ ଡ଼. ଶ୍ୟାମସୁନ୍ଦର ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ଦାସବାବୁ, ଭକ୍ତିଜ୍ଞାନ ସଂଚାର ସେବା ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ, ଅବସରପ୍ରାପ୍ତ କୃଷି ନିର୍ଦ୍ଦେଶକ ପରେଶଚନ୍ଦ୍ର ସାହୁ, ପ୍ରମିଳା ଜେନା ପ୍ରମୁଖ ଅଂଶଗ୍ରହଣ କରି ଦେଶ ଗଠନରେ ଦୁଇ ମହାତ୍ମାଙ୍କର ଅବଦାନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ ।ଆମର ହସ୍ତଗତ ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo